JMC-10
BLOCK- 4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା

## Odisha State Open University
Sambalpur, Odisha

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

ଗଣମାଧ୍ୟମ ସମାଜବିଜ୍ଞାନ

## ଏକ ଉତ୍ପାଦ ଭାବରେ ଗଣମାଧ୍ୟମର ବିଷୟବସ୍ତୁ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

## JMC-10

## ଗଣମାଧ୍ୟମ ସମାଜ ବିଜ୍ଞାନ

ବ୍ଲକ୍-୦୪

## ଏକ ଉତ୍ପାଦ ଭାବରେ ଗଣମାଧ୍ୟମର ବିଷୟବସ୍ତୁ


ୟୁନିଟ୍ -୧ ଅସମକାଳୀନ ପରିଶୋଧକ ଭାବେ ସହମତ ଗଣମାଧ୍ୟମର ଉତ୍ପାଦନ

ୟୁନିଟ୍ -୨ ଫ୍ଲାକ୍‌ର ପ୍ରଯୋଜକଗଣ - ଚୋମ୍‌ସ୍କି ଏବଂ ହରମାନ୍‌ଙ୍କ ଯୁକ୍ତି ସମୂହ

ୟୁନିଟ୍ -୩ ନୈତିକ ଆତଙ୍କ: ପ୍ରଚାର ପ୍ରସାର ନିମନ୍ତେ ଗଣମାଧ୍ୟମ ଏକ ସାଧନ

ୟୁନିଟ୍ -୪ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ବିଭ୍ରାନ୍ତିକର ସୂଚନାର ପ୍ରଚାର

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେ଼ଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,** ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

## ମୂଳ ଇଂରାଜୀ ଅନୁବାଦ ସମ୍ପାଦନା

**ଅଙ୍କିତା**, ଅତିଥି ଅଧ୍ୟାପିକା**, ଏନ୍‌ଆଇଇପି, ପାଟନା**

**ଡ. ଏନ୍. ତାମିଲ୍‌ସେଲଭି**, ବିଭାଗ ମୁଖ୍ୟ, କ୍ୱାଇଦେ ମିଲେଥ୍ ଇଣ୍ଟରନ୍ୟାସନାଲ୍ ଏକାଡେମୀ ଅଫ୍ ମିଡିଆ ଷ୍ଟଡିଜ୍

**ଅନୁବାଦ- ସୌମ୍ୟା ସାରସ୍ୱତା ପଣ୍ଡା, ସହକାରୀ ପ୍ରଫେସର, ନକ୍ଷତ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍, ଭୁବନେଶ୍ୱର**

**ସମ୍ପାଦନା- ରାକେଶ କୁମାର ଦାଶ, ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021. **MEDIA CONTENT AS A PRODUCT** is made available under a Creative Commons Attribution-Share Alike 4.0
http://creativecommons.org/licences/by-sa/4.0

Printed by :

## ୟୁନିଟ୍– ୧: ଅସମକାଳୀନ ପରିଶୋଧକ ସମୂହ ଭାବେ ସହମତ ଗଣମାଧ୍ୟମର ଉତ୍ପାଦନ


୧.୦: ବିଷୟର ଗଠନ

- ୧.୧: ପଠନର ଉଦ୍ଦେଶ୍ୟ
- ୧.୨: ସଂଜ୍ଞା
- ୧.୩: ଉଦ୍ଭବ
- ୧.୪: ପ୍ରୋପାଗାଣ୍ଡା (ପ୍ରଚାର ପ୍ରସାର) ମଡେଲ୍
- ୧.୫: ଗଣମାଧ୍ୟମର ପାଞ୍ଚଟି ପରିଶୋଧକ
  - ୧.୫.୧: ମାଲିକାନା
  - ୧.୫.୨: ବିଜ୍ଞାପନ
  - ୧.୫.୩: ଉତ୍ସ
  - ୧.୫.୪: ଫ୍ଲାକ୍ (କଟୁ ସମାଲୋଚନା)
  - ୧.୫.୫: ସାମ୍ୟବାଦ– ବିରୋଧୀ
- ୧.୬: ବିଷୟ ସାରାଂଶ
- ୧.୭: ଆସ ପ୍ରଗତି ମାପିବା


### ୧.୧: ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି

କ) ଅସମକାଳୀନ ପରିଶୋଧକ ଭାବେ ସହମତ ଗଣମାଧ୍ୟମର ଧାରଣା ଏବଂ ସଂଜ୍ଞାକୁ ବୁଝିବା।

ଖ) ପ୍ରୋପାଗାଣ୍ଡା (ପ୍ରଚାର ପ୍ରସାର) ମଡେଲ ଏବଂ ଗଣମାଧ୍ୟମର ପାଞ୍ଚଟି ଫିଲ୍ଟର୍‌କୁ ବୁଝିବା।

### ୧.୨: ଭାରତରେ ଲିଙ୍ଗଗତ ସମାନତା କିମ୍ବା ଅସମାନତା

'ଉତ୍ପାଦନ ସହମତି'ର ସଂଜ୍ଞାକୁ, ଏକ ବ୍ୟବସ୍ଥା ସୃଷ୍ଟି କରିବା ଯେଉଁଥିରେ ନାଗରିକମାନେ ଆଗ୍ରହୀ ଏବଂ ଆଜ୍ଞାଧୀନ, ସହମତ ଏବଂ ପ୍ରଶ୍ନ ପଚାରନ୍ତି ନାହିଁ, କିଛି ନିୟମ ଏବଂ ଉଦାହରଣକୁ ମାନିଥାନ୍ତି ଯାହା ଗଣମାଧ୍ୟମ ଏବଂ ବାଣିଜ୍ୟବାଦ ଜରିଆରେ କରାଯାଇଥିବା କର୍ପୋରେଟ୍ ପ୍ରାୟୋଜିତ ପ୍ରଚାର, ଯାହା କି ବଳିଷ୍ଠତା କୌଶଳ ମାଧ୍ୟମରେ ପ୍ରାପ୍ତ ଆଜ୍ଞାକାରିତାର ବିପରୀତ ହୋଇଥାଏ ବୋଲି ବୁଝାଯାଇପାରେ।

ଏକଦଳୀୟ ସମାଜରେ ନୀତି ନିର୍ଣ୍ଣୟ କରିବା ସମୟରେ ଜନମତ ବିଶେଷ କିଛି ଗୁରୁତ୍ୱ ରଖେ ନାହିଁ। ଯେହେତୁ ଏଭଳି ସରକାରର ବୈଧତା ଶାସିତମାନଙ୍କ ସହମତି ଉପରେ ପର୍ଯ୍ୟବସିତ ହୋଇ ନଥାଏ, ବରଂ ଅଳ୍ପ କିଛି ରାଜନୀତିକ ସମ୍ଭ୍ରାନ୍ତଙ୍କ ଭଳି ଅଳ୍ପ କେତେକ ଲୋକଙ୍କ ସହମତିକୁ ଆଧାର କରିଥାଏ, ତେଣୁ ଗଣମାଧ୍ୟମ ଜନମତକୁ ରୂପରେଖ ପ୍ରଦାନ କରିବା ଆବଶ୍ୟକ ହୋଇ ନଥାଏ।

ଅନ୍ୟ ପକ୍ଷରେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରୀ ସଂସ୍ଥାଗୁଡ଼ିକ ଉପରେ ଅସନ୍ତୁଷ୍ଟ ନାଗରିକମାନେ ଶୋଷଣକାରୀ ପ୍ରତିନିଧି ଯେଉଁମାନେ ନିଜକୁ ପ୍ରାକୃତିକ ଭାବେ ଶାସକ ଭାବିଥାନ୍ତି, ସେମାନଙ୍କୁ ହଟାଇ ଦେବାର ଯଥେଷ୍ଟ କ୍ଷମତା ରଖିଥାନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ, ରାଷ୍ଟ୍ରର ବୈଧତା 'ଲୋକମାନଙ୍କର ସରକାରଙ୍କୁ ନେଇ ବାହ୍ୟ ଏବଂ ଅନ୍ତର୍ନିହିତ ସମ୍ମତି' କିମ୍ବା 'ଲୋକମାନଙ୍କର ଇଚ୍ଛା' ଉପରେ ପର୍ଯ୍ୟବେକ୍ଷିତ। ଏଣୁ, ନାଗରିକମାନଙ୍କର ଅସନ୍ତୋଷ ସାମ୍ପ୍ରତିକ ଶାସକମାନଙ୍କୁ ଗାଦିଚ୍ୟୁତ କରିଦେଇପାରେ। ଏଭଳି ପରିସ୍ଥିତିରେ ନୀତିଗତ ଧାରଣା ଏବଂ ମତାମତ ଗଠନ କରିବା ପାଇଁ ଗଣମାଧ୍ୟମକୁ ସନ୍ତୁଷ୍ଟ କରି ବ୍ୟବହାର କରିବା ଅନିବାର୍ଯ୍ୟ ହୋଇ ପଡ଼ିଥାଏ। ଏହା ସମାଜର ରାଜନୈତିକ ନେତୃବୃନ୍ଦଙ୍କ ଦ୍ୱାରା କରାଯାଇଥାଏ।

ଅଧିକନ୍ତୁ, ଅନ୍ୟାନ୍ୟ ଶକ୍ତିଶାଳୀ ଗୋଷ୍ଠୀ ଅଛନ୍ତି, ଯେଉଁମାନେ ଉତ୍ପାଦନ, ସଂଖ୍ୟାଗରିଷ୍ଠ ଧାରଣା ଏବଂ ବଜାର ଉପରେ ଉଲ୍ଲେଖନୀୟ କର୍ତ୍ତୃତ୍ୱ ରଖିଥାନ୍ତି। ଏଗୁଡ଼ିକ ହେଉଛନ୍ତି ପୁଞ୍ଜିବାଦୀ ନିଗମ ସମୂହ। ଉଭୟ ରାଜ୍ୟ ଏବଂ ପୁଞ୍ଜିବାଦୀ ଶକ୍ତିଗୁଡ଼ିକ ସେମାନଙ୍କ ନିଜର ଲକ୍ଷ୍ୟ- ଯଥାକ୍ରମେ ଶକ୍ତି ପ୍ରଦର୍ଶନ କରିବା ଏବଂ ଲାଭ ହାସଲ କରିବାର ତୃଷ୍ଣା ମେଣ୍ଟାଇବା ପାଇଁ ସମାଜର ଗତିପଥକୁ ରୂପ ଦେବା ପାଇଁ ଉଦ୍ୟମ କରିଥାନ୍ତି। କିନ୍ତୁ ଉଦାରବାଦୀ ଗଣତନ୍ତ୍ରଗୁଡ଼ିକରେ ଏହି ଲକ୍ଷ୍ୟଗୁଡ଼ିକ ହାସଲ କରିବା ସହଜ ନୁହେଁ।

ଗଣତନ୍ତ୍ରର ରାଜନୈତିକ ଗଠନ ଏହି ପ୍ରକ୍ରିୟାରେ ନିଜକୁ ଧ୍ୱଂସ ନ କରି ଲୋକମାନଙ୍କୁ ଏହାର ବ୍ୟକ୍ତିଗତ ଉପାଦାନକୁ ବଦଳାଇ ଦେବାର ସୁଯୋଗ ପ୍ରଦାନ କରିଥାଏ। ଏହାର ଏକ କାରଣ ଅଛି, ଯଦିଓ, ଏଭଳି ଅତ୍ୟାଧୁନିକ ଏବଂ ବିପରୀତମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଶୋଷଣ ଏବଂ ଦମନ ପରିପ୍ରେକ୍ଷୀରେ ଘଟି ନଥାଏ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ- ପରିବର୍ତ୍ତନର ଅସ୍ତ୍ର ଏବଂ ସତ୍ୟର ଦୂତ ଭାବରେ ଆବିର୍ଭୂତ ଗଣମାଧ୍ୟମ- ଜନମତକୁ ରୂପରେଖ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଆଧୁନିକ ବିଶ୍ୱରେ ଲୋକମାନେ ବହନ କରୁଥିବା ମନୋଭାବକୁ ସ୍ଥିର କରିବାରେ ଗଣମାଧ୍ୟମ ଏକ ପ୍ରମୁଖ କାଟାଲିଷ୍ଟ/ଉତ୍ପ୍ରେରକ ଭାବରେ ସାବ୍ୟସ୍ତ ହୋଇ ଆସିଛି। ସମ୍ଭ୍ରାନ୍ତ ଶ୍ରେଣୀମାନଙ୍କର ବଳିଷ୍ଠ ନିୟନ୍ତ୍ରଣ ଭିତରେ ଗଣମାଧ୍ୟମ ପ୍ରଚାର ପ୍ରସାରର ବିପଦ ଦ୍ୱାରା ଆଚ୍ଛାଦିତ ହୋଇ ଯାଇଛି।

ଯେହେତୁ ସରକାରୀ ଏବଂ ନିଗମର ଲୋକମାନେ ହିଁ ହେଉଛନ୍ତି ସେହିସବୁ ବ୍ୟକ୍ତିବିଶେଷ ଯେଉଁମାନଙ୍କ ହାତରେ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାର ଶକ୍ତି ରହିଛି, ତେଣୁ ଗଣମାଧ୍ୟମ ଅବଶ୍ୟ ସେମାନଙ୍କ ହାତରେ ଏକ ପ୍ରଚାର ପ୍ରସାର ସୃଷ୍ଟି କରିବାର ଯନ୍ତ୍ର ପାଲଟି ଯାଏ, ଯଦ୍ଦ୍ୱାରା 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଣ୍ଟ୍' ସୃଷ୍ଟି ହୋଇଥାଏ।

## ୧.୩: ଉଦ୍ଭବ

ଏଡ୍‌ୱାର୍ଡ୍ ଏସ୍ ହରମାନ୍ ଏବଂ ନୋଆମ୍ ଚୋମ୍‌ସ୍କିଙ୍କ ପୁସ୍ତକ 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଂଟ୍: ଦ ଇକୋନୋମି ଅଫ୍ ମାସ୍ ମିଡିଆ'ରୁ 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଂଟ୍' ଶବ୍ଦର ଉତ୍ପତ୍ତି ଘଟିଛି। ଏଡ୍‌ୱାର୍ଡ୍ ଏସ୍ ହରମାନ୍ ଏବଂ ନୋଆମ୍ ଚୋମ୍‌ସ୍କିଙ୍କ ଅନୁସାରେ 'ଆମେରିକାର ଗଣ ଯୋଗାଯୋଗ ହେଉଛି ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ଆଦର୍ଶଗତ ସଂସ୍ଥା ଯାହା ବଜାରର ଶକ୍ତି ଉପରେ ଭରସା, ଆଭ୍ୟନ୍ତରୀଣ ଅନୁମାନ ଏବଂ

ଆତ୍ମ-ନିୟନ୍ତ୍ରଣ ଏବଂ ବିନା ବାଧବାଧକତା' ତଥା ଯୋଗାଯୋଗର ପ୍ରଚାର ମଡେଲ ଦ୍ୱାରା ବ୍ୟବସ୍ଥା-ସହାୟକ ପ୍ରଚାର କାର୍ଯ୍ୟ କରିଥାଏ। ସେମାନେ ଏହି ବିଚାର ସେମାନଙ୍କ ବହି 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଣ୍ଟ୍: ଦ ପଲିଟିକାଲ ଇକୋନୋମି ଅଫ୍ ଦ ମାସ୍ ମିଡିଆ'ରେ ୧୯୮୮ରେ ପ୍ରକାଶ କରିଥିଲେ। ସେମାନେ ନିଜର ପୁସ୍ତକରେ ଯୋଗାଯୋଗର ପ୍ରୋପାଗାଣ୍ଡା (ପ୍ରଚାର ପ୍ରସାର) ମଡେଲ/ନମୁନା ଉପରେ ସେମାନଙ୍କର ପ୍ରସ୍ତାବକୁ ଉପସ୍ଥାପିତ କରିଥିଲେ।

## ୧.୪: ପ୍ରଚାର ନମୁନା

'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଣ୍ଟ୍' ଶବ୍ଦକୁ ଭଲଭାବେ ବୁଝିବାକୁ ହେଲେ ହରମାନ୍ ଏବଂ ଚୋମ୍‌ସ୍କିଙ୍କ ପ୍ରୋପାଗାଣ୍ଡା ମଡେଲ୍‌କୁ ବୁଝିବା ଆବଶ୍ୟକ ହୋଇଥାଏ। ପ୍ରୋପାଗାଣ୍ଡା ମଡେଲ୍ ହେଉଛି ରାଜନୀତିକ ଅର୍ଥନୀତିରେ ଏକ ଧାରଣାଗତ ମଡେଲ୍ ଯାହା ଏଡ୍‌ୱାର୍ଡ୍ ଏସ୍. ହରମାନ୍ ଏବଂ ନୋଆମ୍ ଚୋମ୍‌ସ୍କିଙ୍କ ଦ୍ୱାରା ବିକଶିତ ହୋଇଛି। କର୍ପୋରେଟ୍ ଗଣମାଧ୍ୟମରେ କିପରି ପ୍ରଚାର ଏବଂ ବ୍ୟବସ୍ଥାଗତ ପକ୍ଷପାତ କାର୍ଯ୍ୟ କରିଥାଏ, ସେ ସମ୍ବନ୍ଧରେ ଏହି ମଡେଲ ବର୍ଣ୍ଣନା କରିଥାଏ। ଏହି ମଡେଲ୍ କିପରି ଲୋକମାନଙ୍କୁ ଅଦଳବଦଳ କରାଯାଏ ଏବଂ କିପରି ଏହି ପ୍ରଚାର ପ୍ରସାର କାରଣରୁ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ସହମତି ଜନସାଧାରଣଙ୍କ ମନ ଭିତରେ ସୃଷ୍ଟି ହୋଇଥାଏ, ତାହା ବର୍ଣ୍ଣନା କରିବାର ଉଦ୍ୟମ କରିଥାଏ। ଏହି ସିଦ୍ଧାନ୍ତ ଦର୍ଶାଇଥାଏ ଯେ କର୍ପୋରେଟ୍ ମିଡିଆ ଯେଉଁ ଉପାୟରେ ଗଠିତ ହୋଇଥାଏ (ଯଥା- ବିଜ୍ଞାପନ, ଗଣମାଧ୍ୟମ ମାଲିକାନାର ଏକାଗ୍ରତା, ସରକାରୀ ପାଣ୍ଠି ଇତ୍ୟାଦି ମାଧ୍ୟମରେ), ସେହି ସମାନ କଥା ଏକ ଅନ୍ତର୍ନିହିତ ସ୍ୱାର୍ଥର ଦ୍ୱନ୍ଦ୍ୱ ସୃଷ୍ଟି କରେ ଯାହା ଅଗଣତାନ୍ତ୍ରିକ ଶକ୍ତିମାନଙ୍କ ନିମନ୍ତେ ପ୍ରୋପାଗାଣ୍ଡା (ପ୍ରଚାରକ) ଭାବେ କାର୍ଯ୍ୟ କରିଥାଏ।

ଚୋମ୍‌ସ୍କିଙ୍କ ଅନୁସାରେ ଏକ ପ୍ରୋପାଗାଣ୍ଡା (ପ୍ରଚାର) ମଡେଲ୍ ସମ୍ପତ୍ତି ଏବଂ କ୍ଷମତାର ଏହି ଅସମାନତା ଉପରେ ଗୁରୁତ୍ୱାରୋପ କରିଥାଏ ଏବଂ ଏହା ଗଣମାଧ୍ୟମର ସ୍ୱାର୍ଥ ଏବଂ ପସନ୍ଦ ଉପରେ ବହୁସ୍ତରୀୟ ପ୍ରଭାବ ପକାଇଥାଏ। ଏହା ସେହି ପଥକୁ ଅନୁସରଣ କରେ ଯେଉଁ ପଥରେ ଖବରକୁ ଛାପିବା ନିମନ୍ତେ ପ୍ରସ୍ତୁତ କରିବା, ଅସନ୍ତୋଷକୁ ମାର୍ଜିତ କରିବା ଏବଂ ସରକାର ଓ ପ୍ରାଧାନ୍ୟ ବିସ୍ତାରକାରୀ ଘରୋଇ ସ୍ୱାର୍ଥାନ୍ୱେଷୀ ସଂସ୍ଥାଙ୍କୁ ସେମାନଙ୍କର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ପରିଶୋଧକ ଭାବେ କାର୍ଯ୍ୟ କରିବାକୁ ଅର୍ଥ ଏବଂ କ୍ଷମତା ଯୋଗାଇ ଦେବାରେ ସମର୍ଥ ହୋଇଥାଏ।

ଚୋମ୍‌ସ୍କି ଏବଂ ହରମାନ୍‌ଙ୍କ ପ୍ରୋପାଗାଣ୍ଡା ମଡେଲ୍‌ର ନିବନ୍ଧରେ କର୍ପୋରେଟ୍ ଗଣମାଧ୍ୟମ ଏକ ଲାଭ-ପରିଚାଳିତ ଅନୁଷ୍ଠାନ। ଏହା ପ୍ରାଧାନ୍ୟ ବିସ୍ତାରକାରୀ ଅର୍ଥାତ୍ ସମାଜର ଆଭିଜାତ୍ୟ ସମ୍ପନ୍ନ ଲୋକମାନଙ୍କର କାର୍ଯ୍ୟସୂଚୀ (ଏଜେଣ୍ଡା) ଏବଂ ଆଗ୍ରହ ଅନୁସାରେ ସେବା କରୁଥିବା ସଂସ୍ଥା ବୋଲି ବର୍ଣ୍ଣନା କରାଯାଇଛି। ଚୋମ୍‌ସ୍କି ମଧ୍ୟ ଏହି ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତିମାନଙ୍କୁ ସମାଲୋଚନା କରିବା କ୍ଷେତ୍ରରେ ଗଣମାଧ୍ୟମର ଅନିଚ୍ଛୁକତାର ଉଦାହରଣ ଦେଇଛନ୍ତି।

ପ୍ରଥମେ ସେମାନଙ୍କର ବହି 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଣ୍ଟ୍: ଦ ପଲିଟିକାଲ୍ ଇକୋନୋମି ଅଫ୍ ମାସ୍ ମିଡିଆ' ୧୯୮୮ରେ ଉପସ୍ଥାପିତ ହେଲା। ପ୍ରୋପାଗାଣ୍ଡା (ପ୍ରଚାର) ମଡେଲ୍ ଘରୋଇ ଗଣମାଧ୍ୟମକୁ ଜନସାଧାରଣଙ୍କୁ

ଉତ୍ତମମାନର ସମ୍ବାଦ ପରିବେଷଣ କରିବା ପରିବର୍ତ୍ତେ ଉତ୍ପାଦ ବିକ୍ରି ପାଇଁ- ପାଠକ ଏବଂ ଦର୍ଶକ- ଅନ୍ୟ ବ୍ୟବସାୟ ନିମନ୍ତେ (ବିଜ୍ଞାପନଦାତା) ଆଗ୍ରହୀ ସଂସ୍ଥା ଭାବେ ଦେଖିଥାଏ। ଗଣମାଧ୍ୟମର ସାମାଜିକ ଉଦ୍ଦେଶ୍ୟକୁ ବର୍ଣ୍ଣନା କରି ଚୋମ୍‌ସ୍କି ଲେଖିଛନ୍ତି- 'ସୀମାନ୍ତ ଉପାଦାନ/ଫ୍ରିଞ୍ଜ୍ ଏଲିମେଣ୍ଟ୍ କିମ୍ବା ଅପେକ୍ଷାକୃତ ଭାବେ ବିଦ୍ୱାନ୍‌ମାନଙ୍କର ଅସ୍ପଷ୍ଟ ସାହିତ୍ୟକୁ ବାଦ୍ ଦେଇ ଅନୁଷ୍ଠାନଗୁଡ଼ିକର ଅଧ୍ୟୟନ ଏବଂ ସେମାନେ କିପରି କାର୍ଯ୍ୟ କରୁଛନ୍ତି, ସେହି କାର୍ଯ୍ୟକୁ ଜାଣିଶୁଣି ଉପେକ୍ଷା କରାଯିବା ଆବଶ୍ୟକ।'

ଏହି ସିଦ୍ଧାନ୍ତ ପାଞ୍ଚଟି ଶ୍ରେଣୀର 'ପରିଶୋଧକ'କୁ ଉପସ୍ଥାପନ କରିଥାଏ, ଯାହା ଗଣମାଧ୍ୟମରେ ଉପସ୍ଥାପିତ ହେଉଥିବା ସମ୍ବାଦର ପ୍ରକାରକୁ ନିର୍ଦ୍ଧାରିତ କରିଥାଏ। ଏହି ପାଞ୍ଚଟି ଶ୍ରେଣୀ ହେଉଛି: ଗଣମାଧ୍ୟମର ମାଲିକାନା, ଗଣମାଧ୍ୟମର ପାଣ୍ଠି, ସୋର୍ସିଂ (ଉତ୍ସ), ଫ୍ଲାକ୍ (କଟୁ ସମାଲୋଚନା) ଏବଂ ସାମ୍ୟବାଦ- ବିରୋଧୀ ଚିନ୍ତାଧାରା। ପ୍ରଥମ ତିନୋଟି ଲେଖକଙ୍କ ଦ୍ୱାରା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଯୁକ୍ତରାଷ୍ଟ୍ର ଆମେରିକା ଉପରେ ୯/୧୧ ଆକ୍ରମଣ ପରେ ୨୦୦୧ରେ ପ୍ରକାଶିତ ସଂସ୍କରଣରେ ଚୋମ୍‌ସ୍କି ଏବଂ ହର୍‌ମାନ୍ 'ଆତଙ୍କବାଦ ବିରୋଧରେ ଯୁଦ୍ଧ' ଏବଂ 'ଆତଙ୍କବାଦ ନିରୋଧ' ସମ୍ପର୍କରେ ପଞ୍ଚମ ଶାଖାରେ ଅଧୁନାତନ (ଅପ୍‌ଡେଟ୍ )କରିଥିଲେ, ଯଦିଓ ସେମାନେ ଉଲ୍ଲେଖ କରିଛନ୍ତି ଯେ ଏହା ଅଧିକ ପରିମାଣରେ ସମାନ ଢଙ୍ଗରେ କାର୍ଯ୍ୟ କରେ।

ଯଦିଓ ଏହି ମଡେଲ୍ ମୁଖ୍ୟତଃ ଆମେରିକା ଗଣମାଧ୍ୟମର ବିଶେଷତ୍ୱ ଉପରେ ଆଧାରିତ, ଚୋମ୍‌ସ୍କି ଏବଂ ହରମାନ୍ ଏହା ବିଶ୍ୱାସ କରନ୍ତି ଯେ ଏହି ସିଦ୍ଧାନ୍ତ ପ୍ରତ୍ୟେକ ଦେଶ ପାଇଁ ଲାଗୁ ହୋଇଥାଏ ଯେଉଁଗୁଡ଼ିକ ମୌଳିକ ଅର୍ଥନୈତିକ ସଂରଚନା ଏବଂ ସାଙ୍ଗଠନିକ ନିୟମକୁ ଅନୁସରଣ କରିଥାନ୍ତି, ଯାହା ଏହି ମଡେଲ୍‌ର ପକ୍ଷପାତିତାକୁ ସ୍ୱୟଂସିଦ୍ଧ ଭାବେ ମାନି ନେଇଥାଏ। ସେମାନଙ୍କର ମୂଲ୍ୟାଙ୍କନ ଅନେକ ବିଦ୍ୱାନ ବ୍ୟକ୍ତିଙ୍କ ଦ୍ୱାରା ସ୍ଥିର କରାଯାଇଥାଏ ଏବଂ ଗଣମାଧ୍ୟମର ପ୍ରଚାର ଭୂମିକା ଇଂଲଣ୍ଡ, ଜର୍ମାନୀ, ସ୍ପେନ୍ ଏବଂ ଲାଟିନ୍ ଆମେରିକା ଭଳି ବିଭିନ୍ନ ଦେଶ ଏବଂ ଅଞ୍ଚଳରେ ସ୍ଥାୟୀ ରୂପେ ଅନୁଭୂତ ହୋଇଆସୁଛି।

ପ୍ରୋପାଗାଣ୍ଡା (ପ୍ରଚାର)ର ଧାରଣା ଦେଶର ଗଣମାଧ୍ୟମ ଏବଂ ଜନମତର ଧାରଣା ସହିତ ସୁଦୃଢ଼ ଭାବେ ଯୋଡ଼ିହୋଇ ରହିଥାଏ। ଅକ୍ସଫୋର୍ଡ ଡିକ୍ସନାରୀ(ଶବ୍ଦକୋଷ) ପ୍ରୋପାଗାଣ୍ଡାକୁ ଏହିଭଳି ବ୍ୟାଖ୍ୟା କରିଥାଏ ଯେ 'ଏହା ଏମିତି ଏକ ସୂଚନା, ଯାହା ବିଶେଷକରି ଏକ ପକ୍ଷପାତପୂର୍ଣ୍ଣ ବା ବିଭ୍ରାନ୍ତିକର ସ୍ୱଭାବର, ଯାହା ରାଜନୈତିକ କାରଣ କିମ୍ବା ସେହି ଦୃଷ୍ଟିକୋଣକୁ ପ୍ରୋତ୍ସାହିତ  କରିଥାଏ।' ବିଂଶ ଶତାବ୍ଦୀରୁ ଏବଂ ନୂତନ ଯୋଗାଯୋଗ ପ୍ରଯୁକ୍ତିର ଉଦ୍ଭାବନ ପରେ, ଗଣମାଧ୍ୟମ ପ୍ରଚାରର ସମ୍ପ୍ରସାରଣ ପାଇଁ ସର୍ବାଧିକ ସାଧାରଣ ଭାବେ ବ୍ୟବହୃତ ହେଉଥିବା ପ୍ରଭାବଶାଳୀ ଉପକରଣ ପାଲଟିଯାଇଛି। ପ୍ରଚାର ଉଦ୍ଦେଶ୍ୟରେ ଗଣମାଧ୍ୟମର ଅପପ୍ରୟୋଗ ମୁଖ୍ୟତଃ ନିରଙ୍କୁଶ କିମ୍ବା ଏକଦଳୀୟ ଶାସନ ସହିତ ସଂଶ୍ଲିଷ୍ଟ, ଯେଉଁଠାରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ଏବଂ ସେନ୍‌ସର୍ (କାଣ୍ଟଛାଣ୍ଟ) ବ୍ୟବସ୍ଥା ହେଉଛି ସାଧାରଣ।

କହିବା ବାହୁଲ୍ୟ, ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଅନେକ ବିଦ୍ୱାନ ଯଥା- ହରମାନ୍ ଲାସ୍‌ୱେଲ୍, ୱିଲିୟମ୍ ଆଲ୍‌ବିଗ୍ ଏବଂ ୱାଲ୍‌ଟର୍ ଲିପ୍‌ମ୍ୟାନ୍ ଯୁକ୍ତି ଦର୍ଶାଇଥିଲେ ଯେ ଉଦାରବାଦୀ ଏବଂ ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମ ମଧ୍ୟ ଏକ ପ୍ରଚାର ଉପକରଣ ଭାବେ ବ୍ୟବହୃତ ହୋଇଥାଏ।

ସେମାନଙ୍କର ଦୃଷ୍ଟିକୋଣ ଅନୁସାରେ ଗଣତାନ୍ତ୍ରିକ ସମାଜରେ ପ୍ରଚାରକୁ ସୂଚନା ଏବଂ ଜନମତର ପରିଚାଳନା ନିମନ୍ତେ ନିଜକୁ ପ୍ରତ୍ୟକ୍ଷ ଭାବେ ଜାହିର କରିବାକୁ ପଡ଼ିଥାଏ। ଅସାମାନ୍ୟ ନହୋଇ ଏହାକୁ ଆଧୁନିକ ଗଣତନ୍ତ୍ରର ମାନଦଣ୍ଡ ସମ୍ବନ୍ଧୀୟ ଦୃଷ୍ଟିକୋଣ (ନର୍ମେଟିଭ୍ ଆସ୍‌ପେକ୍ଟ) ବୋଲି ବୁଝିବା ଆବଶ୍ୟକ, ଯାହା ଏକ ଜଟିଳ ଏବଂ ବିଷମ ସମାଜରେ ସୁବ୍ୟବସ୍ଥା ସୃଷ୍ଟି କରିଥାଏ। ମାନଦଣ୍ଡ ସମ୍ବନ୍ଧୀୟ ଦୃଷ୍ଟିକୋଣ ଆଧୁନିକ ଏବଂ ବିଷମ ଗଣତନ୍ତ୍ରର ବିରୋଧାଭାସର ଫଳାଫଳ ହୋଇଥାଏ, ଯେଉଁଠାରେ ସରକାର ବିବିଧତା ଏବଂ ଜନମତର ବହୁବାଦ ଆଧାରରେ ତା'ର ନିଷ୍ପତ୍ତି ନେଇପାରି ନଥାନ୍ତି, ଯେତେବେଳେ କି ସମାନ ସମୟରେ ଏହା ଉପରେ ନିର୍ଭର କରିଥାନ୍ତି। ସମାଧାନ ହେଉଛି, ଯେହେତୁ, 'ସରକାର ମତାମତକୁ ଅନୁସରଣ କରିପାରିବେ ନାହିଁ, ମତାମତ ନିଶ୍ଚିତ ରୂପେ ସରକାରଙ୍କୁ ଅନୁସରଣ କରିବା ଉଚିତ। ଏଠାରେ ମୁଖ୍ୟ କଥା ହେଉଛି, ଜନସାଧାରଣଙ୍କୁ ତାହା ଦାବି କରିବାକୁ ଦେବା ଯାହାକୁ ସରକାର ପୂର୍ବରୁ ନିର୍ଣ୍ଣୟ କରିସାରିଥାନ୍ତି।' ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଏବଂ ସେନ୍‌ସର୍ (କାଣ୍ଟଛାଣ୍ଟ) ନିମନ୍ତେ ବଳ ପ୍ରୟୋଗ ନକରି ଉଦାରବାଦୀ ରାଷ୍ଟ୍ରରେ ସହମତିକୁ ହାସଲ କରିବା ପାଇଁ ଜନମତ ସର୍ବେକ୍ଷଣ, ଲୋକ ସମ୍ପର୍କ ଏବଂ ବିଜ୍ଞାପନର ସହାୟତା ନିଆଯାଇଥାଏ।

## ୧.୫: ଗଣମାଧ୍ୟମର ପାଞ୍ଚଟି ପରିଶୋଧକ

ଚୋମ୍‌ସ୍କିଙ୍କ ଅନୁସାରେ ଗଣମାଧ୍ୟମ ପାଞ୍ଚଗୋଟି ପରିଶୋଧକ ମାଧ୍ୟମରେ କାର୍ଯ୍ୟ କରିଥାଏ: ମାଲିକାନା, ବିଜ୍ଞାପନ, ଗଣମାଧ୍ୟମର ଆଭିଜାତ୍ୟ ଶ୍ରେଣୀ, ଫ୍ଲାକ୍ (କଟୁ ସମାଲୋଚନା) ଏବଂ ସାଧାରଣ ଶତ୍ରୁ।

### ୧.୫.୧: ଆକାର, ମାଲିକାନା ଏବଂ ଲାଭଖୋର ମନୋଭାବ

ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଲାଭଖୋର ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି। ଏଥିପାଇଁ ସେମାନେ କର୍ପୋରେସନ୍ (ନିଗମ) ମାଲିକ ଏବଂ ନିବେଶ ନିୟନ୍ତ୍ରକଙ୍କର ଆର୍ଥିକ ସ୍ୱାର୍ଥକୁ ପୂରଣ କରିବାକୁ ଉଦ୍ୟମ କରିଥାନ୍ତି। ଏକ ଗଣମାଧ୍ୟମ କମ୍ପାନୀର ଆକାରର ପରିଣାମ ହେଉଛି ଦର୍ଶକ, ଶ୍ରୋତା ଏବଂ ପାଠକମାନଙ୍କ ପାଖରେ ପହଞ୍ଚିବା ପାଇଁ ଗଣଯୋଗାଯୋଗ ପ୍ରଯୁକ୍ତି ନିମନ୍ତେ ଆବଶ୍ୟକ ହେଉଥିବା ବିନିବେଶ ପୁଞ୍ଜି।

ପ୍ରଭାବଶାଳୀ ଗଣମାଧ୍ୟମ ନିଗମର ଆକାର, ଲାଭ ପ୍ରାପ୍ତି କରିବା କାର୍ଯ୍ୟର ଆବଶ୍ୟକତା ପକ୍ଷପାତିତା ସୃଷ୍ଟି କରିଥାଏ। ଲେଖକ କିପରି ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମୌଳିକ ବ୍ରିଟିଶ୍ ପ୍ରେସ୍ ମୁଣ୍ଡ ଟେକିଥିଲା ଯାହା କର୍ମଚାରୀମାନଙ୍କ ସମସ୍ୟାକୁ ଉଲ୍ଲେଖ କରୁଥିଲା, କିନ୍ତୁ ଅତ୍ୟଧିକ ଷ୍ଟାମ୍ପ୍ ଶୁଳ୍କ, ଖବରକାଗଜ ମାଲିକାନାକୁ ସମ୍ଭ୍ରାନ୍ତ ଧନୀ ବ୍ୟକ୍ତିମାନଙ୍କ ମଧ୍ୟରେ ସୀମିତ କରିଦେଇଥିଲା, ଯାହା ପ୍ରେସ୍‌ର ଆଭିମୁଖ୍ୟକୁ ପରିବ ର୍ତ୍ତନ କରିବାକୁ ଆରମ୍ଭ କରିଥିଲା, ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କହିବା ବାହୁଲ୍ୟ, ଏଥିରେ କିଛି ପରିମାଣର ଭିନ୍ନତା ରହିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟେନ୍ (ଇଂଲଣ୍ଡ)ର ମୌଳିକ କିମ୍ବା କର୍ମଚାରୀ-ଅନୁକୂଳ ଖବରକାଗଜ ଯଥା ଡେଲି ହେରାଲଡ୍, ନ୍ୟୁଜ୍ କ୍ରୋନିକଲ୍, ସଣ୍ଡେ ସିଟିଜନ୍ (ସମସ୍ତେ ଅନ୍ୟ ପ୍ରକାଶନ କରିବାରେ ବିଫଳ ହୋଇଥିଲେ କିମ୍ବା ଦେବାଳିଆ ହୋଇଯାଇଥିଲେ) ଏବଂ ଡେଲି ମିରର୍ ପୁଞ୍ଜିବାଦ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ନିୟମିତ ଭାବରେ ପ୍ରବନ୍ଧମାନ ପ୍ରକାଶ କରିଚାଲିଥିଲେ। ଲେଖକମାନେ

ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରାରମ୍ଭିକ ପର୍ଯ୍ୟାୟର ମୌଳିକ ଖବରକାଗଜଗୁଡ଼ିକଙ୍କୁ କର୍ପୋରେଟ୍ ମାଲିକାନା ଦ୍ୱାରା କୌଣସି ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିନଥିଲା ଏବଂ ସେଥିପାଇଁ ସେମାନେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ସମାଲୋଚନା କରିବା ପାଇଁ ମୁକ୍ତ ଥିଲେ।

ହରମାନ୍ ଏବଂ ଚୋମ୍‌ସ୍କି ଯୁକ୍ତି ଦର୍ଶାନ୍ତି ଯେ ଯେହେତୁ ମୁଖ୍ୟସ୍ରୋତର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବର୍ତ୍ତମାନ ବୃହତ୍ କର୍ପୋରେସନ୍ (ନିଗମ) କିମ୍ବା କଙ୍ଗ୍‌ଲୋମରେଟ୍ ମାନଙ୍କର ଅଂଶବିଶେଷ, ତେଣୁ ଜନସାଧାରଣଙ୍କ ନିକଟରେ ଯେଉଁ ସୂଚନା ଉପସ୍ଥାପିତ କରାଯାଉଛି, ତାହା ଏହିସବୁ ସଂସ୍ଥାର ସ୍ୱାର୍ଥ/ଆଗ୍ରହ ଅନୁସାରେ ଭ୍ରମିତ ହେଉଛି। ଏହି କଙ୍ଗ୍‌ଲୋମରେଟ୍‌ମାନେ ବାରମ୍ବାର ପାରମ୍ପରିକ ଗଣମାଧ୍ୟମ କ୍ଷେତ୍ରକୁ ଅତିକ୍ରମ କରି ବିସ୍ତାରିତ ହେବାରେ ଲାଗିଛନ୍ତି ଏବଂ ତେଣୁ ସେମାନଙ୍କର ବ୍ୟାପକ ଆର୍ଥିକ ସ୍ୱାର୍ଥ ରହୁଛି, ଯାହା କିଛି ସୂଚନାକୁ ସାର୍ବଜନୀନ କରିବା ଫଳରେ ବିପଦ ସୃଷ୍ଟି ହେବାର ସମ୍ଭାବନା ବହନ କରୁଛି। ଏହି କାରଣ ଅନୁସାରେ ସମ୍ବାଦର ବିଷୟବସ୍ତୁ ଯାହା ଯେଉଁମାନେ ଗଣମାଧ୍ୟମର ମାଲିକାନାର ଅଧିକାରୀ, ସେମାନଙ୍କ କର୍ପୋରେଟ୍ ଆର୍ଥିକ ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି କରେ, ସେସବୁ ଅଧିକ ପକ୍ଷପାତିତା ଏବଂ ସେନ୍‌ସର୍ (କାଣ୍ଟଛାଣ୍ଟ)କୁ ସାମ୍ନା କରିବ।

ଏହା ପରେ ଏକଥା ଉଠେ ଯେ ଯଦି ଲାଭକୁ ବୃଦ୍ଧି କରିବାର ଅର୍ଥ ସମ୍ବାଦର ବସ୍ତୁନିଷ୍ଠତାକୁ ବଳି ଚଢ଼େଇ ଦେବା, ତା'ହେଲେ ଯେଉଁ ସମ୍ବାଦ ଉତ୍ସଗୁଡ଼ିକ ଶେଷରେ ତିଷ୍ଠି ରହିଥାଏ, ଯାହା ସହିତ ସେମାନଙ୍କର ସ୍ୱାର୍ଥକୁ ନେଇ ଦ୍ୱନ୍ଦ୍ୱ/ବିବାଦ ରହିଥାଏ, ସେଗୁଡ଼ିକ ସହିତ ମୌଳିକ ରୂପରେ ପକ୍ଷପାତ ହେବା ନିଶ୍ଚିତ।

**୧.୫.୨: ପାଣ୍ଠି/ବିଜ୍ଞାପନ: ବ୍ୟବସାୟ ନିମନ୍ତେ ବିଜ୍ଞାପନ ଲାଇସେନ୍ସ(ଅନୁମତି ପତ୍ର)**

ପ୍ରଚାର ନମୁନାର ଦ୍ୱିତୀୟ ପରିଶୋଧକ ହେଉଛି ପାଣ୍ଠି, ଯାହା ବିଜ୍ଞାପନ ମାଧ୍ୟମରେ ସୃଷ୍ଟି କରାଯାଇଥାଏ। ଅଧିକାଂଶ ଖବରକାଗଜଙ୍କୁ ଉତ୍ପାଦନର ଖର୍ଚ୍ଚ ବହନ କରିବା ପାଇଁ ବିଜ୍ଞାପନକୁ ଆକର୍ଷିତ କରିବାକୁ ପଡ଼ିଥାଏ। ଏହା ନ କଲେ ସେମାନଙ୍କୁ ଖବରକାଗଜର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିବ। ବିଜ୍ଞାପନଦାତାଙ୍କୁ ଆକର୍ଷିତ କରିବା ପାଇଁ ଗଣମାଧ୍ୟମରେ ତୀବ୍ର ପ୍ରତିଯୋଗିତା ଲାଗି ରହିଛି; ଏକ ଖବରକାଗଜ ଯାହା ତା'ର ପ୍ରତିଯୋଗୀମାନଙ୍କ ତୁଳନାରେ କମ୍ ବିଜ୍ଞାପନ ପାଇଥାଏ, ତାହା ଗୁରୁତର ଅସୁବିଧାର ସମ୍ମୁଖୀନ ହୋଇଥାଏ। ବିଜ୍ଞାପନ ରାଜସ୍ୱ ବୃଦ୍ଧିରେ ସଫଳତାର ଅଭାବ ଅର୍ଥାତ୍ ବିଫଳତା ହେଉଛି ଊନବିଂଶ ଏବଂ ବିଂଶ ଶତାବ୍ଦୀର 'ଲୋକଙ୍କ ଖବରକାଗଜ'ର ମୃତ୍ୟୁ ହେବାର ଅନ୍ୟ ଏକ କାରଣ ଥିଲା।

ଯେହେତୁ ପ୍ରମୁଖ ଗଣମାଧ୍ୟମର ରାଜସ୍ୱର ଅଧିକାଂଶ ଅଂଶ ବିଜ୍ଞାପନ (ବ୍ୟକ୍ତି କିମ୍ବା ଗ୍ରାହକମାନଙ୍କ ଦେୟରୁ ନୁହେଁ) ରୁ ଆସିଥାଏ, ବିଜ୍ଞାପନଦାତାମାନେ 'ବାସ୍ତବିକ ଅନୁମତିପ୍ରାପ୍ତ ପ୍ରାଧିକରଣ' ହାସଲ କରିଥାନ୍ତି। ବିଜ୍ଞାପନଦାତାଙ୍କ ବିନା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବ୍ୟବସାୟିକ ଭାବରେ ଚାଲୁ ରହିବା ସମ୍ଭବ ନୁହେଁ। ଗଣମାଧ୍ୟମ ତେଣୁ ନିଶ୍ଚିତ ଭାବରେ ବିଜ୍ଞାପନଦାତାଙ୍କ ଅର୍ଥନୈତିକ ଇଚ୍ଛା ଏବଂ ରାଜନୈତିକ ବଦ୍ଧମୂଳ ଧାରଣାକୁ ପୂରଣ କରିବ। ଏହା କର୍ମଜିବୀ ଶ୍ରେଣୀର ପ୍ରେସ୍‌କୁ ଦୁର୍ବଳ କରିଦେଇଛି।

ଉତ୍ପାଦ ଧନୀ ପାଠକମାନଙ୍କୁ ନେଇ ଗଠିତ, ଯେଉଁମାନେ କି ଖବରକାଗଜ କ୍ରୟ କରିଥାନ୍ତି- ଯେଉଁମାନେ ମଧ୍ୟ ଜନସଂଖ୍ୟାର ଶିକ୍ଷିତ ବର୍ଗ ଏବଂ ନିଷ୍ପତ୍ତି ଗ୍ରହଣକାରୀଙ୍କୁ ନେଇ ଗଠିତ ହୋଇଥାନ୍ତି- ଯେତେବେଳେ କି

ଖବରକାଗଜଠାରୁ ପ୍ରକୃତ ସେବା ପାଉଥିବା ଗ୍ରାହକ ହୋଇଥାନ୍ତି ବ୍ୟବସାୟଗୁଡ଼ିକ ଯେଉଁମାନେ ନିଜ ନିଜର ଜିନିଷ ପାଇଁ ବିଜ୍ଞାପନ ପ୍ରଦାନ କରିଥାନ୍ତି। ଏହି ପରିଶୋଧକ ଅନୁସାରେ ସମ୍ବାଦ 'ସ୍ଥାନ ପୂରଣକାରୀ/ଫିଲର' ହୋଇଥାଏ ଏବଂ ବିଜ୍ଞାପନ, ଯାହା ବିଷୟବସ୍ତୁକୁ ସଜ୍ଜିତ କରିଥାଏ ଏବଂ ଶିକ୍ଷିତ ନିର୍ଣ୍ଣୟକାରୀଙ୍କୁ ଆକର୍ଷିତ କରିବା ପାଇଁ ଅଧିକ ଅନୁକୂଳ ହୋଇଥାଏ, ତାହାକୁ ଦେଖିବା ପାଇଁ ବିଶେଷ ପାଠକମାନଙ୍କ ନିମନ୍ତେ ପରିବେଷଣ କରାଯାଇଥାଏ। ଯେଉଁ କାହାଣୀଗୁଡ଼ିକ ସେମାନଙ୍କର 'କ୍ରୟ କରିବାର ମନୋବୃତ୍ତି' ସହିତ ମେଳ ଖାଇ ନଥାଏ, ଏମିତିକି ଯେଉଁ ସୂଚନା ବିଶ୍ୱର ଚିତ୍ରକୁ ଉପସ୍ଥାପିତ କରୁଥିଲେ ସୁଦ୍ଧା ତାହା ଯଦି ବିଜ୍ଞାପନଦାତାଙ୍କ ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ବହନ କରୁଥାଏ, ସେଗୁଡ଼ିକୁ ଛୋଟ କରି ଦିଆଯାଇଥାଏ କିମ୍ବା ସମ୍ପୂର୍ଣ୍ଣ ରୂପେ ବାହାର କରି ଦିଆଯାଇଥାଏ (ପ୍ରକାଶ କରାଯାଏ ନାହିଁ)। ଏହି ସିଦ୍ଧାନ୍ତ ଯୁକ୍ତି ବାଢ଼ିଥାଏ ଯେ ଯେଉଁ ଲୋକମାନେ ଖବରକାଗଜ କିଣୁଛନ୍ତି, ଯାହା ଏକ ଉତ୍ପାଦ ଭାବେ ବ୍ୟବସାୟ ସଂସ୍ଥାମାନଙ୍କୁ ବିକ୍ରି କରାଯାଇଥାଏ, ଯାହା ବିଜ୍ଞାପନ ପାଇଁ ସ୍ଥାନ କ୍ରୟ କରିଥାଏ, ଏଠାରେ ଖବର କେବଳ ଏକ ଗୌଣ ଭୂମିକା ନିର୍ବାହ କରିଥାଏ।

**୧.୫.୩: ଉତ୍ସ**

ହରମାନ୍ ଚୋମ୍‌ସ୍କିଙ୍କର ପାଞ୍ଚଟି ପରିଶୋଧକ ମଧ୍ୟରୁ ତୃତୀୟଟି ଗଣମାଧ୍ୟମ ସମ୍ବାଦର ଉତ୍ସ ସହିତ ସଂଶ୍ଲିଷ୍ଟ: 'ଗଣମାଧ୍ୟମ ଅର୍ଥନୈତିକ ଆବଶ୍ୟକତା ଦ୍ୱାରା ଏବଂ ସ୍ୱାର୍ଥ/ଆଗ୍ରହର ପାରସ୍ପରିକତା ଦ୍ୱାରା ଶକ୍ତିଶାଳୀ ସୂଚନାର ଉତ୍ସ ସହିତ ଏକ ସହଜୀବୀ ସମ୍ପର୍କରେ ସାମିଲ ହୋଇଥାଏ। ଏମିତିକି ବୃହତ୍ ଗଣମାଧ୍ୟମ ନିଗମ, ଯେମିତିକି ବିବିସି ମଧ୍ୟ ପ୍ରତ୍ୟେକ ସ୍ଥାନରେ ସାମ୍ବାଦିକମାନଙ୍କୁ ନିଯୁକ୍ତି ଦେଇପାରି ନଥାଏ। ସେମାନେ ସେମାନଙ୍କର ସମ୍ବଳ ଉପରେ ଧ୍ୟାନ ରଖିଥାନ୍ତି ଯେଉଁଠାରେ କି ଘଟଣା ଘଟିବାର ସମ୍ଭାବନା ରହିଥାଏ ଯଥା: ହ୍ୱାଇଟ୍ ହାଉସ୍, ପେଣ୍ଟାଗନ୍, ୧୦ଡାଉନିଂ ଷ୍ଟ୍ରିଟ୍ ଏବଂ ଅନ୍ୟାନ୍ୟ ମୁଖ୍ୟ ସମ୍ବାଦ ଟର୍ମିନାଲ । ଯଦିଓ ବ୍ରିଟିଶ୍ ଖବରକାଗଜଗୁଡ଼ିକ କେବେକେବେ ନୂତନ ଶ୍ରମିକମାନଙ୍କ ପାଇଁ ଶବ୍ଦକୁ ଅଦଳବଦଳ କରିବାର କୌଶଳ (ସ୍ପିନ୍-ଡକ୍ଟରିଂ) ଅଭିଯାନ ପ୍ରଚାର ଅଭିଯୋଗ କରିଥାନ୍ତି। ଉଦାହରଣ ସ୍ୱରୂପ, ସେମାନେ ସରକାରୀ ଖବର ପାଇଁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ମୁଖପାତ୍ରଙ୍କ କଥନ ଉପରେ ନିର୍ଭର କରିଥାନ୍ତି। ବ୍ୟବସାୟ ନିଗମ ଏବଂ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ମଧ୍ୟ ସମ୍ବାଦର ନିର୍ଭରଯୋଗ୍ୟ ଉତ୍ସ, ଯେଉଁଗୁଡ଼ିକୁ ସମାଚାରଯୋଗ୍ୟ ବୋଲି ବିବେଚନା କରାଯାଇଥାଏ। ସମ୍ପାଦକ ଏବଂ ସାମ୍ବାଦିକ ଯେଉଁମାନେ ଏହିସବୁ ଶକ୍ତିଶାଳୀ ଖବରର ଉତ୍ସକୁ ଅନୁପଯୁକ୍ତ ପ୍ରଶ୍ନ ପଚାରି ଅପମାନିତ କରିଥାନ୍ତି, ସେମାନଙ୍କୁ ତାଜା ଖବର ନଦେବା ପାଇଁ ମଧ୍ୟ ଧମକ ଦିଆଯାଇ ପାରେ। ନିଗମ ସେମାନଙ୍କୁ ସେମାନଙ୍କର ନିର୍ଭରଶୀଳ ଉତ୍ସ ଯୋଗାଇ ଥାଏ, ତା'ର ସ୍ୱାର୍ଥ ପ୍ରତି କ୍ଷତି ପହଞ୍ଚାଇବା ଭଳି ସ୍ତମ୍ଭ ଛାପିବାକୁ ଗଣମାଧ୍ୟମ କୁଣ୍ଠିତ ହୋଇଥାଏ।

ହର୍‌ମାନ୍ ଏବଂ ଚୋମ୍‌ସ୍କି ଯୁକ୍ତି ଦର୍ଶାନ୍ତି ଯେ 'ଶକ୍ତିଶାଳୀମାନଙ୍କର ବୃହତ୍ ଅମଲାତନ୍ତ୍ର ଗଣମାଧ୍ୟମମାନଙ୍କୁ ସେମାନଙ୍କର ଖବର ଆଣିବା ଏବଂ ପ୍ରସ୍ତୁତ କରିବାର ଖର୍ଚ୍ଚକୁ କମ୍ କରିବା ନିମନ୍ତେ ସେମାନଙ୍କର ଅବଦାନ ଦ୍ୱାରା ରିହାତି ପ୍ରଦାନ କରିଥାନ୍ତି। ବୃହତ୍ ସଂସ୍ଥା ଯାହା ଏହି ରିହାତି ପ୍ରଦାନ କରିଥାଏ, ତାହା ସବୁଦିନିଆ ଖବରର ଉତ୍ସ ପାଲଟିଯାଏ ଏବଂ ତାହା ଗଣମାଧ୍ୟମ ନିକଟରେ ପହଂଚିବାକୁ ବିଶେଷ ଅଧିକାର ପାଇଥାଏ।

ଅଣ-ଦୈନନ୍ଦିନ ଉତ୍ସଗୁଡ଼ିକ ନିଶ୍ଚିତ ରୂପେ ସଂଘର୍ଷ କରିଥାନ୍ତି ଏବଂ ଗଣମାଧ୍ୟମାନଙ୍କର ଇଚ୍ଛାଧୀନ ନିଷ୍ପତ୍ତି ଦ୍ୱାରା ଉପେକ୍ଷାର ଶିକାର ହୋଇପାରନ୍ତି।' ସମ୍ବାଦ ବିକୃତିକରଣ ନିର୍ଭର କରେ ସମ୍ବାଦ ଗଣମାଧ୍ୟମର ଘରୋଇ ଏବଂ ସରକାରୀ ସମ୍ବାଦର ଉତ୍ସ ଉପରେ। ଯଦି ଏକ ପ୍ରଦ  ଖବରକାଗଜ, ଟେଲିଭିଜନ୍ ଷ୍ଟେସନ୍, ମାଗାଜିନ୍ ଇତ୍ୟାଦି କୌଣସି ଉତ୍ସର ବିରାଗ/ ଅସନ୍ତୋଷର ପାତ୍ର ହୋଇଥାଏ, ତେବେ ଉତ୍ସ ଏହାକୁ ସୂଚନା ପ୍ରଦାନରୁ ବାହାରେ ରଖିଥାଏ/ ଉତ୍ସ ସୂଚନା ପ୍ରଦାନ କରିନଥାଏ। ଏହାର ଫଳ ସ୍ୱରୂପ, ଏହାର ପାଠକ କିମ୍ବା ଦର୍ଶକ ସଂଖ୍ୟା କମ୍ ହୋଇଥାଏ ଏବଂ ପରିଶେଷରେ ସେ ବିଜ୍ଞାପନଦାତାଙ୍କୁ ମଧ୍ୟ ହରେଇଥାଏ। ଏହିଭଳି ଆର୍ଥିକ ବିପତ୍ତିକୁ କମ୍ କରିବା ପାଇଁ ସମ୍ବାଦ ଗଣମାଧ୍ୟମ ବ୍ୟବସାୟ ସେମାନଙ୍କର ବ୍ୟବସାୟକୁ ଚାଲୁ ରଖିବା ପାଇଁ ରିପୋର୍ଟିଂ (ଖବର ପ୍ରସାରଣକୁ) ସମ୍ପାଦକୀୟ ବିରୂପୀକରଣ/ବୁଲେଇ ବଙ୍କେଇ ସରକାର ଏବଂ କର୍ପୋରେଟ୍ ନିୟମ ଅନୁସାରେ ଉପସ୍ଥାପିତ କରିଥାନ୍ତି।

ଏହି ସମ୍ପର୍କ ମଧ୍ୟ ଏକ 'ଶ୍ରମିକମାନଙ୍କର ନୈତିକ ବିଭାଜନ'କୁ ବୃଦ୍ଧି କରିଥାଏ, ଯେଉଁଠି 'ଅଧିକାରୀମାନଙ୍କ ନିକଟରେ ସଠିକ୍ ତଥ୍ୟ ଥାଏ ଏବଂ ସେମାନେ ହିଁ ସଠିକ୍ ତଥ୍ୟ ଦେଇଥାନ୍ତି' ଏବଂ 'ସାମ୍ବାଦିକମାନେ କେବଳ ତାହାକୁ ପାଇଥାନ୍ତି।' ସାମ୍ବାଦିକମାନେ ଏହାପରେ କୋହଳ ମନୋଭାବ ଗ୍ରହଣ କରିବା ଧରି ନିଆଯାଇଥାଏ ଯାହା ସେମାନଙ୍କ ପାଇଁ କୌଣସି ସଂଜ୍ଞାନାତ୍ମକ ମତଭେଦକୁ ପରୀକ୍ଷା ନିରୀକ୍ଷା ନକରି କର୍ପୋରେଟ୍ ମୂଲ୍ୟବୋଧକୁ ଗ୍ରହଣ  କରିବାକୁ ସମ୍ଭବ କରାଇଥାଏ।

## ୧.୫.୪: ଫ୍ଲାକ୍ (କଟୁ ସମାଲୋଚନା)

ଚତୁର୍ଥ ପରିଶୋଧକ ହେଉଛି ଫ୍ଲାକ୍ (କଟୁ ସମାଲୋଚନା), ଯାହା ଏକ ଗଣମାଧ୍ୟମର ମନ୍ତବ୍ୟ କିମ୍ବା କାର୍ଯ୍ୟକ୍ରମ ପ୍ରତି ନକାରାତ୍ମକ ପ୍ରତିକ୍ରିୟା ବୋଲି ହରମାନ୍ ଏବଂ ଚୋମ୍‌ସ୍କି ବର୍ଣ୍ଣନା କରିଛନ୍ତି। ଏହା ଚିଠି, ଟେଲିଗ୍ରାମ୍, ଫୋନ୍ କଲ୍, ଯାଚିକା, ମୋକଦ୍ଦମା, ଭାଷଣ ଏବଂ ପାର୍ଲାମେଂଟ୍‌ରେ ଉପସ୍ଥାପିତ ହୋଇଥିବା ବିଲ୍ ଏବଂ ଅନ୍ୟ ପ୍ରକାରର ଅଭିଯୋଗ, ଧମକ ଏବଂ ଦଣ୍ଡାତ୍ମକ କାର୍ଯ୍ୟ ଭଳି ବିଭିନ୍ନ ପ୍ରକାରର ହୋଇପାରେ। ଫ୍ଲାକ୍ (କଟୁ ସମାଲୋଚନା) ଗଣମାଧ୍ୟମ ପାଇଁ ମହଙ୍ଗା ହୋଇପାରେ, ଏହା ବିଜ୍ଞାପନରୁ ଆସୁଥିବା ଆୟର କ୍ଷତି ହୋଇପାରେ କିମ୍ବା କାନୁନ୍‌ରୁ ରକ୍ଷା ପାଇଁ ଖର୍ଚ୍ଚ ହେଉ କିମ୍ବା ଗଣମାଧ୍ୟମ ସଂସ୍ଥାର ସାଧାରଣରେ ପ୍ରତିଛବିକୁ ରକ୍ଷା କରିବା ପାଇଁ ଖର୍ଚ୍ଚ ହୋଇପାରେ। ଏହା ଶକ୍ତିଶାଳୀ, ବ୍ୟକ୍ତିଗତ ପ୍ରଭାବଶାଳୀ ଗୋଷ୍ଠୀ (ଉଦାହରଣ ସ୍ୱରୂପ: ଚିନ୍ତନ ଶିବିରମାନଙ୍କ) ଦ୍ୱାରା ସଙ୍ଗଠିତ ହୋଇପାରେ। କାହାଠାରୁ କିଛି ସୂଚନା ପାଇବା ପାଇଁ କଟୁ ସମାଲୋଚନାର ସମ୍ଭାବନା କିଛି ପ୍ରକାରର ସତ୍ୟତା ଏବଂ ମତାମତର ରିପୋର୍ଟିଂକୁ ହତୋତ୍ସାହିତ କରିଥାଏ।

ବ୍ୟବସାୟ ସଂଗଠନଗୁଡ଼ିକ ଫ୍ଲାକ୍ ମେସିନ୍‌କୁ ଗଠନ କରିବା ପାଇଁ ନିୟମିତ ଭାବେ ଏକତ୍ର ହୋଇଥାନ୍ତି। ଗୋଟିଏ ଉଦାହରଣ ହେଉଛି, ଆମେରିକାର ବିଶ୍ୱ ଜଳବାୟୁ ମେଣ୍ଟ (ଜିସିସି), ଯେଉଁଥିରେ ଜୀବାଶ୍ମ ଇନ୍ଧନ ଏବଂ ଅଟୋମୋବାଇଲ୍ କମ୍ପାନୀ ଯଥା- ଏକ୍ସନ୍, ଟେକ୍ସାକୋ ଏବଂ ଫୋର୍ଡ୍ ରହିଛନ୍ତି। ବିଶ୍ୱ ଜଳବାୟୁ ମେଣ୍ଟ (ଜିସିସି) ବର୍ସନ୍- ମାର୍ସେଲେର୍, ବିଶ୍ୱର ଏକ ବୃହତ୍ ଲୋକ ସମ୍ପର୍କ କମ୍ପାନୀ ଦ୍ୱାରା ଜଳବାୟୁ

ବିଶେଷଜ୍ଞମାନଙ୍କର ବିଶ୍ୱସନୀୟତା ଏବଂ ବିଶ୍ୱ ତାପମାନକୁ ନେଇ ଭୟ ସୃଷ୍ଟିକାରୀ ଖବର/ ସୂଚନାକୁ ଆକ୍ରମଣ / ବିରୋଧ କରିବା ନିମନ୍ତେ କରାଯାଇଥିଲା।

ଚୋମ୍‌ସ୍କି ଏବଂ ହରମାନ୍‌ଙ୍କ ଅନୁସାରେ ଫ୍ଲାକ୍ (କଟୁ ସମାଲୋଚନା) ଗଣମାଧ୍ୟମର ମନ୍ତବ୍ୟ ଏବଂ କାର୍ଯ୍ୟକ୍ରମ ପ୍ରତି ନକାରାତ୍ମକ ପ୍ରତିକ୍ରିୟାକୁ ବୁଝାଏ। 'ଫ୍ଲାକ୍' ଶବ୍ଦଟିକୁ ଚୋମ୍‌ସ୍କି ଏବଂ ହରମାନ୍ ଏହିଭଳି ବ୍ୟାଖ୍ୟା କରିଛନ୍ତି ଯେ, ଏହା ଏକ ପ୍ରୟାସ ଯାହା ସଙ୍ଗଠନ କିମ୍ବା ବ୍ୟକ୍ତି ଯେଉଁମାନେ ପ୍ରଚଳିତ ଧାରଣା ଉପରେ ସନ୍ଦେହ କରିଥାନ୍ତି ଏବଂ ତାହା ସହିତ ଅସହମତ ହୋଇଥାନ୍ତି, ଯାହାକି କ୍ଷମତା ସ୍ଥାପନ (ଉଦାହରଣ: 'ଦ ଏଷ୍ଟାବ୍ଲିସ୍‌ମେଣ୍ଟ) ନିମନ୍ତେ ଅନୁକୂଳ ବୋଲି ଚୋମ୍‌ସ୍କି ଏବଂ ହରମାନ୍‌ଙ୍କୁ ପରିଦୃଶ୍ୟ ହୋଇଛି। ଅନ୍ୟ ତିନୋଟି ପ୍ରଥମ 'ବିଶୋଧକ' ପ୍ରକ୍ରିୟା- ଯାହା ବଜାର କ୍ରିୟାବିଧିର ବିଶ୍ଳେଷଣରୁ ପ୍ରାପ୍ତ ହୋଇଛି- ତାହାଠାରୁ ଫ୍ଲାକ୍ (କଟୁ ସମାଲୋଚନା) ହେଉଛି ଭିନ୍ନ। ଏହା ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସୂଚନାକୁ ପରିଚାଳିତ କରିବା ପାଇଁ ଅନୁକୂଳ ପ୍ରୟାସ ମାଧ୍ୟମରେ ଚିହ୍ନିତ ହୋଇଥାଏ।

### ୧.୫.୫: ସାମ୍ୟବାଦ- ବିରୋଧୀ ଏବଂ ଭୟ

ବହିର ୧୯୮୮ର ମୌଳିକ ସଂସ୍କରଣରେ ସାମ୍ୟବାଦ- ବିରୋଧୀ ପ୍ରସଙ୍ଗ ଏକ ପରିଶୋଧକ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ଚୋମ୍‌ସ୍କି ଯୁକ୍ତି ଦର୍ଶାଇ ଥିଲେ ଯେ ଶୀତଳ ଯୁଦ୍ଧ (୧୯୪୫-୧୯୯୧) ଶେଷ ହେବା ପରେ ଏକ ପ୍ରମୁଖ ସାମାଜିକ ନିୟନ୍ତ୍ରଣ ପ୍ରକ୍ରିୟା ଭାବରେ ସାମ୍ୟବାଦ- ବିରୋଧୀ ପ୍ରସଙ୍ଗର ସ୍ଥାନ 'ଆତଙ୍କ ବିରୋଧରେ ଯୁଦ୍ଧ' ପ୍ରସଙ୍ଗ ନେଇଗଲା। 'ତେଣୁ ମୁଁ ଭାବୁଛି ଯେତେବେଳେ ଆମେ 'ପଂଚମ ପରିଶୋଧକ' ବିଷୟରେ କଥା ହେଉଛେ, ଆମେ ସମସ୍ତ ଜିନିଷକୁ ଏକତ୍ରିତ କରିବା ଉଚିତ୍- ଯେଉଁ ଉପାୟରେ କୃତ୍ରିମ ଭୟ ଦୁଇ ପ୍ରକାରର ଉଦ୍ଦେଶ୍ୟ ରଖି ସୃଷ୍ଟି କରାଯାଇଥାଏ- କେତେକାଂଶରେ ତୁମେ ଯେଉଁ ଲୋକମାନଙ୍କୁ ପସନ୍ଦ କରୁନାହଁ, ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ, କିନ୍ତୁ ବଳକା ଲୋକମାନଙ୍କୁ ଡରେଇବା ପାଇଁ। କାରଣ ଯଦି ଲୋକମାନେ ଡରିଯିବେ, ସେମାନେ ଅଧିକାରୀଙ୍କୁ ଗ୍ରହଣ କରିବେ।- ନୋଆମ୍ ଚୋମ୍‌ସ୍କି।'

ପଞ୍ଚମ ଏବଂ ଶେଷ ସମ୍ବାଦ ପରିଶୋଧକ ଆକାରରେ ହରମାନ୍ ଏବଂ ଚୋମ୍‌ସ୍କି ସାମ୍ୟବାଦ-ବିରୋଧୀ ପ୍ରସଙ୍ଗକୁ ଚିହ୍ନିତ କରିଛନ୍ତି। ଶୀତଳ ଯୁଦ୍ଧ ସମୟରେ 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେଣ୍ଟ୍' ଲେଖା ଯାଇଥିଲା। ଚୋମ୍‌ସ୍କି ଏହି ମଡେଲ୍‌କୁ 'ଭୟ' ପ୍ରାୟତଃ 'ଶତ୍ରୁ' କିମ୍ବା 'ଏକ ଦୁଷ୍ଟ ଏକଚ୍ଛତ୍ରବାଦୀ' ଭାବେ ଅଭିହିତ କରିଥିଲେ, ଯେମିତିକି କଲୋନେଲ୍ ଗଦ୍ଦାଫି, ପଲ୍ ବାୟା, ସଦ୍ଦାମ୍ ହୁସେନ୍, ସ୍ଲୋବୋଦାନ୍ ମିଲୋସେଭିକ୍ କିମ୍ବା ଭ୍ଲାଦିମିର ପୁଟିନ୍। ବ୍ରିଟିଶ୍ ଟାବ୍‌ଲଏଡ୍‌ର ହେଡ୍‌ଲାଇନ୍ 'ସ୍ମାସ୍ ସଦ୍ଦାମ୍' ଏବଂ 'କ୍ଲୋବା ସ୍ଲୋବା'ଦ୍ୱାରା ଏହାର ଉଦାହରଣ ସ୍ଥାପିତ କରାଯାଇଛି।

ବିରୋଧୀ- ବିଚାର ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରିଥାଏ ଏବଂ ଗୋଷ୍ଠୀ ଭିତରେ ଘୃଣା ସୃଷ୍ଟି କରିଥାଏ ଯାହା ଏକ ପ୍ରମୁଖ ଭୟ, ବାସ୍ତବରେ ହେଉ ବା ଅତ୍ୟଧିକ ଅତିରଞ୍ଜିତ କିମ୍ବା କଳ୍ପନା ପ୍ରସୂତ ହୋଇଥାଉ। ଏହି ମଡେଲ ଅନୁସାରେ ସାମ୍ୟବାଦ ଏକଦା ପ୍ରାଥମିକ ଭୟ ଉତ୍ପନ୍ନ କରୁଥିଲା। ସାମ୍ୟବାଦ ଏବଂ ସମାଜବାଦ ସେମାନଙ୍କ ଆଲୋଚକମାନଙ୍କ ଦ୍ୱାରା ଚିତ୍ରଣ କରାଯାଉଥିଲା ଯେ ଏଗୁଡ଼ିକ ବକ୍ତବ୍ୟ

ଦେବାର ସ୍ୱାଧୀନତା, ଆନ୍ଦୋଳନ, ପ୍ରେସ୍ ଏବଂ ଆହୁରି ଅନେକ କିଛି ପ୍ରତି ବିପଦ। ସେମାନେ ଯୁକ୍ତି କରିଥିଲେ ଯେ ଏଭଳି ଚିତ୍ରଣ ମଧ୍ୟ ଧନୀକ ଗୋଷ୍ଠୀଙ୍କ ସ୍ୱାର୍ଥର ନିରବ ସ୍ୱରର ଜଟିଳତାର ଅର୍ଥ ଭାବେ ବ୍ୟବହାର କରା ଯାଉଥିଲା। ଚୋମ୍‌ସ୍କି ଯୁକ୍ତି କରିଥିଲେ ଯେ ଶୀତଳ ଯୁଦ୍ଧର ଶେଷ ବେଳକୁ (୧୯୯୧) 'ଆତଙ୍କ ବିରୋଧରେ ଯୁଦ୍ଧ' ପ୍ରସଙ୍ଗ ସାମ୍ୟବାଦୀ ବିରୋଧୀ ପ୍ରସଙ୍ଗର ସ୍ଥାନ ନେଇଥିଲା, ଯାହା ଏକ ପ୍ରମୁଖ ସାମାଜିକ ନିୟନ୍ତ୍ରଣ ଉପକରଣ ଥିଲା। 'ସାମ୍ୟବାଦ ବିରୋଧୀ' ପ୍ରସଙ୍ଗ ପାଶ୍ଚାତ୍ୟ ଗଣମାଧ୍ୟମରେ ଏକ ବୈଚାରିକ ଉପାଦାନ ଭାବେ ହ୍ରାସ ପାଇଥିଲା, କିନ୍ତୁ ଏହା ମୃତ୍ୟୁବରଣ କରିନାହିଁ। ସୋଭିଏତ୍ ସଙ୍କଟ ନିମନ୍ତେ 'ଆତଙ୍କ ବିରୋଧରେ ଯୁଦ୍ଧ' ଏକ ଉପଯୋଗୀ ବିକଳ୍ପ ଦେଇଥିଲା। ସେପ୍ଟେମ୍ବର ୧୧, ୨୦୦୧ର ଘଟଣା ପରେ କିଛି ବିଦ୍ୱାନ ବ୍ୟକ୍ତି ଏଥିରେ ସହମତ ହୋଇଥିଲେ ଯେ ଜନସାଧାରଣଙ୍କ ଭୟର ଏକ ନୂତନ ଉତ୍ସ ଭାବେ ସାମ୍ୟବାଦୀ ବିରୋଧୀ ପ୍ରସଙ୍ଗର ସ୍ଥାନ ଇସଲାମ୍‌ଫୋବିଆ (ଇସ୍‌ଲାମ୍ ଧର୍ମ ପ୍ରତି ଘୃଣା, ଦ୍ୱେଷ, ଈର୍ଷା)ର ରୂପ ନେଇଛି।

## ୧.୬: ବିଷୟ ସାରାଂଶ

ଜନସାଧାରଣଙ୍କ ଭଲ ପାଇଁ ଗଣମାଧ୍ୟମ ଅତ୍ୟଧିକ ସ୍ୱାଧୀନ ଏବଂ ଶକ୍ତିଶାଳୀ ହୋଇଯାଉଛି ବୋଲି ଯେଉଁ ଅଭିଯୋଗ ହେଉଛି, ତାକୁ ବିରୋଧ କରି ନ୍ୟୁୟର୍କ୍ ଟାଇମ୍ସର ଆନ୍ଥୋନୀ ଲେୱିସ୍ କହିଛନ୍ତି ଯେ 'ଗଣମାଧ୍ୟମ ନିଜର ସୁରକ୍ଷା ପାଇଁ ନୁହେଁ (ପ୍ରଥମ ସଂଶୋଧନ ଦ୍ୱାରା), କିନ୍ତୁ ଏକ ମୁକ୍ତ ରାଜନୈତିକ ବ୍ୟବସ୍ଥାର ପରିଚାଳନା ପାଇଁ ଏହା ସମ୍ଭବ ହୋଇଛି। ପରିଶେଷରେ ଏହା ସାମ୍ବାଦିକ କିମ୍ବା ସମ୍ପାଦକମାନଙ୍କ ପାଇଁ ଚିନ୍ତିତ ନୁହେଁ, କିନ୍ତୁ ଏହା ସରକାରର ନାଗରିକ ସମାଲୋଚକମାନଙ୍କ ପାଇଁ ଉଦ୍ଦିଷ୍ଟ।'

ଯେତେବେଳେ ଆମେ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ କହିବୁ, ତାହା ହେଉଛି, 'ରାଜନୀତି ପକ୍ଷରୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା।' ରାଜନୈତିକ ପ୍ରକ୍ରିୟା ଉପରେ ଜୋର ଜବରଦସ୍ତ ଅର୍ଥପୂର୍ଣ୍ଣ ନିୟନ୍ତ୍ରଣ କରିବା ନିମନ୍ତେ ଜନସାଧାରଣଙ୍କୁ ସକ୍ଷମ କରିବା କ୍ଷେତ୍ରରେ ପ୍ରେସ୍ ପ୍ରଥମ ସଂଶୋଧନ ଦ୍ୱାରା ସାମାଜିକ ଉଦ୍ଦେଶ୍ୟକୁ ପ୍ରଭାବିତ କରିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ।

ମତ ହେଉଛି, ଅଭିବ୍ୟକ୍ତିର ସ୍ୱାଧୀନତାକୁ ସାଧନାଗତ ଭାବେ ରକ୍ଷା କରାଯିବା ଆବଶ୍ୟକ, କିଛି ଉଚ୍ଚତର ମଙ୍ଗଳ ସାଧନ ପାଇଁ ଏହାର ଅବଦାନ ଗ୍ରହଣୀୟ ନୁହେଁ, ବରଂ ଏହା ନିଜେ ଏକ ମୂଲ୍ୟ ଅଟେ। କିନ୍ତୁ ତାହା ବ୍ୟତୀତ ଏହି ପ୍ରତିଧ୍ୱନିତ ଘୋଷଣାନାମା ଯୁକ୍ତିଯୁକ୍ତ ଆକାଂକ୍ଷାକୁ ପ୍ରକାଶ କରେ ଏବଂ ଏହା ବାଦ୍ ସେମାନେ ନିଶ୍ଚିତ ରୂପରେ ଆମେରିକୀୟ ଗଣମାଧ୍ୟମର ଆତ୍ମଭାବମୂର୍ତ୍ତିକୁ ପ୍ରକାଶ କରିଥାନ୍ତି। ମୁଖ୍ୟ ଚିନ୍ତାର ବିଷୟ ହେଉଛି ପ୍ରତିଚ୍ଛବି ଏବଂ ବାସ୍ତବତା ମଧ୍ୟରେ ସମ୍ପର୍କ ସମ୍ବନ୍ଧରେ ଅନୁସନ୍ଧାନ କରିବା।

ଗଣମାଧ୍ୟମର ମାନକ ଧାରଣାର ବିପରୀତରେ ଗଣମାଧ୍ୟମ ଏବଂ ସେମାନଙ୍କର ସତ୍ୟର ସନ୍ଧାନରେ ସର୍ବତ୍ର ଏବଂ ସେମାନଙ୍କର ଅଧିକାର ଏବଂ କର୍ତ୍ତୃତ୍ୱର ସ୍ୱାଧୀନତା ନିମନ୍ତେ ଏକ ପ୍ରୋପାଗାଣ୍ଡା (ପ୍ରଚାର) ମଡେଲ ପ୍ରୟୋଗ କରାଯାଇଛି ଯାହା ଗଣମାଧ୍ୟମକୁ ସାମାଜିକ ଉଦ୍ଦେଶ୍ୟରେ ସେବା କରୁଥିବା ଦେଖେ। ରାଜନୈତିକ ପ୍ରକ୍ରିୟା ଉପରେ ଅର୍ଥପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ଜନସାଧାରଣଙ୍କୁ ରାଜନୈତିକ ଦାୟିତ୍ୱର ବୌଦ୍ଧିକ କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଆବଶ୍ୟକ ସୂଚନା ପ୍ରଦାନ କରିବା ପାଇଁ ଏହା ସକ୍ଷମ ହୋଇ ନଥାଏ।

ଅପର ପକ୍ଷେ ଏକ ପ୍ରଚାର ନମୁନା ସୂଚିତ କରିଥାଏ ଯେ ଗଣମାଧ୍ୟମର ସାମାଜିକ ଉଦ୍ଦେଶ୍ୟ ହେଉଛି ବିଶେଷ ଅଧିକାର ଗୋଷ୍ଠୀ, ଯାହା ଆଭ୍ୟନ୍ତରୀଣ ସମାଜ ଏବଂ ରାଷ୍ଟ୍ରକୁ ଶାସନ କରିଥାଏ, ତାହାର ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କାର୍ଯ୍ୟସୂଚୀକୁ ବୁଝେଇବା ଏବଂ ସୁରକ୍ଷା ପ୍ରଦାନ କରିବା। ଗଣମାଧ୍ୟମ ଏହି ଉଦ୍ଦେଶ୍ୟକୁ ବିଭିନ୍ନ ଉପାୟରେ, ଯଥା: ବିଷୟ ଚୟନ କରି, ସମସ୍ୟାଗୁଡ଼ିକୁ ଆବଣ୍ଟିତ କରି, ସମସ୍ୟା/ ପ୍ରସଙ୍ଗକୁ ପ୍ରସ୍ତୁତ କରି ବା ସୂଚନାର ଶୋଧନ କରି, ଗୁରୁତ୍ୱ ପ୍ରଦାନ କରି ଏବଂ ସ୍ୱର ଦେଇ ଏବଂ ସ୍ୱୀକାର୍ଯ୍ୟ ପରିସରର ସୀମା ଭିତରେ ମତ ରଖି ସମ୍ପାଦନ କରିଥାଏ।

## ୧.୯: ଆସ ପ୍ରଗତି ମାପିବା

୧. ପ୍ରୋପାଗାଣ୍ଡା (ପ୍ରଚାର) ମଡେଲ୍ କ'ଣ ବର୍ଣ୍ଣନା କରିଥାଏ?

------------------------------------------------------------------

------------------------------------------------------------------

------------------------------------------------------------------

--------------------------------

୨. ଗଣମାଧ୍ୟମର ପାଞ୍ଚଟି ପରିଶୋଧନର ଗୁରୁତ୍ୱ କ'ଣ?

------------------------------------------------------------------

------------------------------------------------------------------

------------------------------------------------------------------

--------------------------------

## ୟୁନିଟ୍ – ୨:  ଫ୍ଲାକ୍‌ର ପ୍ରଯୋଜକଗଣ - ଚୋମ୍‌ସ୍କି ଏବଂ ହରମାନ୍‌ଙ୍କ ଯୁକ୍ତି ସମୂହ

୨.୦: ବିଷୟ ଗଠନ


୨.୧: ପଠନର ଉଦ୍ଦେଶ୍ୟ

୨.୨: ଉତ୍ପାଦନକାରୀ ସହମତିର ଇତିହାସ ଏବଂ ଉଦ୍ଭବ

୨.୩: ପ୍ରଚାର ନମୁନାର ପାଞ୍ଚଟି ପରିଶୋଧକର ଭୂମିକା

୨.୪: ହରମାନ୍ ଏବଂ ଚୋମ୍‌ସ୍କିଙ୍କ ଯୁକ୍ତି

୨.୫: ବିଷୟ ସାରାଂଶ

୨.୬: ଆସ ପ୍ରଗତି ମାପିବା


### ୨.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ର ଉଦ୍ଦେଶ୍ୟ ହେଉଛି

(କ) ଗଣମାଧ୍ୟମର ପାଞ୍ଚଟି ପରିଶୋଧକ, ଯଥା- ମାଲିକାନା, ପାଣ୍ଠି, ଉତ୍ସ, ଫ୍ଲାକ୍ (କଟୁ ସମାଲୋଚନା) ଏବଂ ସାମ୍ୟବାଦ-ବିରୋଧୀ ଭୂମିକାକୁ ବୁଝିବା।

(ଖ) ହରମାନ୍ ଏବଂ ଚୋମ୍‌ସ୍କିଙ୍କ ଯୁକ୍ତିକୁ ବୁଝିବା – ଫ୍ଲାକ୍ (କଟୁ ସମାଲୋଚନା)ର ଉତ୍ପାଦକ।

### ୨.୨: ଉତ୍ପାଦନ ସହମତିର ଇତିହାସ ଏବଂ ଉଦ୍ଭବ

ପୂର୍ବ ଏକକରେ ଆମେ ଏକ ଶବ୍ଦ 'ଉତ୍ପାଦନ ସହମତି' ସମ୍ପର୍କରେ ଜାଣି ସାରିଛେ ଯାହା ଏଡୱାର୍ଡ ଏସ୍ ହରମାନ୍ ଏବଂ ନୋଆମ୍ ଚୋମ୍‌ସ୍କିଙ୍କର ଏକ ପୁସ୍ତକ 'ମ୍ୟାନୁଫ୍ୟାକଚରିଂ କନ୍‌ସେ : ଦ ପଲିଟିକାଲ ଇକୋନୋମି ଅଫ୍ ମାସ ମିଡିଆ'ରୁ ଆସିଛି। ଏଥିରେ ଏଡୱାର୍ଡ ଏସ୍ ହରମାନ୍ ଏବଂ ନୋଆମ୍ ଚୋମ୍‌ସ୍କି ଆମେରିକାର ଗଣମାଧ୍ୟମ କିପରି ଯୋଗାଯୋଗର ପ୍ରଚାର ମଡେଲ ଦ୍ୱାରା ଏକ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ଆଦର୍ଶବାଦୀ ସଙ୍ଗଠନ ଭାବେ କାର୍ଯ୍ୟ କରିବା ସହିତ ବଜାରର ଶକ୍ତି ଉପରେ ନିର୍ଭରଶୀଳ ହୋଇ ଆଭ୍ୟନ୍ତରୀଣ କଳ୍ପନା ତଥା ଆତ୍ମ-ନିୟନ୍ତ୍ରଣ ଏବଂ ବିନା ବାଧ୍ୟବାଧକତା ବା ଜୋର୍ ଜବରଦସ୍ତିରେ ସହାୟକ ବ୍ୟବସ୍ଥାକୁ ସୁହାଇବା ଭଳି ପ୍ରଚାର କାର୍ଯ୍ୟ ବହନ କରିଥାଏ, ତାହା ଆଲୋଚନା କରିଛନ୍ତି। ସେମାନେ ୧୯୮୮ରେ ସେମାନଙ୍କର ପୁସ୍ତକ 'ମ୍ୟାନୁଫ୍ୟାକ୍‌ଚରିଙ୍ଗ୍ କନ୍‌ସେ : ଦି ପଲିଟିକାଲ୍ ଇକୋନୋମି ଅଫ୍ ଦି ମାସ୍ ମିଡିଆ'ରେ ଏହି ବିଚାର ସମ୍ପର୍କରେ ପ୍ରକାଶ କରିଥିଲେ। ସେମାନଙ୍କ ପୁସ୍ତକ ପ୍ରସ୍ତାବନା ଯୋଗାଯୋଗର ପ୍ରଚାର (ପ୍ରୋପାଗଣ୍ଡା) ମଡେଲ୍ ଉପରେ ପର୍ଯ୍ୟବେକ୍ଷିତ।

ମ୍ୟାନୁଫ୍ୟାକ୍‌ଚରିଙ୍ଗ କନ୍‌ସେ  (ଉତ୍ପାଦନ ସହମତି)ରେ ଚୋମ୍‌ସ୍କି ପ୍ରୋପାଗାଣ୍ଡା (ପ୍ରଚାର ପ୍ରସାର) ମଡେଲ୍‌ରେ 'ପାଞ୍ଚଟି ପରିଶୋଧକ କିମ୍ବା ପାଞ୍ଚଟି ଉପାଦାନ ଯାହା ଖୋଲାଖୋଲି ଭାବେ ତଥ୍ୟର ବିକୃତକରଣ କରିବା ସହିତ ସାମୂହିକ ଭାବରେ ନିୟନ୍ତ୍ରଣ କରିବା ନିମନ୍ତେ କାର୍ଯ୍ୟ କରିଥାଏ- ତାହା ହେଉଛି ଗଣମାଧ୍ୟମ ବୋଲି ଯୁକ୍ତିକୁ ବିକଶିତ କରିଥିଲେ।

ଏହି ବିଶ୍ଲେଷଣ ଭିତରେ ଚୋମ୍‌ସ୍କି ମନୁଷ୍ୟ ପ୍ରକୃତିର ସୃଜନଶୀଳତାର ଆବଶ୍ୟକତା ଏବଂ ସୃଜନଶୀଳ ହେବା ନିମନ୍ତେ ପ୍ରାକୃତିକ ମନୋଭାବ/ତତ୍ପରତା ସମ୍ପର୍କରେ କହିଛନ୍ତି। ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ଆଧୁନିକ ଗଣତନ୍ତ୍ର ଭିତରେ ଆମେରିକୀୟ ଲୋକମାନେ 'ମାମୁଲି ବ୍ୟକ୍ତି' (କଗ୍‌ସ୍ ଇନ୍ ଦ ମେସିନ୍)ରେ ପରିବର୍ତ୍ତିତ ହୋଇଛନ୍ତି, ଯେହେତୁ ସମ୍ବାଦ ଗଣମାଧ୍ୟମ ଦ୍ୱାରା ଆମମାନଙ୍କୁ ଯେଉଁ 'ଆହାର' ପରିବେଷଣ କରାଯାଉଛି, ତାହାକୁ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ନିୟନ୍ତ୍ରଣ କରୁଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଅବଶିଷ୍ଟ ଲୋକମାନେ, ହାରାହାରି ୮୦ ପ୍ରତିଶତ ଲୋକ, ବିଭାଜିତ ଏବଂ ପରସ୍ପର ବିରୋଧରେ ସଂଘର୍ଷ କରିବା ପାଇଁ ସେମାନଙ୍କୁ ଛାଡ଼ି ଦିଆଯାଇଛି।

'ଗଣତନ୍ତ୍ର ପାଇଁ ପ୍ରୋପାଗାଣ୍ଡା (ପ୍ରଚାର) ଯେଉଁ କାର୍ଯ୍ୟ କରିଥାଏ, ସ୍ୱେଚ୍ଛାଚାରିତା ନିମନ୍ତେ ହିଂସା ସେହି କାର୍ଯ୍ୟ କରିଥାଏ' କହି ଚୋମ୍‌ସ୍କି ନିଜ ଯୁକ୍ତିର ସାରାଂଶ ନିର୍ଦ୍ଧାରଣ କରିଛନ୍ତି। ସଂକ୍ଷେପରେ ସେ ବୁଝାଇଛନ୍ତି ଯେ ପ୍ରୋପାଗାଣ୍ଡା ହେଉଛି, ଜୋରଜବରଦସ୍ତି କରିବାର ଏକ ଗଣତାନ୍ତ୍ରିକ ଉପାୟ। ଏହା ଏକ ସୂକ୍ଷ୍ମ, ପ୍ରତ୍ୟକ୍ଷ ଏବଂ ଆତ୍ମନିୟନ୍ତ୍ରଣର ବ୍ୟବସ୍ଥାକୁ ସୃଷ୍ଟି କରିଥାଏ, ଯାହା ଫଳରେ ଆମେ କ'ଣ ଭାବିବା ଏବଂ କାମରେ ପରିଣତ କରିବା ଆମର ଗଣମାଧ୍ୟମ ଦ୍ୱାରା ତାହା 'ମଧୁର ଭାବେ' ଜୋରଜବରଦସ୍ତି ଆମ ଉପରେ ଲଦି ଦିଆଯାଇଥାଏ। ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧକୁ ତାଙ୍କର ପ୍ରଚାର ଢାଞ୍ଚା ଏବଂ ଆତ୍ମସଂଯମୀ ଯୁକ୍ତି ଚୋମ୍‌ସ୍କିଙ୍କ ବିଶ୍ଲେଷଣ ଭିତ୍ତିରେ ପରିଚାଳିତ କରିବା ପାଇଁ ସେବେଠାରୁ ଉଦ୍ୟମ କରାଯାଇଆସିଛି।

ଅଶି ଦଶକର ବିଳମ୍ବିତ ଭାଗରେ 'ମ୍ୟାନୁଫ୍ୟାକ୍‌ଚରିଂ କନ୍‌ସେ ' ପ୍ରକାଶିତ ହେବା ପରଠାରୁ ଏହା ବାମପନ୍ଥୀ ରାଜନୈତିକ ଦଳମାନଙ୍କ ପାଇଁ ଏକ ଯୁକ୍ତିକର ପ୍ରସଙ୍ଗ ଭାବେ କାର୍ଯ୍ୟ କରିଆସିଛି। ଏହି ପୁସ୍ତକକୁ ନେଇ ଏକ ସିନେମା ନିର୍ମାଣ କରାଯାଇଛି ତଥା ଉତ୍ସାହୀ ବ୍ୟକ୍ତିମାନଙ୍କ ପାଇଁ ସମ୍ମିଳନୀ/ପରାମର୍ଶ ପାଲଟିଛି। ଏହି ପୁସ୍ତକକୁ କଠୋର ସମାଲୋଚନାର ଶିକାର ହେବାକୁ ପଡ଼ିଛି ଏବଂ ତୁର୍କୀ ଭଳି ରାଷ୍ଟ୍ରରେ ଏହାର ଚିନ୍ତା- ଉଦ୍ରେକକାରୀ ସ୍ୱଭାବ ଯାହା ନାଗରିକ ଅଶାନ୍ତିର ରୂପ ପରିଗ୍ରହ କରିଥିଲା, ସେଥିପାଇଁ ବେଆଇନ୍ ଘୋଷିତ କରାଯାଇଛି।

ଚୋମ୍‌ସ୍କି ସୂଚିତ କରିଥିଲେ ଯେ ସାମାଜିକ ନିୟନ୍ତ୍ରଣ, ସନ୍ତୁଷ୍ଟି ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଏକ ଉପାଦାନ ହୋଇଥାଏ। ଯାହା କିଛି ଏହାର ସ୍ୱାର୍ଥ ପାଇଁ ବିରୁଦ୍ଧାଚରଣ କରିବା ଭଳି ମନେ ହୋଇଥାଏ, ତାକୁ ରାଷ୍ଟ୍ରୀୟ ଗୋପନୀୟତା ଭାବରେ ରଖି ସରକାର କେଉଁ ସୂଚନା ଜନସାଧାରଣଙ୍କୁ ଦିଆଯିବ, ତାହା ଚୟନ କରିଥାନ୍ତି। ପ୍ୟାରିସ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ରିପୋର୍ଟିଂ/ ସମ୍ବାଦ ସଂଗ୍ରହରେ ମୁଖ୍ୟସ୍ରୋତର ଗଣମାଧ୍ୟମ ସଂସ୍ଥା ବିରୋଧରେ ହୋଇଥିବା ସମାଲୋଚନାକୁ ୟୁରୋସେ ୍ରିକ୍ (ୟୁରୋପ୍-କୈନ୍ଦ୍ରିକ) ମଡେଲ୍‌ର ପ୍ରସାରଣ ଭାବରେ ଗ୍ରହଣ କରାଯାଇପାରେ। ତେବେ, ଏହା କେବଳ ଅତ୍ୟଧିକ ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ମେ ସମ୍ପର୍କରେ ନୁହେଁ। କିଛି ଭାଷ୍ୟକାର ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହା ଆହୁରି ମଧ୍ୟ କେଉଁ ପ୍ରକାରର ସମ୍ବାଦ କାହାଣୀ ବିକ୍ରି ହେଉଛି ଏବଂ କାହିଁକି, ସେ ସମ୍ବନ୍ଧରେ କହିଥାଏ।

ରାଷ୍ଟ୍ରୀୟ ସମସ୍ୟାର ପ୍ରସଙ୍ଗଗୁଡ଼ିକ ବାବଦରେ ମତଦାତାଙ୍କ ବୁଝିବାର ଗଭୀରତା ଏକ ରାଷ୍ଟ୍ରର ରାଜନୈତିକ ପରିପକ୍ୱତାକୁ ନିର୍ଦ୍ଧାରିତ କରିଥାଏ। ଅନ୍ୟ ଭାବରେ ଦେଖିଲେ ଜଣେ ଏହା ଦେଖିପାରିବ ଯେ ରାଜନୀତିର ବିଶୃଙ୍ଖଳିତ ପ୍ରକୃତିକୁ ମୁଖ୍ୟଧାରାକୁ ଆଣିବା କ୍ଷେତ୍ରରେ ଏବେ ସାମାଜିକ ମାଧ୍ୟମ ସର୍ବାଧିକ ପ୍ରଭାବଶାଳୀ

ଉପାଦାନ ପାଲଟିଛି। ସାମାଜିକ ଗଣମାଧ୍ୟମ ଜାଣେ ଯେ ଏହାର ସୀମା ନାହିଁ। ଏହା ମଧ୍ୟ ପ୍ରଭାବଶାଳୀ ଢଙ୍ଗରେ ବେସରକାରୀ ଏବଂ ସରକାରୀ ଭିତରେ ରହିଥିବା ପାର୍ଥକ୍ୟକୁ ନଷ୍ଟ କରିଦେଇଛି। ଏହା ଯେଉଁ ଗଣତାନ୍ତ୍ରିକ ସ୍ଥାନର ପ୍ରଦାନ କରିଥାଏ ତାହା ଅସୀମ, କାରଣ ଅନ୍‌ଲାଇନ୍‌ରେ ବିଷୟବସ୍ତୁକୁ ନିୟନ୍ତ୍ରିତ କରିବା ନିମନ୍ତେ କୌଣସି ଉପାୟ ନାହିଁ। ଖବରକୁ ଶୋଧନ କରିବା ମଧ୍ୟ ପ୍ରାୟତଃ ଅସମ୍ଭବ। ବିଭିନ୍ନ ଶ୍ରେଣୀର ଲୋକମାନେ ହଠାତ୍ ବାବୁ ବିଶ୍ଳେଷକ ହୋଇଯାଉଛନ୍ତି, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସେମାନଙ୍କର ବ୍ୟକ୍ତିଗତ ମତାମତ ଦେଉଛନ୍ତି। ଜଣଙ୍କର ମତାମତ ଠିକ୍ କିମ୍ବା ଭୁଲ୍, ତାହା ଆଉ ପ୍ରସଙ୍ଗ ହୋଇ ରହି ନାହିଁ। ଏଠାରେ ସ୍ୱୀକାର କରିବା ଆବଶ୍ୟକ ଯେ ରାତାରାତି ସାମାଜିକ ଗଣମାଧ୍ୟମ ଜନମତ ପାଇଁ 'ସାଉଣ୍ଡିଂ ବୋର୍ଡ' (ସ୍ୱର ଉତ୍ତୋଳନକାରୀ ମଣ୍ଡଳୀ)ରେ ପରିବର୍ତ୍ତିତ ହୋଇଯାଇଛି। ସାଉଣ୍ଡିଂ ବୋର୍ଡ ଶବ୍ଦଟି ଜର୍ଗେନ୍ ହବରମାସ୍‌ଙ୍କଠାରୁ ଅଣାଯାଇଛି।

ଯଦି ଏବଂ ଯେତେବେଳେ ଜଣେ ମତଦାତା ଜଣେ ବିଶେଷ ପ୍ରାର୍ଥୀଙ୍କୁ ସମର୍ଥନ କରୁଛି ଏବଂ ତାଙ୍କର ରକ୍ଷା କରୁଛି, କାରଣ ଯାହା ବି ହେଉ, ଏହା କିନ୍ତୁ ଦର୍ଶାଉଛି ଯେ ତା'ର ଅଭିଜ୍ଞତା କିପରି ତା'ର ଦୃଷ୍ଟିକୋଣକୁ ନିର୍ଦ୍ଧାରିତ କରିପାରେ। ଚମତ୍କାରୀ ନେତାମାନଙ୍କ ପାଟିରୁ ବାହାରି ଥିବା କଥା ଯେତେବେଳେ ଅନେକ ପରିମାଣରେ ପ୍ରତୀକାତ୍ମକ ହୋଇଥାଏ, ଏଠାରେ ପ୍ରସଙ୍ଗ ହେଉଛି, ଫିଲିପାଇନ୍‌ସରେ ରାଜନୀତି ଗଭୀର ଭାବେ ବ୍ୟକ୍ତିଗତ ହୋଇଥାଏ। ଜନସାଧାରଣଙ୍କ ଭିତରୁ ଆମର ଅଧିକାଂଶ ମତଦାତା, ଯେଉଁମାନେ ଲୋକମାନଙ୍କ ମଧ୍ୟରୁ କିଛି ହୋଇଥାନ୍ତି, ସେମାନଙ୍କ ସହିତ ଯୋଡ଼ି ହେବା ପାଇଁ ତୁମର ସରକାରୀ ମଞ୍ଚକୁ ଚିହ୍ନଟ କରେଇବା ପର୍ଯ୍ୟାପ୍ତ ହୋଇନଥାଏ। ତୁମକୁ ସେମାନଙ୍କୁ ବିଶ୍ୱାସ ଦେବାକୁ ପଡ଼ିଥାଏ ଯେ ତୁମର ହସ ବିଶ୍ୱାସଯୋଗ୍ୟ ଏବଂ କର୍ତ୍ତବ୍ୟନିଷ୍ଠ।

ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଅଧିକାଂଶ ଜନସାଧାରଣ ଇଣ୍ଟରନେଟ୍ ବ୍ୟବହାର କରନ୍ତି ନାହିଁ ଏବଂ ଯେ କୌଣସି ନିର୍ବାଚନର ଫଳାଫଳ ପ୍ରସାରଣ ଗଣମାଧ୍ୟମ କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ମତାମତକୁ ନେଇ ନିର୍ଦ୍ଧାରଣ କରାଯାଇପାରିବ ନାହିଁ।

## ୨.୩: ପ୍ରଚାର ନମୁନାର ପାଞ୍ଚଟି ପରିଶୋଧକର ଭୂମିକା

ପ୍ରଚାର ପ୍ରସାର ନମୁନା ପରାମର୍ଶ ଦେଇଛି ଯେ କର୍ପୋରେଟ୍ ଗଣମାଧ୍ୟମ ମଧ୍ୟରେ ସଂକୀର୍ଣ୍ଣ ପରିସରଯୁକ୍ତ ସ୍ୱୟଂସେବକ ଆଭିଜାତ୍ୟ ନୀତିର ବିକଳ୍ପ ପାଇଁ 'ଉତ୍ପାଦନ ସହମତି' କାର୍ଯ୍ୟ କରିଥାଏ। ଏହା ଆମକୁ ଆନୁଷ୍ଠାନିକ ଚାପ ଯାହା ପରିଶେଷରେ କାର୍ଯ୍ୟକର୍ତ୍ତା ମାନେ କିପରି କାର୍ଯ୍ୟକୁ ରଙ୍ଗାୟିତ କରିଥାନ୍ତି, ତାହା ବୁଝିବାରେ ସକ୍ଷମ କରାଇଥାଏ। 'ବସ୍ତୁନିଷ୍ଠତା'ର ସୀମାକୁ ବୁଝିବା ଏବଂ କର୍ପୋରେଟ୍ ପ୍ରାୟୋଜିତ ସାମ୍ବାଦିକତା ମଧ୍ୟରେ ବିବାଦକୁ ଜାଣିବା ପରେ ଆମେ ଗଣମାଧ୍ୟମର କୌଶଳକୁ ଉନ୍ନତ କରିପାରିବା ଯାହା କର୍ପୋରେଟ୍ ପ୍ରେସ୍‌ର ପରିଶୋଧକମାନଙ୍କୁ ବାଇପାସ୍ କରି ଏଡ଼ାଇଯାଇ ଏହି ବିବାଦରୁ ଲାଭ ଉଠାଏ ଏବଂ ଗଣମାଧ୍ୟମର ବିକଳ୍ପ ସ୍ୱରୂପ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଭାବେ ଆକର୍ଷିତ କରିଥାଏ। ହରମାନ୍‌ଙ୍କ ମତାନୁସାରେ, 'ଆମେ ଭାବିବାକୁ ଚାହିଁବୁ ଯେ ପ୍ରୋପାଗାଣ୍ଡା (ପ୍ରଚାର ମଡେଲ୍) କର୍ମକର୍ତ୍ତାମାନଙ୍କୁ ଏହା

ବୁଝାଇବାରେ ସାହାଯ୍ୟ କରିବ ଯେ କେଉଁଠାରେ ସେମାନେ ସେମାନଙ୍କର ପ୍ରୟାସକୁ ସର୍ବୋତ୍ତମ ଭାବେ ନିୟୋଜିତ କରି ପ୍ରସଙ୍ଗର ଖବର ପ୍ରସାରଣ ପାଇଁ ମୁଖ୍ୟସ୍ରୋତର ଗଣମାଧ୍ୟମକୁ ପ୍ରଭାବିତ କରିପାରିବେ।'

ଚୋମ୍‌ସ୍କିଙ୍କ ପ୍ରୋପାଗାଣ୍ଡା (ପ୍ରଚାର) ସିଦ୍ଧାନ୍ତ, ପାଞ୍ଚଟି ସାଧାରଣ ଶ୍ରେଣୀର 'ପରିଶୋଧକ' ପ୍ରଣୟନ କରିଛି ଯାହା ଗଣମାଧ୍ୟମରେ ପ୍ରସାରିତ ହେଉଥିବା ସମ୍ବାଦ/ ଖବରର ପ୍ରକାରକୁ ନିର୍ଦ୍ଧାରିତ କରିଥାଏ। ଏହି ପାଞ୍ଚଟି ଶ୍ରେଣୀ ହେଉଛି: ଗଣମାଧ୍ୟମର ମାଲିକାନା, ମାଧ୍ୟମ ପାଇଁ ପାଣ୍ଠିର ଉତ୍ସ, ସୂଚନାର ଉତ୍ସ, କଟୁ ସମାଲୋଚନା (ଫ୍ଲାକ୍) ଏବଂ ସାମ୍ୟବାଦ-ବିରୋଧୀ ବା 'ଭୟ ବିଚାରବୋଧ', ଯାହା ସାଧାରଣତଃ ଗଣମାଧ୍ୟମର ପା ଟି ପରିଶୋଧକ ଭାବେ ଜଣାଶୁଣା। ଚୋମ୍‌ସ୍କିଙ୍କ ବିଚାରରେ ପ୍ରଥମ ତିନିଟି ବହୁତ ଗୁରୁତ୍ୱପୂର୍ଣ୍ଣ। ୨୦୦୧ରେ ଆମେରିକାର ୯/୧୧ ଆକ୍ରମଣ ପରେ ପ୍ରକାଶିତ ସଂସ୍କରଣରେ, ଚୋମ୍‌ସ୍କି ଏବଂ ହରମାନ୍ ପଞ୍ଚମ ଅନୁଚ୍ଛେଦରେ 'ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧ' ଏବଂ 'ଆତଙ୍କବାଦ-ବିରୋଧୀ' ଶବ୍ଦଗୁଡ଼ିକୁ ପ୍ରୟୋଗ କରିଛନ୍ତି, ଯଦିଓ ସେମାନେ କହିଛନ୍ତି ଯେ ଏହା ଅଧିକତଃ ସମାନ ଢଙ୍ଗରେ କାମ କରିଥାଏ।

ଚୋମ୍‌ସ୍କି ଏବଂ ହରମାନ୍ ଦାବି କରନ୍ତି ଯେ ଯଦିଓ ଏହି ସିଦ୍ଧାନ୍ତ ମୁଖ୍ୟତଃ ଆମେରିକାର ଗଣମାଧ୍ୟମର ବିଶେଷତା ଉପରେ ପର୍ଯ୍ୟବସିତ, କିନ୍ତୁ ଏହା ମଧ୍ୟ ଯେ କୌଣସି ରାଷ୍ଟ୍ର ଯାହାର ମୌଳିକ ଆର୍ଥିକ ସଂରଚନା ଏବଂ ସାଙ୍ଗଠନିକ ନୀତିନିୟମ ସମାନ ଧରଣର ହୋଇଥାଏ, ଯାହାକୁ ଏହି ମଡେଲ୍ ଗଣମାଧ୍ୟମର ପକ୍ଷପାତିତାର କାରଣ ବୋଲି ମାନି ନେଇଛି, ସେହି ରାଷ୍ଟ୍ର ପାଇଁ ଲାଗୁ ହୋଇଥାଏ।

ସମାଲୋଚନା କ୍ଷେତ୍ରରେ ମାଲିକାନା ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଏହା 'କାହା ପାଖରେ କ'ଣ ଅଛି', ତା' ଉପରେ ନିର୍ଭର କରିଥାଏ। ଯେତେବେଳେ କୌଣସି ପ୍ରକାରର ପକ୍ଷପାତ ବିନା ଯେଉଁ ଗଣମାଧ୍ୟମ ଆର୍ଥିକ ସ୍ୱାର୍ଥ ସମ୍ବନ୍ଧରେ ପ୍ରଶ୍ନ କରିବ, ସେ ଅଧିକ ପକ୍ଷପାତିତା ଏବଂ କଟକଣାର ସମ୍ମୁଖୀନ ହୋଇଥାଏ ବୋଲି ଯେତେବେଳେ ବୁଝା ପଡ଼ିବ, ଏହା ସେତିକି ବେଳେ ଅଧିକ ସ୍ପଷ୍ଟ ହେବ।

ହରମାନ୍ ଏବଂ ଚୋମ୍‌ସ୍କିଙ୍କ ଅନୁସାରେ ମୁଖ୍ୟସ୍ରୋତର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବର୍ତ୍ତମାନ ହୁଏତ ବୃହତ୍ କର୍ପୋରେସନ୍ କିମ୍ବା କଙ୍ଗ୍ଲୋମରେଟ୍‌ର ଅଂଶବିଶେଷ। ଏହି କାରଣରୁ ଜନସାଧାରଣଙ୍କୁ ଯେଉଁ ସୂଚନା ଦିଆଯାଇଥାଏ, ତାହା ସେହି ସଂସ୍ଥାଗୁଡ଼ିକର ସ୍ୱାର୍ଥ ଅନୁସାରେ ପ୍ରଭାବିତ ହୋଇଥାଏ। ଏଭଳି ବୃହତ୍ ସଂସ୍ଥାଗୁଡ଼ିକ (କଂଗ୍ଲୋମରେଟ୍) ବାରମ୍ବାର ପାରମ୍ପରିକ ଗଣମାଧ୍ୟମ କ୍ଷେତ୍ରକୁ ଅତିକ୍ରମ କରି ବିସ୍ତାର କରିବାରେ ଲାଗିଛନ୍ତି ଏବଂ ସେମାନଙ୍କର ବ୍ୟାପକ ଆର୍ଥିକ ସ୍ୱାର୍ଥ ରହୁଛି, ଯାହା କେତେକ ସୂଚନାକୁ ସାର୍ବଜନୀନ କରିବା ଫଳରେ ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଥାଏ। ଏହା ପରେ ଯଦି ଲାଭକୁ ବୃଦ୍ଧି କରିବା ଅର୍ଥ ସମ୍ବାଦର ବସ୍ତୁନିଷ୍ଠତାକୁ ବଳି ଚଢ଼େଇ ଦେବା, ତା' ପରେ ଯେଉଁ ସମ୍ବାଦ ଉତ୍ସଗୁଡ଼ିକ ଶେଷରେ ତିଷ୍ଠି ରହିବ, ସେସବୁ ମୌଳିକ ଭାବରେ ପକ୍ଷପାତପୂର୍ଣ୍ଣ ହୋଇଥିବ ଯାହା ସହିତ ସେମାନଙ୍କର ସ୍ୱାର୍ଥ ଜଡ଼ିତ ରହିଥିବ।

ଆମେ ଦେଖୁ ଯେ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥା ଚଳାଇବା ପଛରେ କର୍ପୋରେସନ୍‌ର ମାଲିକ ଏବଂ ନିୟନ୍ତ୍ରଣକାରୀ ନିବେଶକମାନଙ୍କର ଆର୍ଥିକ ସ୍ୱାର୍ଥ ପୂରଣ ହେବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

ଗଣମାଧ୍ୟମ କମ୍ପାନୀର ଆକାରକୁ ବୃଦ୍ଧି କରିବାରେ ଗଣଦର୍ଶକ, ଶ୍ରୋତା ଏବଂ ପାଠକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଥରେ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପରେ ଏହି କମ୍ପାନୀଗୁଡ଼ିକ ଯୋଗାଯୋଗ ପ୍ରଯୁକ୍ତିର ଆବଶ୍ୟକତାକୁ ପୂରଣ ପାଇଁ ପୁଞ୍ଜିନିବେଶ କରିଥାନ୍ତି। ପ୍ରଭାବଶାଳୀ ଗଣମାଧ୍ୟମ ନିଗମର ଆକାର ଏବଂ ଲାଭଖୋର ମନୋବୃତ୍ତିର ଆବଶ୍ୟକତା ପକ୍ଷପାତିତା ସୃଷ୍ଟି କରିଥାଏ।

ତେଣୁ ଏକ ପକ୍ଷପାତମୁକ୍ତ ଗଣମାଧ୍ୟମ ପାଇଁ ମାଲିକାନା ଯାଞ୍ଚ କରିବା ଆବଶ୍ୟକ ହୋଇଥାଏ। ଯେ କୌଣସି ସଂସ୍ଥା ଚଳାଇବା ପାଇଁ ପାଣ୍ଠି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏପରିକି ମାଲିକାନା ପାଣ୍ଠି ଉପରେ ନିର୍ଭର କରିଥାଏ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହର ମୁଖ୍ୟ ଉତ୍ସ ହେଉଛି ବିଜ୍ଞାପନ। ଅଧିକାଂଶ ଖବରକାଗଜକୁ ଉତ୍ପାଦନ ଖର୍ଚ୍ଚ ବହନ କରିବା ପାଇଁ ବିଜ୍ଞାପନକୁ ଆକର୍ଷିତ କରିବାକୁ ପଡ଼ିବ: ନଚେତ୍ ସେମାନଙ୍କ ଖବରକାଗଜର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିବ। ବିଜ୍ଞାପନଦାତାଙ୍କୁ ଆକର୍ଷିତ କରିବା ପାଇଁ ଗଣମାଧ୍ୟମରେ ଅତ୍ୟଧିକ ପ୍ରତିଯୋଗିତା ଚାଲିଥାଏ; ଏକ ଖବରକାଗଜ ଯାହା ଏହାର ପ୍ରତିଯୋଗୀମାନଙ୍କ ତୁଳନାରେ କମ୍ ବିଜ୍ଞାପନ ପାଇଥାଏ, ତାହା ଏକ ଗୁରୁତର ସମସ୍ୟା ଭିତରେ/ ଅସୁବିଧାରେ ରହିଥାଏ। ଊନବିଂଶ ଏବଂ ବିଂଶ ଶତାବ୍ଦୀରେ 'ଲୋକମାନଙ୍କ ଖବରକାଗଜ'ର ମୃତ୍ୟୁ ହେବା/ ବନ୍ଦ ହୋଇଯିବାର ଅନ୍ୟ ଏକ କାରଣ ହେଉଛି ବିଜ୍ଞାପନ ରାଜସ୍ୱ/ଅର୍ଥ ସଂଗ୍ରହ କରିବାରେ ସଫଳତାର ଅଭାବ।

ଏହାଦ୍ୱାରା ରାଜନୈତିକ ପକ୍ଷପାତିତା ଏବଂ ବିଜ୍ଞାପନ ଦାତାଙ୍କର ଆର୍ଥିକ ଇଚ୍ଛା ପୂରଣ ହୋଇଛି। ଏହା ମଧ୍ୟ ପ୍ରେସ୍‌ର ଶ୍ରମିକ ଶ୍ରେଣୀର ଉନ୍ନତି ଏବଂ ଖବରକାଗଜର ମନ୍ଥର ଗତି ପାଇଁ ଏକ ପ୍ରମୁଖ କାରଣ ହୋଇଛି।

ଯଦି ଆମେ ଏହାକୁ ଗଭୀର ଭାବେ ବୁଝିବାକୁ ଚେଷ୍ଟା କରିବା, ତେବେ ଆମେ ଜାଣିବାକୁ ପାଇବା ଯେ ଉତ୍ପାଦଟି ଧନୀକ ପାଠକମାନଙ୍କୁ ନେଇ ଗଠିତ, ଯେଉଁମାନେ ଖବରକାଗଜ କ୍ରୟ କରିଥାନ୍ତି – ଯେଉଁମାନଙ୍କ ମଧ୍ୟରେ ନିର୍ଣ୍ଣୟ ନେଉଥିବା ଶିକ୍ଷିତ ଗୋଷ୍ଠୀ ମଧ୍ୟ ହୋଇଥାନ୍ତି – ଯେତେବେଳେ କି ପ୍ରକୃତ ଗ୍ରାହକ ଯେଉଁମାନେ ଖବରକାଗଜଠାରୁ ସେବା ପାଇଥାନ୍ତି, ସେମାନଙ୍କ ମଧ୍ୟରେ ଯେଉଁମାନେ ସେମାନଙ୍କ ସାମଗ୍ରୀର ବିଜ୍ଞାପନ ପ୍ରକାଶିତ / ପ୍ରସାରିତ ହେବା ପାଇଁ ଦେୟ ଦେଇଥାନ୍ତି, ସେଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ। ପାଠକମାନେ ବିଶ୍ୱାସ କରିଥାନ୍ତି ଯେ ସେମାନେ ହେଉଛନ୍ତି ଖବରକାଗଜର ପ୍ରାଥମିକତା, ସତ୍ୟ କିନ୍ତୁ ଭିନ୍ନ ହୋଇଥାଏ।

ଏହି ପରିଶୋଧକ ଏହା ଆଲୋକିତ କରିବାକୁ ଚେଷ୍ଟା କରିଛି ଯେ ବିଜ୍ଞାପନ ଯାହା ବିଷୟବସ୍ତୁକୁ ଗଠନ କରେ ଏବଂ ଶିକ୍ଷିତ ନିର୍ଣ୍ଣୟକାରୀମାନଙ୍କୁ ଆକର୍ଷିତ କରିବା ପାଇଁ ସବୁଠାରୁ ଅନୁକୂଳ ହୋଇଥାଏ, ତାହାକୁ ଅର୍ଥାତ୍ ବିଜ୍ଞାପନକୁ ଦେଖିବା ପାଇଁ ବିଶେଷ ପାଠକ ପାଇବା ନିମନ୍ତେ ସମ୍ବାଦ/ ଖବରର ପରିଶୋଧନ କରାଯାଏ।

ଏହା ମଧ୍ୟ ସୂଚିତ କରେ ଯେ ଯେଉଁ କାହାଣୀଗୁଡ଼ିକ ସେମାନଙ୍କର 'କ୍ରୟ ମନୋଭାବ' ସହିତ ଦ୍ୱନ୍ଦ୍ୱ ଉପୁଜାଇଥାଏ, ସେଗୁଡ଼ିକୁ ଛୋଟ କରି ଦିଆଯାଏ କିମ୍ବା ବାଦ୍ ଦିଆଯାଏ। ଯେଉଁ ସୂଚନା ବିଶ୍ୱର ଚିତ୍ର ଉପସ୍ଥାପନ କରୁଥାଏ, ଅଥଚ ବିଜ୍ଞାପନଦାତାଙ୍କ ସ୍ୱାର୍ଥ ହାନି କରୁଥାଏ, ତାହାକୁ ମଧ୍ୟ ବାଦ୍ ଦିଆଯାଇଥାଏ।

ଏହି ସିଦ୍ଧାନ୍ତ ଯୁକ୍ତି କରିଥାଏ ଯେ ଲୋକମାନେ କ୍ରୟ କରୁଥିବା ଖବରକାଗଜ ହେଉଛି ଏମିତି ଏକ ଉତ୍ପାଦ, ଯାହା ବିଜ୍ଞାପନ ନିମନ୍ତେ ସ୍ଥାନ କ୍ରୟ କରୁଥିବା ବ୍ୟବସାୟକୁ ବିକ୍ରି ହୋଇଥାଏ, ସମ୍ବାଦ କେବଳ ଏକ ଉତ୍ପାଦ ଭାବରେ ସାମାନ୍ୟ ଭୂମିକା ଗ୍ରହଣ କରିଥାଏ।

ହରମାନ୍ ଏବଂ ଚୋମ୍‌ସ୍କିଙ୍କ ପାଞ୍ଚଟି ପରିଶୋଧକ ମଧ୍ୟରୁ ତୃତୀୟଟି ଗଣମାଧ୍ୟମ ଖବରର ଉତ୍ସ ସହିତ ଜଡ଼ିତ। 'ଗଣମାଧ୍ୟମ ଅର୍ଥନୈତିକ ଆବଶ୍ୟକତା ଦ୍ୱାରା ଶକ୍ତିଶାଳୀ ସୂଚନାର ଉତ୍ସ ଏବଂ ଆଗ୍ରହର ପାରସ୍ପରିକତା ଭିତରେ ଥିବା ପ୍ରତୀକାତ୍ମକ ସମ୍ପର୍କ ପ୍ରତି ଆକର୍ଷିତ ହୋଇଥାଏ। ଏପରିକି ବୃହତ୍ ଗଣମାଧ୍ୟମ ସଂସ୍ଥା ସବୁ ସ୍ଥାନରେ ସାମ୍ବାଦିକମାନଙ୍କୁ ସ୍ଥାନିତ କରିବାକୁ ସକ୍ଷମ ହୋଇ ନଥାନ୍ତି। ବ୍ୟବସାୟ ନିଗମ ଏବଂ ବାଣିଜ୍ୟ ସଙ୍ଗଠନଗୁଡ଼ିକ ମଧ୍ୟ ସମ୍ବାଦଯୋଗ୍ୟ ବିବେଚିତ ହୋଇଥିବା କାହାଣୀର ବିଶ୍ୱସ୍ତ ସୂତ୍ର ହୋଇଥାନ୍ତି।

ହରମାନ୍ ଏବଂ ଚୋମ୍‌ସ୍କି ଯୁକ୍ତି ଦର୍ଶାନ୍ତି ଯେ, 'ଶକ୍ତିଶାଳୀ ସବ୍‌ସିଡାଇଜ୍ (ରିହାତି ପ୍ରଦାନକାରୀ) ବୃହତ୍ ଅମଲାତନ୍ତ୍ର ଯୋଗୁଁ ଗଣମାଧ୍ୟମ ଖବର ପାଖରେ ପହଞ୍ଚିବାର ସ୍ୱତନ୍ତ୍ର ପ୍ରବେଶ ଲାଭ କରିଛି, ସେମାନଙ୍କ ଅବଦାନ ଦ୍ୱାରା ଗଣମାଧ୍ୟମର ସମ୍ବାଦ ସଂଗ୍ରହ ଏବଂ ପ୍ରସ୍ତୁତ କରିବାର ଖର୍ଚ୍ଚ ହ୍ରାସ ପାଇଛି। ବୃହତ୍ ସଂସ୍ଥା ଯାହା ଏହି ରିହାତି ପ୍ରଦାନ କରିଥାନ୍ତି, ସବୁଦିନିଆ ଖବରର ଉତ୍ସ ପାଲଟି ଯାଇଥାନ୍ତି ଏବଂ ସେମାନେ ଗଣମାଧ୍ୟମରେ ପ୍ରବେଶ କରିବା ପାଇଁ ବିଶେଷ ଅଧିକାର ପାଇଥାନ୍ତି। ଅଣ-ଦୈନନ୍ଦିନ ଉତ୍ସଗୁଡ଼ିକ ପ୍ରବେଶ/ ପହଞ୍ଚିବା ପାଇଁ ସଂଘର୍ଷ କରିବା ଆବଶ୍ୟକ ହୋଇଥାଏ ଏବଂ ଦ୍ୱାର ଜଗୁଆଳୀ ଅର୍ଥାତ୍ ସମ୍ବାଦ ସଂସ୍ଥାର ମୁଖ୍ୟଙ୍କର ମନୋମୁଖୀ ନିଷ୍ପତ୍ତି ଦ୍ୱାରା ଉପେକ୍ଷିତ ହୋଇପାରନ୍ତି। ବେସରକାରୀ ଏବଂ ସରକାରୀ ଖବରର ଉତ୍ସ ଉପରେ ନିର୍ଭରଶୀଳତା ଦ୍ୱାରା ସମ୍ପାଦକୀୟ ବିକୃତିକରଣ ବୃଦ୍ଧି ପାଇଥାଏ। ଯଦି ଏକ ପ୍ରଦତ୍ତ ଖବରକାଗଜ, ଟେଲିଭିଜନ ଷ୍ଟେସନ୍, ମାଗାଜିନ୍ (ପତ୍ରିକା) ଇତ୍ୟାଦି ଉତ୍ସ ଅନାଦର/ହତାଦରର ଶିକାର ହୋଇଥାନ୍ତି, ତେବେ ଉତ୍ସ ଏହାକୁ ସୂଚନା ଦେବାରୁ ସୂକ୍ଷ୍ମ ରୂପରେ ବାଦ୍ ଦେଇଥାଏ। ଫଳ ସ୍ୱରୂପ, ଏହା ପାଠକ କିମ୍ବା ଦର୍ଶକଙ୍କୁ ହରେଇଥାଏ ଏବଂ ପରିଶେଷରେ ବିଜ୍ଞାପନଦାତାକୁ ମଧ୍ୟ ହରେଇଥାଏ। ଏହିଭଳି ଆର୍ଥିକ ବିପଦକୁ କମ୍ କରିବାକୁ ସମ୍ବାଦ ମାଧ୍ୟମ ବ୍ୟବସାୟଗୁଡ଼ିକ ସରକାରୀ ଏବଂ କର୍ପୋରେଟ୍ ନିୟମର ସମର୍ଥନ ପାଇଁ, ବ୍ୟବସାୟ କ୍ଷେତ୍ରରେ ତିଷ୍ଠି ରହିବା ପାଇଁ ସମ୍ପାଦକୀୟ ବିରୂପୀକରଣ/ ଖବରର ବିକୃତ ଉପସ୍ଥାପନା କରିଥାନ୍ତି। ଏହି ସମ୍ପର୍କ ମଧ୍ୟ ଶ୍ରମର ନୈତିକ ବିଭାଜନ ସୃଷ୍ଟି କରିଥାଏ, ଯେଉଁଥିରେ 'ଅଧିକାରୀମାନଙ୍କ ନିକଟରେ ତଥ୍ୟ ଥାଏ ଏବଂ ସେମାନେ ତଥ୍ୟ ଦିଅନ୍ତି' ଏବଂ 'ସାମ୍ବାଦିକମାନେ କେବଳ ସେଗୁଡ଼ିକୁ ପ୍ରାପ୍ତ କରିଥାନ୍ତି'। ଏହା ପରେ ସାମ୍ବାଦିକମାନେ ଅଣ ଜଟିଳ/ କୋହଳ ମନୋଭାବ ପୋଷଣ/ଗ୍ରହଣ କରିବା ଧରି ନିଆଯାଇଥାଏ ଯାହା ସେମାନଙ୍କ ପକ୍ଷେ ସଂଜ୍ଞାନାତ୍ମକ ଅସନ୍ତୋଷକୁ ଅନୁଭବ ନ କରି କର୍ପୋରେଟ୍ ମୂଲ୍ୟବୋଧକୁ ଗ୍ରହଣ କରିବାକୁ ସମ୍ଭବ କରିଥାଏ।

ହରମାନ୍ ଏବଂ ଚୋମସ୍କିଙ୍କର ଚତୁର୍ଥ ପରିଶୋଧକ ହେଉଛି ଫ୍ଲାକ୍ (ଫ୍ଲାକ୍‌ର ଅର୍ଥ ପ୍ରୋତ୍ସାହନକାରୀ କିମ୍ବା ପ୍ରଚାର ଏଜେ  ବୋଲି ଦ୍ୱନ୍ଦ୍ୱରେ ପଡ଼ନାହିଁ) ଯାହା ଗଣମାଧ୍ୟମକୁ ଶୃଙ୍ଖଳିତ କରିବା ପାଇଁ ପ୍ରତିଷ୍ଠିତ ହୋଇଛି। ପ୍ରତିଷ୍ଠିତ ଶକ୍ତି (ଉଦାହରଣ ସ୍ୱରୂପ, ପ୍ରତିଷ୍ଠାନ) ପାଇଁ ଯାହା ଅନୁକୂଳ ବୋଲି ହରମାନ୍ ଏବଂ ଚୋମ୍‌ସ୍କି ମନେ କରନ୍ତି, ସେହି ପ୍ରଚଳିତ ଅନୁମାନ ଉପରେ ସନ୍ଦେହ ପ୍ରକଟ କରୁଥିବା ବା ସେଥି ସହିତ ଅରାଜି

ହେଉଥିବା ସଙ୍ଗଠନ ବା ବ୍ୟକ୍ତିବିଶେଷଙ୍କର ହୀନ ଉଦ୍ୟମ ଭାବରେ ଚୋମ୍‌ସ୍କି ଏବଂ ହରମାନ୍ ଯାହାକୁ ଦେଖନ୍ତି, ତା'ରି ପାଇଁ 'ଫ୍ଲାକ୍' ଶବ୍ଦ ପ୍ରୟୋଗ କରାଯାଇଛି। ଏହା ଏକ ସମ୍ବାଦ କାହାଣୀ ପ୍ରତି ନକାରାତ୍ମକ ମନ୍ତବ୍ୟକୁ ବୁଝାଏ ଯାହା ସଚେତନତାଠାରୁ ଅନେକ ଦୂରରେ ରହୁଥିବା ସାମ୍ବାଦିକ ଏବଂ ସମ୍ବାଦ ସଙ୍ଗଠନଗୁଡ଼ିକୁ ଆକଟ ଏବଂ ଶୃଙ୍ଖଳିତ କରିବା ପାଇଁ କାର୍ଯ୍ୟ କରିପାରେ। ଏଥିରେ ଅଭିଯୋଗ, ମୋକଦ୍ଦମା, ନିବେଦନ କିମ୍ବା ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ ହୋଇଥାଏ। ଏହା ସହିତ ବିଜ୍ଞାପନ ରାଜସ୍ୱ/ଆୟରେ କ୍ଷତି କିମ୍ବା ଆଇନ୍‌ଗତ ପ୍ରତିରକ୍ଷା କିମ୍ବା ଜନସାଧାରଣଙ୍କ ଆଗରେ ଗଣମାଧ୍ୟମ ସଂସ୍ଥାର ପ୍ରତିଚ୍ଛବିକୁ ସୁରକ୍ଷିତ ରଖିବା ପାଇଁ ହେଉଥିବା ଖର୍ଚ୍ଚ କାରଣରୁ ଏହା ମଧ୍ୟ ଗଣମାଧ୍ୟମ ପାଇଁ ବ୍ୟୟବହୁଳ ହୋଇପାରେ। ଏହା ଶକ୍ତିଶାଳୀ, ବ୍ୟକ୍ତିଗତ ପ୍ରଭାବଶାଳୀ ଗୋଷ୍ଠୀ (ଯଥା ବିଚାରମଞ୍ଚ) ଦ୍ୱାରା ସଙ୍ଗଠିତ ହୋଇପାରିବ। କାହାଠାରୁ କିଛି ସୂଚନା ପାଇବା ପାଇଁ କଟୁ ସମାଲୋଚନାର ସମ୍ଭାବନା କିଛି ପ୍ରକାରର ସତ୍ୟତା ଏବଂ ମତାମତର ରିପୋର୍ଟିଂକୁ ହତୋତ୍ସାହିତ କରିଥାଏ। ଅନ୍ୟ ତିନିଟି ପ୍ରଥମ 'ବିଶୋଧକ' ପ୍ରକ୍ରିୟା- ଯାହାକି ବଜାର କ୍ରିୟାବିଧିର ବିଶ୍ଳେଷଣରୁ ପ୍ରାପ୍ତ ହୋଇଛି ତାହାଠାରୁ ଫ୍ଲାକ୍ (କଟୁ ସମାଲୋଚନା) ହେଉଛି ଭିନ୍ନ ଏହା ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସୂଚନାକୁ ପରିଚାଳିତ କରିବା ପାଇଁ ଅନୁକୂଳ ପ୍ରୟାସ ମାଧ୍ୟମରେ ଚିହ୍ନିତ କରିଥାଏ/ ବର୍ଣ୍ଣନା କରିଥାଏ।

ସାମ୍ୟବାଦ-ବିରୋଧୀ ଏକ ବାହ୍ୟ ଶତ୍ରୁ କିମ୍ବା ବାହ୍ୟ ଧମକର ଭୟ। ଏହି ପରିଶୋଧକ ଏକ ସାଧାରଣ ଶତ୍ରୁ (ଆତଙ୍କବାଦ, ଶକ୍ତି ଅସୁରକ୍ଷିତା, ଇରାନ୍) ବିରୋଧରେ ଜନସାଧାରଣଙ୍କୁ ଏକତ୍ର କରିଥାଏ, ଯେତେବେଳ କି ରାଷ୍ଟ୍ର ନିୟମକୁ ବିରୋଧ କରୁଥିବା ଲୋକମାନଙ୍କୁ ଦେଶଦ୍ରୋହୀ କିମ୍ବା ଶତ୍ରୁମାନଙ୍କ ସହିତ ସଙ୍ଗଠନ କରିବା ପ୍ରସଙ୍ଗକୁ ନେଇ ଦମନ କରାଯାଇଥାଏ।

ପୁସ୍ତକର ୧୯୮୮ ମସିହାର ମୌଳିକ ସଂସ୍କରଣରେ ସାମ୍ୟବାଦ- ବିରୋଧୀ ପ୍ରସଙ୍ଗ ଏକ ପରିଶୋଧକ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ଚୋମ୍‌ସ୍କି ଯୁକ୍ତି କରିଥିଲେ ଯେ ଶୀତଳ ଯୁଦ୍ଧ (୧୯୪୫-୯୧) ଶେଷ ହେବା ପର୍ଯ୍ୟନ୍ତ ସାମ୍ୟବାଦ- ବିରୋଧୀ ପ୍ରସଙ୍ଗ ଏକ ପ୍ରମୁଖ ସାମାଜିକ ନିୟନ୍ତ୍ରକ ପ୍ରକ୍ରିୟା ଭାବରେ 'ଆତଙ୍କବାଦ ବିରୋଧରେ ଯୁଦ୍ଧ' ପ୍ରସଙ୍ଗର ସ୍ଥାନ ନେଇଥିଲା।

## ୨.୪: ହରମାନ୍ ଏବଂ ଚୋମ୍‌ସ୍କିଙ୍କ ଯୁକ୍ତି ସମୂହ

ହରମାନ୍ ଏବଂ ଚୋମ୍‌ସ୍କି ତାଙ୍କର ପ୍ରଚାର ନମୁନାରେ ଯୁକ୍ତି କରିଛନ୍ତି ଯେ ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମ ଅର୍ଥନୈତିକ ଏବଂ ରାଜନୈତିକ ବାଧାବିଘ୍ନର ସମ୍ମୁଖୀନ ହୋଇଥାଏ, ଯାହା ଲୋକମାନଙ୍କ ସହମତି ସୃଷ୍ଟି ଦିଗରେ କାର୍ଯ୍ୟ କରିଥାଏ। ଇରାକ୍ ଯୁଦ୍ଧକୁ ବିଶେଷ ଆଧାର କଲେ ଜଣାପଡ଼େ ଯେ ଉଭୟ ଆରବ ଅଞ୍ଚଳର ରାଷ୍ଟ୍ରୀୟ ମାଲିକାନାରେ ଥିବା ଗଣମାଧ୍ୟମ ସଂସ୍ଥା, ଆମେରିକା ଏବଂ ଗ୍ରେଟ୍ ବ୍ରିଟେନ୍‌ର ବାଣିଜ୍ୟିକ ସମ୍ବାଦ ସରବରାହ ସଂସ୍ଥା ଉପରେ ପକ୍ଷପାତ ରିପୋର୍ଟିଂ ଏବଂ ରାଷ୍ଟ୍ରର ବିଶ୍ୱସ୍ତ ଭୃତ୍ୟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ଆସିଥିଲା। ଇରାକ୍ ଯୁଦ୍ଧ ସମୟରେ ଆହତ ନାଗରିକମାନଙ୍କ ଉପରେ ଗଣମାଧ୍ୟମ ଯେଉଁ ଖବର ପ୍ରକାଶ କରିଥିଲା, ସେଥିରେ ଏହା ଦେଖାଇଥିଲା ଯେ ଏକ ଆମେରିକୀୟ ଖବର-ସଂସ୍ଥା

ସେମାନଙ୍କ ରିପୋର୍ଟରେ ମୂଲ୍ୟବାନ ଏବଂ ମୂଲ୍ୟହୀନ ପୀଡ଼ିତମାନଙ୍କ ଭିତରେ ଅନ୍ତର କରିଥିଲା ଏବଂ ଏକ ରକ୍ତ ଦାଗ ବିନା ଯୁଦ୍ଧର ଏକ ଚିତ୍ର ଆଙ୍କିଥିଲା, ଯାହା ଯୁଦ୍ଧର ବାସ୍ତବ ଚିତ୍ରର ବିପରୀତ ଦୃଶ୍ୟକୁ ସ୍ପଷ୍ଟ କରୁଥିଲା।

ଏହି କାରକଗୁଡ଼ିକ ଜନସାଧାରଣଙ୍କ ସହମତିର ଉତ୍ପାଦନକୁ ସୂଚୀତ କରିଥାଏ ଏବଂ ବାଣିଜ୍ୟିକ ଗଣମାଧ୍ୟମ ସଂସ୍ଥା ଏକ ବସ୍ତୁନିଷ୍ଠ ଖବର ପ୍ରଦାନକାରୀ ସଂସ୍ଥା ଏବଂ ରାଜନୈତିକ ଏବଂ କର୍ପୋରେଟ୍ ଧନୀକ ଶ୍ରେଣୀ ଉପରେ ସ୍ୱାଧୀନ ଭାବେ ନଜର ରଖି ଥିବାର ଯେଉଁ ଧାରଣା ରହିଛି, ତାକୁ ଅଗ୍ରାହ୍ୟ କରିଦେଇଥାଏ।

ସେମାନଙ୍କ ଯୁକ୍ତିରେ ଚୋମ୍‌ସ୍କି ଏବଂ ହରମାନ୍ ପ୍ରଚାରର ନିର୍ଦ୍ଦେଶାତ୍ମକ ଦିଗକୁ ଅସ୍ୱୀକାର କରିଛନ୍ତି। ପ୍ରୋପାଗାଣ୍ଡା ମଡେଲ୍‌ରେ ସେମାନଙ୍କ ଦ୍ୱାରା କୁହାଯାଇଛି ଯେ ଉଦାରବାଦୀ ଗଣତନ୍ତ୍ରରେ ଘରୋଇ ମାଲିକାନାରେ ଥିବା ଗଣମାଧ୍ୟମ ରାଜନୈତିକ ଏବଂ କର୍ପୋରେଟ୍ ଧନୀକ ଶ୍ରେଣୀର ସ୍ୱାର୍ଥ ପାଇଁ ସେବା ପ୍ରଦାନ କରିଥାଏ ଏବଂ ଏହା ଜନସାଧାରଣଙ୍କ ସହମତି ଉତ୍ପାଦନ କରିବାରେ ଏକ ଉପକରଣ ଭାବେ କାର୍ଯ୍ୟ କରିଥାଏ (ହରମାନ୍ ଏବଂ ଚୋମ୍‌ସ୍କି ୧୯୯୪:୨)। ଏହି ପରିଶୋଧକଗୁଡ଼ିକ ନିଶ୍ଚିତ କରିଥାନ୍ତି ଯେ ଗଣମାଧ୍ୟମର ଅନ୍ତିମ ପରିଣତି ଧନୀକ ଶ୍ରେଣୀର ସ୍ୱାର୍ଥ ଏବଂ ମତାମତକୁ ପ୍ରତିଫଳିତ କରିବ ଏବଂ କେବଳ ଆଭିଜାତ୍ୟ ଶ୍ରେଣୀ ଦ୍ୱାରା ଗ୍ରହଣଯୋଗ୍ୟ ଜଟିଳ କିମ୍ୱା ବିବାଦୀୟ ଖବରକୁ ପାରିତ କରାଇବ। ଏହାର ଫଳ ସ୍ୱରୂପ, ଯଦି ଆଭିଜାତ୍ୟ ଶ୍ରେଣୀ ଏକ ବିଷୟ ଉପରେ କିଛି ମତାମତ ଦେଇଥାଏ, ତେବେ ଗଣମାଧ୍ୟମ ଫଳାଫଳ ଉପରେ ସେମାନଙ୍କର ସାଧାରଣ ସହମତି ମଧ୍ୟ ପ୍ରତିବିମ୍ବିତ ହେବ। (ମୁଲେନ୍, ୨୦୦୯:୪)

ପ୍ରଥମ ପରିଶୋଧକ ଗଣମାଧ୍ୟମରେ ଲାଭର ଏକ ଅନୁସନ୍ଧାନ ଭାବରେ ରହିଆସିଛି। ଗଣମାଧ୍ୟମ ବଜାରରେ, ଗଣମାଧ୍ୟମ କମ୍ପାନୀକୁ ଅଧିକ ଅର୍ଥ ଦେଇ ଆର୍ଥିକ ସହାୟତା କରିବା ସହିତ ବେନିୟମତା ଯୋଗୁଁ ଗଣମାଧ୍ୟମର ମାଲିକାନା ସୀମିତ ହୋଇଯାଇଛି ଏବଂ ଏହା ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରିତ କରିବା କାର୍ଯ୍ୟକୁ ବୃଦ୍ଧି କରିଛି। ଏହା ସହିତ ଲାଭର ଅନୁସନ୍ଧାନ ବ୍ୟାଙ୍କ ଏବଂ ନିବେଶକମାନଙ୍କ ନିମନ୍ତେ ଗଣମାଧ୍ୟମ ସଂସ୍ଥାର ବୃହତ୍ ଭାଗ କ୍ରୟ କରିବାର ମାର୍ଗକୁ ଉନ୍ମୁକ୍ତ କରିଦେଇଛି। ଫଳ ସ୍ୱରୂପ, ହରମାନ୍ ଏବଂ ଚୋମ୍‌ସ୍କି (୧୯୯୪:୪ ଏଫ୍) ଯୁକ୍ତି କରିଛନ୍ତି ଯେ ଗଣମାଧ୍ୟମ ସହିତ ବ୍ୟାଙ୍କ ଏବଂ କର୍ପୋରେସନ୍‌ର ଦୃଢ଼ ବନ୍ଧନ ନିଶ୍ଚିତ କରିଛି ଯେ ସୂଚନା, ଯାହା ସେମାନଙ୍କ ସ୍ୱାର୍ଥର ବିପରୀତମୁଖୀ ହୋଇଥାଏ, ତାହାକୁ ସମ୍ବାଦ ଭିତରେ କମ୍ ପରିମାଣରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଲକ୍ଷ୍ୟ କଲେ ଜାଣିହେବ ଯେ ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ଏବଂ ଆମେରିକାରେ ଏହା ଦେଖାଯାଇଛି କି, ସେଠାରେ ଗତ ଦଶନ୍ଧିରେ ଗଣମାଧ୍ୟମ ଉପରେ ଏକାଗ୍ରତା/ ଧ୍ୟାନ କେନ୍ଦ୍ରିତ ହେବା ବୃଦ୍ଧି ପାଇଛି ଏବଂ ବୃହତ୍ ଗଣମାଧ୍ୟମ କମ୍ପାନୀଗୁଡ଼ିକ ଉଦ୍ୟୋଗ ଉପରେ ପ୍ରଭୁତ୍ୱ ଜାହିର କରୁଛନ୍ତି। ଅଣ-ଲାଭକାରୀ ସଂସ୍ଥା ଫ୍ରି ପ୍ରେସ୍ ଅନୁସାରେ ଆମେରିକୀୟ ଗଣମାଧ୍ୟମ ଉଦ୍ୟୋଗର ଛଅଟି ବୃହତ୍ ସଂସ୍ଥା ହେଉଛି, ଜେନେରାଲ୍ ଇଲେକ୍ଟ୍ରିକ୍ସ୍, ୱାଲ୍ଟ ଡିଜ୍‌ନୀ, ନ୍ୟୁଜ୍ କର୍ପୋରେସନ୍, ଟାଇମ୍ ୱାର୍ଣ୍ଣର, ଭାୟାକମ୍ ଏବଂ ସିବିଏସ୍ (ଫ୍ରି ପ୍ରେସ, ୨୦୧୨)।

ପ୍ରଚାର ନମୁନାର ଦ୍ୱିତୀୟ ପରିଶୋଧକ, ବିଜ୍ଞାପନ ସମ୍ପର୍କରେ ଯୁକ୍ତି କରି ହରମାନ୍ ଏବଂ ଚୋମ୍‌ସ୍କି କହିଛନ୍ତି ଯେ ବିଜ୍ଞାପନ ଉପରେ ଗଣମାଧ୍ୟମ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ନିର୍ଭର କରିଥାଏ, ଯାହା

ବିଜ୍ଞାପନଦାତାଙ୍କୁ ଗଣମାଧ୍ୟମର କାର୍ଯ୍ୟକ୍ରମକୁ ପ୍ରଭାବିତ କରିବା ପାଇଁ କ୍ଷମତା ଦେଇଥାଏ। ସେମାନଙ୍କ ଅନୁସାରେ, ବିଜ୍ଞାପନଦାତା ଏକ ମନୋରଞ୍ଜନ କାର୍ଯ୍ୟକ୍ରମକୁ ପସନ୍ଦ କରିଥାନ୍ତି, ଯାହା ସେମାନଙ୍କ ଦର୍ଶକମାନଙ୍କର କ୍ରୟ କରିବାର ମନୋଭାବ ଉପରେ ମୁଣ୍ଡ ଖେଳାଇନଥାଏ, ଏହିପରି ବିବାଦୀୟ ପ୍ରସଙ୍ଗ ଏବଂ ମତାମତ ମଧ୍ୟ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଥାଏ। ଏହା ପରର ବିକାଶ ଡିଜିଟାଲାଇଜେସନ୍ ସହିତ ଦେଖିବାକୁ ମିଳିଥାଏ ଏବଂ ଇଣ୍ଟରନେଟ୍, ବିଜ୍ଞାପନର ଏକ ନୂତନ ଏବଂ ଲୋକପ୍ରିୟ ମାଧ୍ୟମ ପାଲଟିଛି। ଏହାର ଫଳ ସ୍ୱରୂପ ଅଧିକ ପରିମାଣରେ ଗଣମାଧ୍ୟମ ସଂସ୍ଥା ବିଜ୍ଞାପନର ସହବନ୍ଧନ ନିମନ୍ତେ ପ୍ରତିଯୋଗିତା କରୁଛନ୍ତି।

ପ୍ରଚାର ନମୁନାର ତୃତୀୟ ପରିଶୋଧକ ସମ୍ପର୍କରେ କହିବାକୁ ଯାଇ ହରମାନ୍ ଏବଂ ଚୋମ୍‌ସ୍କି ଉଲ୍ଲେଖ କରିଛନ୍ତି ଯେ ସୂଚନାର ଉତ୍ସ ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଷୟବସ୍ତୁ ଉପରେ ଅଧିକ ନିର୍ଭରଶୀଳ ହୋଇଥାଏ। ସେମାନେ ଆହୁରି ମଧ୍ୟ ଯୋଡ଼ିଛନ୍ତି ଯେ ସ୍ୱଳ୍ପ ସମୟ ପାଇଁ ତିଆରି କରାଯାଇଥିବା ଖବରର ସତ୍ୟତାର ଏହା ଫଳାଫଳ ହୋଇଥାଏ, ଯାହା କର୍ପୋରେସନ୍, ବାଣିଜ୍ୟ ସଙ୍ଗଠନ ଏବଂ ରାଜନୈତିକ ଦଳମାନଙ୍କ ଦ୍ୱାରା ଦିଆଯାଉଥିବା ଖବର ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ, କାରଣ ଏହା ଭରସାଯୋଗ୍ୟ ବୋଲି ବୁଝାଯାଇଥାଏ ଏବଂ ଏହା ଦୈନିକ ଆଧାରରେ ଏବଂ ଅଧିକ ପରିମାଣରେ ଦିଆଯାଇଥାଏ।

ପ୍ରଥମ ବିଶ୍ୱଯୁଦ୍ଧ ଆଡ଼କୁ ଫେରିଗଲେ ଜାଣିହୁଏ, ୱାଶିଂଟନ୍ ପୋଷ୍ଟ ଲେଖିଥିଲା ଯେ ପ୍ରଥମ ବିଶ୍ୱଯୁଦ୍ଧର ଜନ ସୂଚନା ପାଇଁ ଗଠିତ କମିଟି ଆବିଷ୍କାର କରିଥିଲା ଯେ ଖବରକୁ ନିୟନ୍ତ୍ରଣ କରିବାର ଶ୍ରେଷ୍ଠ ଉପାୟ ହେଉଛି ଭରପୂର 'ତଥ୍ୟ'କୁ ନେଇ କାମ କରୁଥିବା ସମ୍ବାଦ ଚ୍ୟାନେଲଗୁଡ଼ିକଙ୍କୁ ନିୟନ୍ତ୍ରଣ କରିବା ଯାହାକୁ ହରମାନ୍ ଏବଂ ଚୋମ୍‌ସ୍କି ଆବିଷ୍କାର କରିଛନ୍ତି। ହରମାନ୍ ଏବଂ ଚୋମ୍‌ସ୍କି ମଧ୍ୟ ଯୁକ୍ତି ଦର୍ଶାଇଛନ୍ତି ଯେ ପ୍ରୋପାଗାଣ୍ଡା ମଡେଲ୍ ବିଳମ୍ବିତ ଅଶୀ ଦଶକରେ ଖବର ପ୍ରସ୍ତୁତିକୁ ଆକାର ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବୋଧଗମ୍ୟ କରାଯାଇଥିଲା ଯାହା ଆଜି ବି ସମାନ ଭାବରେ ବୈଧ ଅଟେ। ଏହା ମଧ୍ୟ ଅବଲୋକନ କରାଯାଇପାରିବ ଯେ ଲୋକ ସମ୍ପର୍କ ଏକ ବର୍ଦ୍ଧନଶୀଳ ବୃତ୍ତି ଏବଂ ସରକାର ଏବଂ କର୍ପୋରେସନ୍ ଦ୍ୱାରା ସେମାନଙ୍କର ବାର୍ତ୍ତାକୁ ଗଣମାଧ୍ୟମ ପାଖରେ ପହଞ୍ଚାଇବା ପାଇଁ ଏକ ଉପକରଣ ରୂପେ ବର୍ଦ୍ଧିତ ଭାବେ ବ୍ୟବହାର କରାଯାଉଥିଲା।

ସେମାନଙ୍କର ଚତୁର୍ଥ ପରିଶୋଧକ ପାଇଁ ହରମାନ୍ ଏବଂ ଚୋମ୍‌ସ୍କି ଯୁକ୍ତି କରିଥିଲେ ଯେ ବିବାଦୀୟ ପ୍ରସଙ୍ଗ ଏବଂ ଆଭିମୁଖ୍ୟ ଫ୍ଲାକ୍ (କଟୁ ସମାଲୋଚନା) ସୃଷ୍ଟି କରିପାରେ, ସେଥିପାଇଁ ସେଗୁଡ଼ିକୁ ଖବରରୁ ବାଦ୍ ଦେବା ଆବଶ୍ୟକ, କାରଣ ସେସବୁ ଗଣମାଧ୍ୟମ ସଂସ୍ଥା ପାଇଁ ଅଧିକ ବିପଦ ସୃଷ୍ଟି କରିପାରେ। ଅନୁଷ୍ଠାନ, ନିଗମ ଏବଂ ସରକାରଙ୍କର ସୁଦୂରପ୍ରସାରୀ ତଥା ପ୍ରଭାବଶାଳୀ 'ଫ୍ଲାକ୍' (କଟୁ ସମାଲୋଚନା) ସୃଷ୍ଟି କରିବାର କ୍ଷମତା ରହିଛି, ଯାହା ଗଣମାଧ୍ୟମର ଖବର ଉପରେ ସେମାନଙ୍କର ନିୟନ୍ତ୍ରଣକୁ ବୃଦ୍ଧି କରିଥାଏ।

ପରିଶେଷରେ, ପ୍ରଚାର ନମୁନାର ଶେଷ ପରିଶୋଧକ ସାମ୍ୟବାଦ-ବିରୋଧୀ ବିଚାରଧାରାରେ ହରମାନ୍ ଏବଂ ଚୋମ୍‌ସ୍କି ଶୀତଳ ଯୁଦ୍ଧ ସମୟକୁ ମନେ ପକାଇବାକୁ ଚେଷ୍ଟା କରିଛନ୍ତି।

ଶୀତଳ ଯୁଦ୍ଧ ସମୟରେ ସାମ୍ୟବାଦର ଚିତ୍ରଣ ଆମେରିକାର ପ୍ରଥମ ଶତ୍ରୁ ଥିଲା, ଯାହା ପାଶ୍ଚାତ୍ୟ ମୂଲ୍ୟବୋଧ ନିମନ୍ତେ ବିପଦ ସୃଷ୍ଟି କରୁଥିଲା, ଯାହା ରାଜନୈତିକ ବିପକ୍ଷବାଦୀମାନଙ୍କୁ ଦମନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଥିଲା। ଏହା ମଧ୍ୟ ସାମ୍ବାଦିକମାନଙ୍କୁ ରାଜନୈତିକ ଘଟଣା ଏବଂ ଖବରକୁ ରୂପ ଦେବା ନିମନ୍ତେ 'ଆମେ' ଏବଂ 'ଆମେରିକା' କିମ୍ବା 'ଅନ୍ୟାନ୍ୟ' ଏବଂ 'ଶତ୍ରୁ'ମାନଙ୍କ ଭିତରେ ବିରୋଧାଭାସକୁ ନେଇ ବିକଳ୍ପ ପ୍ରଦାନ କରୁଥିଲା।

ଏହି ସମସ୍ତ ପ୍ରସଙ୍ଗର ସାରାଂଶ ବାହାର କରାଗଲେ ଜଣାଯାଏ ଯେ ହରମାନ୍ ଏବଂ ଚୋମ୍‌ସ୍କି କହିଥିଲେ, ଉଦାରବାଦୀ ସମାଜରେ ଗଣମାଧ୍ୟମ ସାମନା କରୁଥିବା ରାଜନୈତିକ ଏବଂ ଅର୍ଥନୈତିକ ପ୍ରତିବନ୍ଧକ ଜନ ସହମତିକୁ ଉତ୍ପନ୍ନ କରିଥାଏ। କିଛି ସମାଲୋଚକଙ୍କ ଅନୁସାରେ ଏହି ପରିସମାପ୍ତି ଫଳାଫଳର ଅର୍ଥ ପ୍ରଚାର ନମୁନା ଗଣମାଧ୍ୟମକୁ ଅଣ-ବିରୋଧାତ୍ମକ ଏବଂ ପକ୍ଷପାତୀ ନୁହେଁ ବୋଲି ଭୁଲ ଭାବେ ଦର୍ଶାଇଥାଏ। ତଥାପି ହରମାନ୍ ଏବଂ ଚୋମ୍‌ସ୍କି ଏହି ବ୍ୟାଖ୍ୟାକୁ ଅଗ୍ରାହ୍ୟ କରିଦେଇଛନ୍ତି ଏବଂ ପ୍ରୋପାଗାଣ୍ଡା ମଡେଲ୍‌ରେ ଚିହ୍ନିତ ହୋଇଥିବା ଏହି ପରିଶୋଧକ ଗଣମାଧ୍ୟମର ପରମ୍ପରାଗତ ଢାଞ୍ଚାକୁ ଚିହ୍ନଟ କରିଥାଏ। ଏହାର ଅର୍ଥ ପ୍ରତିବନ୍ଧକ, ଯାହା ଏହାର ଫଳାଫଳ ହୋଇଥାଏ, ତାହା ସର୍ବଦା ଲୁଚି ରହିଥାଏ ଏବଂ ସାମ୍ବାଦିକମାନେ ନିଜକୁ ଖବର ଚୟନ କରିବା ବେଳେ ଜଟିଳ  ଏବଂ ବସ୍ତୁନିଷ୍ଠ ବୋଲି ବିଚାର କରିଥାନ୍ତି।

## ୨.୫: ବିଷୟ ସାରାଂଶ

ଯାହା ବି ହେଉ ଜଣେ ଗଣମାଧ୍ୟମକୁ ଏକ ସ୍ୱାଧୀନ ସଂସ୍ଥା ବୋଲି କହିଥାଏ, ଯାହାର ଏକମାତ୍ର ଲକ୍ଷ୍ୟ ହେଉଛି କେବଳ ଖବର ସଂଗ୍ରହ କରିବା ଏବଂ କାହାକୁ ସମର୍ଥନ ନ କରିବା, କିନ୍ତୁ ସତ୍ୟ ହେଉଛି ଗଣମାଧ୍ୟମ ସର୍ବଦା କିଛି ସଂସ୍ଥା ବା ବ୍ୟକ୍ତିଙ୍କ ଦ୍ୱାରା ଏବଂ କିଛି ଜିନିଷ ଦ୍ୱାରା ପ୍ରଭାବିତ ହୋଇଥାଏ। ହରମାନ୍ ଏବଂ ଚୋମ୍‌ସ୍କିଙ୍କର ମଡେଲ୍ ଏବଂ ପାଞ୍ଚଟି ପରିଶୋଧକ ଆଭ୍ୟନ୍ତରୀଣ ଢାଞ୍ଚା, ଗଣମାଧ୍ୟମର କାର୍ଯ୍ୟ ଏବଂ ଏହାର ପ୍ରଭାବକାରୀଙ୍କ ବିଷୟରେ ବୁଝିବା ପାଇଁ ସାହାଯ୍ୟ କରିଥାଏ। ତଥାପି ଏହା ଅନେକ ସମାଲୋଚନାର ଶିକାର ହୋଇଛି। ହରମାନ୍ ଏବଂ ଚୋମ୍‌ସ୍କିଙ୍କର ଯୁକ୍ତି ତ୍ରୁଟି ବିରୁଦ୍ଧରେ ଲଢ଼େଇ କରିବା ଏବଂ ଜଟିଳ ଚିନ୍ତାଧାରା ଏବଂ ଜନସାଧାରଣଙ୍କ ଭାଷଣ ପାଇଁ ମଞ୍ଚ ପ୍ରସ୍ତୁତ କରିବା। କିଛି ନିଶ୍ଚିତ ସୀମା ପର୍ଯ୍ୟନ୍ତ ଉଦାରବାଦ ସମାଜରେ ଗଣମାଧ୍ୟମ ସାମନା କରୁଥିବା ରାଜନୈତିକ ଏବଂ ଅର୍ଥନୈତିକ ପ୍ରତିବନ୍ଧକ ସମ୍ପର୍କିତ ସଚେତନତାର ପରିଣାମ ବୋଲି କହିପାରିବା, ସ୍ୱାଧୀନ ଗଣମାଧ୍ୟମ ସଂସ୍ଥା, ଗଣମାଧ୍ୟମର ରିପୋର୍ଟିଂ (ଖବର ପରିବେଷଣ)ରେ ସମତୁଲତା ଆଣିବା ପାଇଁ ପ୍ରତିଷ୍ଠିତ ହେଲା। ବିଜ୍ଞାପନ କିମ୍ବା ନିବେଶକମାନଙ୍କଠାରୁ ମୁକ୍ତ ଭାବେ ଏବଂ ରାଜନୈତିକ କିମ୍ବା କର୍ପୋରେଟ୍ ପ୍ରତିବନ୍ଧକଠାରୁ ମୁକ୍ତ ହୋଇ, ସ୍ୱାଧୀନ ଗଣମାଧ୍ୟମ କେବଳ ଏହାର ଉଚିତ୍ ପ୍ରକାର ଉଦ୍ଦେଶ୍ୟକୁ ପୂରଣ କରିବ।

ବିଭିନ୍ନ ପ୍ରକାର ଗଣମାଧ୍ୟମ ଉପରେ ବିଚାର କରି ଏବଂ ବିଭିନ୍ନ ପରିଶୋଧକକୁ ଅନୁଧ୍ୟାନ କରି ଯେଉଁ ବିଭିନ୍ନ ନିୟମର ଢାଞ୍ଚା ଏବଂ ପ୍ରତିବନ୍ଧକ ଭିତରେ ସେମାନେ କାର୍ଯ୍ୟ କରୁଛନ୍ତି, ତାକୁ ଆଧାର କଲେ ପ୍ରଶ୍ନ ଉଠେ କି ରାଷ୍ଟ୍ର ମାଲିକାନାରେ ଥିବା ଗଣମାଧ୍ୟମ ଏବଂ ବାଣିଜ୍ୟିକ ଗଣମାଧ୍ୟମ ସଂସ୍ଥା ସମାନ ଭାବରେ

ଜନ ସହମତି ଉତ୍ପାଦନ କରନ୍ତି ଏବଂ ଯଦି ସ୍ୱାଧୀନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପ୍ରଚାର ଏବଂ ପ୍ରତିବନ୍ଧକ, ଯାହା ସେମାନଙ୍କ ବିରୋଧରେ ଅଭିଯୋଗ କରାଯାଇଥାଏ, ସେଥିରୁ ମୁକ୍ତ ହୋଇଥାନ୍ତି କି।

## ୨.୬: ଆସ ପ୍ରଗତି ମାପିବା

୧) ପ୍ରଚାର ନମୁନାର ପାଞ୍ଚଟି ପରିଶୋଧକର ଭୂମିକା ସମ୍ପର୍କରେ ଆଲୋଚନା କର।

------------------------------------------------------------------

------------------------------------------------------------------

------------------------

୨) ଯୁଦ୍ଧକୁ ବିଶେଷ ଭାବେ ଉଦାହରଣ ଆକାରରେ ନେଇ ହରମାନ୍ ଏବଂ ଚୋମ୍‌ସ୍କିଙ୍କର ଯୁକ୍ତିକୁ ବିଶ୍ଳେଷଣ କର।

------------------------------------------------------------------

------------------------------------------------------------------

------------------------

# ୟୁନିଟ୍- ୩: ନୈତିକ ଆତଙ୍କ: ପ୍ରଚାର ପ୍ରସାର ନିମନ୍ତେ ଗଣମାଧ୍ୟମ ଏକ ସାଧନ

୩.୦: ବିଷୟର ଗଠନ


୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୨: ନୈତିକ ଆତଙ୍କ

୩.୨.୧: ଗଣମାଧ୍ୟମର ଭୂମିକା

୩.୨.୨: ନୈତିକ ଆତଙ୍କର ବିଶେଷତ୍ୱ

୩.୨.୩: ଅପରାଧ ଏବଂ ଅପରାଧୀଙ୍କ ସମ୍ପର୍କରେ ଗଣମାଧ୍ୟମ ଉପସ୍ଥାପନର ଐତିହାସିକ ଧାରା

୩.୩: ଜାତୀୟ ଏବଂ ଆନ୍ତର୍ଜାତିକ ପ୍ରଚାରର ଉପକରଣ ଭାବରେ ଗଣମାଧ୍ୟମ

୩.୩.୧: ଖବର ପ୍ରସ୍ତୁତି ପ୍ରକ୍ରିୟାକୁ ବୁଝିବା

୩.୪: ଆସ ପ୍ରଗତି ମାପିବା


## ୩.୧: ପଠନର ଉଦ୍ଦେଶ୍ୟ

ଏହି ଏକକରେ ନୈତିକ ଆତଙ୍କ ସିଦ୍ଧାନ୍ତ ଉପରେ ଗୁରୁତ୍ୱ ଦିଆଯାଇଛି। ନୈତିକ ଆତଙ୍କକୁ କିପରି ସମାଜରେ ପ୍ରବେଶ କରାଯାଇଥାଏ ଏବଂ ଗଣମାଧ୍ୟମ କିପରି ତା'ର ପାଠକ/ଦର୍ଶକମାନଙ୍କ ନିକଟକୁ ନୈତିକ ଆତଙ୍କ ସିଦ୍ଧାନ୍ତକୁ ବହନ କରିନେଇଥାଏ, ଏଥିରେ ତାହା ଉଲ୍ଲେଖ କରାଯାଇଛି। ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଗଣମାଧ୍ୟମ କିପରି ପ୍ରଚାରର ଏକ ଉପକରଣ ଭାବେ ବ୍ୟବହୃତ ହୋଇଥାଏ, ସେ ସମ୍ପର୍କରେ ଏହି ଏକକରେ ଉପସ୍ଥାପନ କରାଯାଇଛି।

## ୩.୨: ନୈତିକ ଆତଙ୍କ

ନୈତିକ ଆତଙ୍କ ହେଉଛି ସମାଜର ଲୋକମାନଙ୍କ ମଧ୍ୟରେ ଭୟର ଏକ ଅନୁଭବ ଯେ ଏଥିରେ କିଛି ନା କିଛି ଖରାପ ଅଛି। ଏହା ଏକ ଶବ୍ଦ ଯାହା ପ୍ରତି ଅଧିକାଂଶ ସମାଜ ବିଜ୍ଞାନର ଗବେଷକ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଶବ୍ଦ ସମାଜରେ ଦୀର୍ଘ ସମୟ ଧରି ରହି ଆସିଛି। ସମାଜ ଶାସ୍ତ୍ର ନୈତିକ ଆତଙ୍କକୁ ଏକ ପ୍ରସଙ୍ଗ ଉପରେ ସାମାଜିକ ବିଚାର/ଚିନ୍ତା ବୃଦ୍ଧି କରିବାର ପ୍ରକ୍ରିୟା ବୋଲି ବ୍ୟାଖ୍ୟା କରିଛି। ଏହା ସାଧାରଣତଃ ନୈତିକ ଉଦ୍ୟୋଗୀ ଏବଂ ଗଣମାଧ୍ୟମର କାର୍ଯ୍ୟ ବୋଲି ବିଶ୍ୱାସ କରାଯାଏ। ଏହାର ବ୍ୟାପକତା ଏବଂ ଅତ୍ୟଧିକ ବିକାଶ ପରେ, ଗଣମାଧ୍ୟମ ନୈତିକ ଆକ୍ରୋଶକୁ ସମ୍ପ୍ରସାରିତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଯଦିଓ ଜଣେ ଯୁକ୍ତି କରିପାରିବ ଯେ ଗଣମାଧ୍ୟମ ସର୍ବଦା ସବୁ ପ୍ରସଙ୍ଗକୁ ସମ୍ବେଦନଶୀଳ କରିନଥାଏ, କିନ୍ତୁ କେବଳ ସରଳ ଭାବେ ସତ୍ୟକୁ ରିପୋର୍ଟିଂ କରିବା ସମାଜରେ ନୈତିକ ଆତଙ୍କ ଏବଂ ବ୍ୟଗ୍ରତା ସୃଷ୍ଟି କରିବା ପାଇଁ ଯଥେଷ୍ଟ ହୋଇପାରେ।

ଷ୍ଟାନ୍‌ଲେ କୋହେନ୍ କହିଛନ୍ତି ଯେ ସମାଜରେ ନୈତିକ ଆତଙ୍କ ସେତେବେଳେ ଘଟିଥାଏ, ଯେତେବେଳେ ଏକ ପରିସ୍ଥିତି, ଜଣେ ବ୍ୟକ୍ତି କିମ୍ବା ଗୋଷ୍ଠୀର ଲୋକମାନେ ଆଗକୁ ଆସି ସାମାଜିକ ମୂଲ୍ୟବୋଧ ଏବଂ ଆଗ୍ରହ ପ୍ରତି ବିପଦ ସୃଷ୍ଟି କରିଥାନ୍ତି। ଭଲ ଭାବେ ବୁଝିବା ପାଇଁ ଆସ ଏକ ଉଦାହରଣ ନେବା। ଯେତେବେଳେ ଗଣମାଧ୍ୟମ ଏକ ବିଶେଷ ବୟସ ବର୍ଗର ପିଲାମାନେ ନିଖୋଜ ହୋଇ ଯାଉଥିବା ସମ୍ପର୍କରେ ଖବର ପ୍ରକାଶ କରିବା ଆରମ୍ଭ କରେ, ସେତେବେଳେ ସମାଜରେ ଭୟ ସୃଷ୍ଟି ହେବା ଆରମ୍ଭ ହୋଇଥାଏ ଯେ ଯୌନ ଶୋଷଣ କିମ୍ବା ବଳି ଦେବା ଉଦ୍ଦେଶ୍ୟରେ ମହିଳା ଏବଂ ଶିଶୁମାନଙ୍କୁ ଅପହରଣ କରାଯାଉଛି।

ସେମାନେ ମଧ୍ୟ କୌଣସି ମହାମାରୀ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା, ଯୁଦ୍ଧ, ଆତଙ୍କ ଏବଂ ଅନ୍ୟ ବିପଦର ଭୟକୁ ନେଇ ନୈତିକ ଭାବେ ଆତଙ୍କିତ ହୋଇ ପାରନ୍ତି। ଷ୍ଟାନ୍‌ଲେ କୋହେନ୍‌ଙ୍କ ଅନୁସାରେ ବ୍ୟକ୍ତି କିମ୍ବା ଗୋଷ୍ଠୀର ଲୋକମାନେ, ଯେଉଁମାନେ ନୈତିକ ଆତଙ୍କର କାରଣ ହୋଇଥାନ୍ତି, ସେମାନେ ସମାଜ ପାଇଁ ପ୍ରମୁଖ ବିପଦ ହୋଇଥାନ୍ତି। ଯେତେବେଳେ ଜଣେ ବ୍ୟକ୍ତି ଏକ ନୈତିକ ଆତଙ୍କକୁ କିମ୍ବା ସମାଜରେ ଆତଙ୍କକୁ ଅନୁଭବ କରି ତାହାକୁ ପ୍ରତିରୋଧ କରିଥାଏ କିମ୍ବା ଯେଉଁମାନେ ପ୍ରଚଳିତ ସାମାଜିକ ଏବଂ ସାଂସ୍କୃତିକ ମୂଲ୍ୟବୋଧ ଆଧାରରେ ଆତଙ୍କ ସୃଷ୍ଟି କରୁଥିବା ଲୋକମାନଙ୍କୁ ପ୍ରତିରୋଧ କରିଥାଏ, ସେହି ବ୍ୟକ୍ତିମାନଙ୍କୁ 'ନୈତିକ ଉଦ୍ୟୋଗୀ' ବୋଲି କୁହାଯାଏ ଏବଂ ଯେଉଁମାନେ ସମାଜ କିମ୍ବା ସାଂସ୍କୃତିକ ମୂଲ୍ୟବୋଧ କିମ୍ବା ସାମାଜିକ ନିର୍ଦ୍ଦେଶ ପ୍ରତି ବିପଦ ଭାବେ ଦେଖା ଦେଇଥାନ୍ତି ସେମାନେ 'ଲୋକ ସୈତାନ' ବୋଲି ବିବେଚିତ ହୋଇଥାନ୍ତି। ଷ୍ଟାନ୍‌ଲେ କୋହେନ୍ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ ନୈତିକ ଆତଙ୍କରେ ପାଞ୍ଚଟି ମୁଖ୍ୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ, ସେଗୁଡ଼ିକ ହେଉଛି :

- କୌଣସି ବ୍ୟକ୍ତି, କୌଣସି ଜିନିଷ କିମ୍ବା ଏକ ଗୋଷ୍ଠୀ ଯାହାକୁ ସାମାଜିକ ମାନଦଣ୍ଡ କିମ୍ବା ସାମୁଦାୟିକ ହିତ ପାଇଁ ବିପଦ ବୋଲି ବ୍ୟାଖ୍ୟା କରାଯାଇଥାଏ।
- ଏହି ବିପଦ ପରେ ଏକ ସରଳ ଏବଂ ଚିହ୍ନିହେବା ଭଳି ପ୍ରତୀକ ଆକାରରେ ଗଣମାଧ୍ୟମ ଦ୍ୱାରା ଦର୍ଶାଯାଇଥାଏ।
- ଏହି ପ୍ରତୀକର ବର୍ଣ୍ଣନା ସାର୍ବଜନୀନ ଚିନ୍ତାକୁ ବୃଦ୍ଧି କରିଥାଏ।
- ଅଧିକାରୀ ଏବଂ ନିୟମ ପ୍ରସ୍ତୁତକାରୀଙ୍କଠାରୁ ପ୍ରତିକ୍ରିୟା ମିଳିଥାଏ।
- ସମସ୍ୟା ଉପରେ ନୈତିକ ଆତଙ୍କର ଫଳ ସ୍ୱରୂପ ସମ୍ପ୍ରଦାୟ ଭିତରେ ସାମାଜିକ ପରିବର୍ତ୍ତନ ହୋଇଥାଏ।

୧୯୭୦ର ପ୍ରାରମ୍ଭିକ ପର୍ଯ୍ୟାୟରେ ଗବେଷକମାନେ ନୈତିକ ଆତଙ୍କର ଏକ ଶୃଙ୍ଖଳା ଉପରେ ଅନୁସନ୍ଧାନ କରିଥିଲେ। ଷ୍ଟାନ୍‌ଲେ କୋହେନ୍ ଗଣମାଧ୍ୟମ, ଜନସାଧାରଣ ଏବଂ ସାମାଜିକ ନିୟନ୍ତ୍ରଣର ବାହକମାନଙ୍କ ରାସନ୍ (ଦାନାପାଣି)କୁ ବର୍ଣ୍ଣନା କରିବା ପାଇଁ, 'ନୈତିକ ଆତଙ୍କ' ଶବ୍ଦକୁ ବ୍ୟବହାର କରିଛନ୍ତି। ତେଣୁ ଗବେଷକମାନଙ୍କ ଅନୁସାରେ ଏହି ଗୋଷ୍ଠୀଗୁଡ଼ିକୁ ଏପରି ଦର୍ଶାଯାଇଛି ଯେ ସେମାନେ ହେଉଛନ୍ତି ସେହି ବ୍ୟକ୍ତି

ଯେଉଁମାନେ ସହମତିଭିତ୍ତିକ ସମାଜର କେନ୍ଦ୍ରୀୟ ମୌଳିକ ମୂଲ୍ୟବୋଧଗୁଡ଼ିକୁ ଅନୁସରଣ କରି ପାରିବେନାହିଁ ଏବଂ ସମାଜର ମୂଲ୍ୟବୋଧ କିମ୍ବା ସମାଜ ପ୍ରତି ଗୁରୁତର ବିପଦ ଭାବରେ ଦେଖାଯାଇଥାନ୍ତି। ଏହି କାରଣରୁ ସେମାନଙ୍କୁ ମଧ୍ୟ ଲୋକ ସୈତାନ୍ ବୋଲି କହିଥାନ୍ତି।

**୩.୨.୧: ଗଣମାଧ୍ୟମର ଭୂମିକା**

ଷ୍ଟାନ୍ଲେ କୋହେନ୍ ଦୃଢ଼ତାର ସହିତ ବିଶ୍ୱାସ କରୁଥିଲେ ଯେ ନୈତିକ ଆତଙ୍କର ଅବଧାରଣା ଲୋକମାନଙ୍କର ଗଣମାଧ୍ୟମକୁ ନେଇ କିଛି ଅନୁମାନ/ କଳ୍ପନା ସହିତ ସମ୍ପୃକ୍ତ। ସେ କହିଛନ୍ତି ଯେ ଗଣମାଧ୍ୟମ ହେଉଛି ସର୍ବସାଧାରଣଙ୍କ ପାଇଁ ଜ୍ଞାନର ପ୍ରାଥମିକ ଉତ୍ସ, ଯାହା ବିନା ସେମାନେ ସେମାନଙ୍କ ଚାରି ପାଖରେ ଘଟୁଥିବା ଘଟଣା ସମ୍ପର୍କରେ ସୂଚନା ପାଇବାରୁ ବ ୍ତ ହୋଇଥାନ୍ତି। ଏଣୁ ଗଣମାଧ୍ୟମ ପ୍ରାଥମିକ ଭାବେ ସେମାନଙ୍କୁ ସମାଜର ବିପଥଗାମୀ ବ୍ୟବହାର ସମ୍ପର୍କରେ ଏବଂ ସାମାଜିକ ସମସ୍ୟା ସମ୍ପର୍କରେ ଶିକ୍ଷା ଦେଇଥାଏ। ସେ ଆହୁରି ମଧ୍ୟ ଯୁକ୍ତି ଦର୍ଶାଇଛନ୍ତି ଯେ ନୈତିକ ଆତଙ୍କ ଲୋକମାନଙ୍କ କାର୍ଯ୍ୟର କେବଳ ନାମକରଣ କରି ସୈତାନଙ୍କ ସଂଖ୍ୟା ବୃଦ୍ଧି କରିଥାଏ। ଗବେଷକ ଏବଂ ଐତିହାସିକମାନେ ଅନୁଭବ କରିଥିଲେ ଯେ ଗଣମାଧ୍ୟମ ଯେ କୌଣସି ଗୋଟିଏ କିମ୍ବା ସମସ୍ତ ତିନୋଟିଯାକ ନୈତିକ ଆତଙ୍କର କ୍ଷେତ୍ରକୁ ଅନୁସରଣ କରିବାରେ ଭୂମିକା ନିର୍ବାହ କରିଥାଏ।

ସେଗୁଡ଼ିକ ହେଉଛି -

- କାର୍ଯ୍ୟସୂଚୀ ସ୍ଥିର କରିବା - ଅର୍ଥାତ୍ ବିଭ୍ରାନ୍ତିକର ଆଚରଣ କିମ୍ବା ସାମାଜିକ ସମସ୍ୟାଜନିତ ଆଚରଣକୁ ସମାଜରେ ପ୍ରଦର୍ଶିତ କରାଯିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର ଭାବରେ ଚୟନ କରିବା ଏବଂ ତା'ପରେ ଏହାକୁ ସୈତାନମାନଙ୍କ ସହିତ ଭଲ ଭାବରେ ସଜାଡ଼ିବା।
- ପ୍ରତିଛବିକୁ ପ୍ରେରଣ କରିବା – ନୈତିକ ଆତଙ୍କର ବାକ୍ୟକୁ ବ୍ୟବହାର କରି ଅଭିଯୋଗଗୁଡ଼ିକ ପ୍ରେରଣ କରିବା।
- ନୀରବତାକୁ ଭାଙ୍ଗିବା ଏବଂ ଅଭିଯୋଗ କରିବା।
- କେବଳ ସମ୍ବାଦକୁ ରିପୋର୍ଟିଂ କରି, ଗଣମାଧ୍ୟମ ମଧ୍ୟ ସମାଜରେ ନୈତିକ ଆତଙ୍କ ସୃଷ୍ଟି କରିବା ନିମନ୍ତେ କ୍ଷମତା ପାଇଛି।

କିଛି କ୍ଷେତ୍ରରେ ଗଣମାଧ୍ୟମ ଖବର ଉପରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରେ କିମ୍ବା ଖବରକୁ ଅଧିକ ସମ୍ବେଦନଶୀଳ କରିଥାଏ, ଯାହା ତିଷ୍ଠି ରହିଥିବା ସାମାଜିକ ମାନଦଣ୍ଡ ପ୍ରତି ଏକ ଆହ୍ୱାନ ଭାବେ କାର୍ଯ୍ୟ କରିପାରେ। ଗଣମାଧ୍ୟମ ଉପସ୍ଥାପନାର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଏବଂ ଯେଉଁ ମଡେଲ୍ ମାଧ୍ୟମରେ ସେମାନେ ଉନ୍ମୁକ୍ତ ହେଉଛନ୍ତି, ସେହି ମଡେଲ୍ ଅନୁସାରେ ବ୍ୟବହାରକୁ ଗ୍ରହଣ କରିବାର ଏକ ପଦ୍ଧତି ରୂପେ କାର୍ଯ୍ୟ କରିଥାଏ। ଏହି କାରଣରୁ ଗଣମାଧ୍ୟମ ଦ୍ୱାରା ଚିତ୍ରିତ କରାଯାଇଥିବା ନୈତିକ ଆତଙ୍କ ଆଗକୁ ଅଗ୍ରହଣୀୟ ବ୍ୟବହାରକୁ ଇନ୍ଧନ ଯୋଗାଇଥାଏ ଏବଂ ଏହା ଏକ ଶୃଙ୍ଖଳା ଭଳି କାର୍ଯ୍ୟ କରିଥାଏ। ଏପରିକି ଏମିତି କେତେକ ମାମଲା ରହିଛି ଯାହା ଅତ୍ୟଧିକ ହୋଇଥାଏ, ଯେଉଁଠାରେ

ଗଣମାଧ୍ୟମ ସମାଜରେ ସାମୂହିକ ଉନ୍ମାଦନା ସୃଷ୍ଟି କରିଥାଏ। ଲୋକମାନେ ସତ୍ୟକୁ ଦୁଇ ଥର ପରୀକ୍ଷା କରିନଥାନ୍ତି ଏବଂ ଏହି କାରଣରୁ ଗଣମାଧ୍ୟମକୁ ଅନ୍ଧ ଭାବରେ ଏକ ଅର୍ଦ୍ଧଈଶ୍ୱର ବୋଲି ବିଶ୍ୱାସ କରାଯାଇଥାଏ।

### ୩.୨.୨: ନୈତିକ ଆତଙ୍କର ବିଶେଷତା

ନୈତିକ ଆତଙ୍କକୁ ଏମିତି ବାଖ୍ୟା କରାଯାଇଛି ଯେ, ଏହା ଏକ ପରିସ୍ଥିତି ଯେଉଁଠାରେ ଜଣେ ବିଶେଷ ବ୍ୟକ୍ତି କିମ୍ବା ବିଶେଷ ଗୋଷ୍ଠୀ ଯେଉଁମାନେ ପ୍ରାଥମିକ ପର୍ଯ୍ୟାୟରେ ଆତଙ୍କ ସୃଷ୍ଟି କରିବା କ୍ଷେତ୍ରରେ ଦାୟୀ ବୋଲି ଦାବି କରିଥାନ୍ତି। ସେମାନଙ୍କ ଦ୍ୱାରା ସମାଜ ସମ୍ମୁଖରେ ରଖାଯାଇଥିବା ବିପଦର ଉଦ୍ଦେଶ୍ୟକୁ ସାର୍ବଜନୀନ ଭୟ ବହୁ ଭାବରେ ଅତିକ୍ରମ କରିଯାଇଥାଏ। ନୈତିକ ଆତଙ୍କ ସେତେବେଳେ ସୃଷ୍ଟି ହୋଇଥାଏ, ଯେତେବେଳେ ବିରୂପୀକରଣ ହୋଇଥିବା ଗଣମାଧ୍ୟମ ପ୍ରଚାର ଅଭିଯାନ ଭୟ ସୃଷ୍ଟି କରିଥାଏ ଏବଂ ପୂର୍ବରୁ ଘଟିଥିବା ଏବଂ ରହିଥିବା ରୁଢ଼ିବାଦୀ ବିଶ୍ୱାସକୁ ସୁଦୃଢ଼ କରିଥାଏ। ଏହା ବାରମ୍ବାର ନିର୍ଦ୍ଦିଷ୍ଟ ଜାତି, ଧର୍ମ କିମ୍ବା ସାମାଜିକ ଶ୍ରେଣୀ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ପ୍ରାୟତଃ ନୈତିକ ଆତଙ୍କ ଦ୍ରୁତ ବେଗରେ ଘଟିଥାଏ, ପ୍ରଥମେ ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରିତ କରି ଏବଂ ତା' ପରେ ସମୟ ସହିତ ଚିନ୍ତା/ ବିଚାରର ପରିବ ର୍ନ କରି। ନୈତିକ ଆତଙ୍କର ସବୁଠାରୁ ସମସ୍ୟାଭିତ୍ତିକ ଦିଗ ହେଉଛି, ପ୍ରସଙ୍ଗକୁ ନେଇ 'କିଛି କରିବା'ର ଆବଶ୍ୟକତା ଏବଂ ସାଧାରଣତଃ 'ଆଇନ୍ ପ୍ରଣୟନର ଫଳାଫଳ ଯାହା ଅତ୍ୟଧିକ ଦଣ୍ଡନୀୟ, ଅନାବଶ୍ୟକ: ଏବଂ କ୍ଷମତା ଏବଂ ଅଧିକାରରେ ଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟସୂଚୀକୁ ଯଥାର୍ଥତା ଦେବା ପାଇଁ ସେବା କରେ' ଯାହାର ଫଳ ସ୍ୱରୂପ ଉନ୍ମାଦନା ସୃଷ୍ଟି ହୁଏ। ନୈତିକ ଆତଙ୍କ କାହା ଉପରେ ଆମର ଭୟ ରହିବା ଉଚିତ୍ ଏବଂ କେଉଁମାନଙ୍କୁ ଆମେ ଆତଙ୍କ ପାଇଁ ଦାୟୀ କରିବା ଉଚିତ୍, ତାହା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ନୈତିକ ଆତଙ୍କର ପ୍ରବର୍ତ୍ତକମାନେ ନିଜ ନିଜ କାର୍ଯ୍ୟସୂଚୀ ପାଇଁ ବାରମ୍ବାର ତଥ୍ୟର ଭୁଲ୍ ବ୍ୟାଖ୍ୟା କରନ୍ତି। କୋହେନ୍‌ଙ୍କ ଅନୁଯାୟୀ ଅତି କମ୍‌ରେ ପାଞ୍ଚଜଣ ସାମାଜିକ ଅଭିନେତାଙ୍କ ସମାହାର ଏକ ନୈତିକ ଆତଙ୍କରେ ଜଡ଼ିତ ଥାଆନ୍ତି। ସେମାନେ ହେଉଛନ୍ତି, ଲୋକ ସୈତାନ, ନିୟମ କିମ୍ବା ଆଇନ୍ ପ୍ରଣୟନକାରୀ, ଗଣମାଧ୍ୟମ, ରାଜନେତା ଏବଂ ଜନସାଧାରଣ। ଲୋକ ସୈତାନମାନେ ସମ୍ପୂର୍ଣ୍ଣ ନକାରାତ୍ମକ ଏବଂ ସେମାନଙ୍କର କୌଣସି କ୍ଷତିପୂରଣ କରିବା ଭଳି ଗୁଣ ନଥାଏ।

ନୈତିକ ଆତଙ୍କର ପ୍ରଚାର ପାଇଁ ପୁଲିସ୍ କିମ୍ବା ଅନ୍ୟ ଆଇନ୍ ପ୍ରଣୟନକାରୀ ଅଧିକାରୀ (ଓକିଲ କିମ୍ବା ଏପରିକି ସୈନ୍ୟ) ଆବଶ୍ୟକ କାରଣ ସେମାନେ ଆଚରଣ ସଂହିତା ଏବଂ ନାଗରିକମାନଙ୍କର ଆଶାକୁ କାର୍ଯ୍ୟକାରୀ କରିବା ଏବଂ ଏହାକୁ ବଜାୟ ରଖିବା ପାଇଁ ଦାୟୀ ହୋଇଥାନ୍ତି। ସେମାନେ ଲୋକ ସୈତାନ୍‌ଙ୍କୁ ଚିହ୍ନି, ଧରି ଏବଂ ସେମାନଙ୍କ ମନ୍ଦ ଉପାୟକୁ ଅନୁମାନ କରି, ସେଥିପାଇଁ ଦଣ୍ଡ ପ୍ରଦାନ କରି ସମାଜକୁ ସୁରକ୍ଷା ଦେବା ଆଶା କରଯାଏ। ଅଧିକନ୍ତୁ, ନୈତିକ ଆତଙ୍କ, ନୈତିକ ସମାଜ ସୁଧାରକ ଏବଂ ରକ୍ଷକ ଭାବେ ଆଇନ୍ ପ୍ରଣୟନର ବୈଧତା ପ୍ରଦାନ କରିପାରିଥାଏ। ଆଇନ୍ ପ୍ରଣୟନର ଏକ ଉଦ୍ଦେଶ୍ୟ ହେଉଛି, ସମାଜକୁ ରକ୍ଷା କରିବା ଏବଂ ଲୋକ ସୈତାନ, ଯେଉଁମାନେ ସେମାନଙ୍କର ସୁରକ୍ଷା ଏବଂ ସୁସ୍ଥତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି, ସେଥିରୁ ସେମାନଙ୍କୁ ମୁକ୍ତ କରିବା।

ନୈତିକ ଆତଙ୍କ ସୃଷ୍ଟି କରିବାରେ ଏବଂ ଏହାର ଅଗ୍ରଗତି କରାଇବାରେ ଗଣମାଧ୍ୟମ ବିଶେଷ ରୂପେ ଶକ୍ତିଶାଳୀ ହୋଇଥାଏ। ସାଧାରଣତଃ ଲୋକ ସୈତାନମାନଙ୍କ ଉପରେ ଗଣମାଧ୍ୟମରେ ଖବର ସଂଗ୍ରହ ଓ ପ୍ରସାରଣ ପ୍ରାୟତଃ ଖରାପ ଏବଂ ଅତିରଞ୍ଜିତ ହୋଇଥାଏ। ଗଣମାଧ୍ୟମ ଖବର ମାଧ୍ୟମରେ ପ୍ରାୟତଃ ଲୋକ ସୈତାନମାନେ ବାସ୍ତବ ରୂପେ ସମାଜ ପ୍ରତି କେତେ ଅଧିକ ବିପଦପୂର୍ଣ୍ଣ, ତାହା ପ୍ରଦର୍ଶନ କରିଥାଏ। ସାମ୍ବାଦିକମାନେ ଜନସାଧାରଣଙ୍କ ବ୍ୟଗ୍ରତା ଏବଂ ଭୟକୁ ଇନ୍ଧନ ଯୋଗାଇଥାନ୍ତି, ଯାହା ନୈତିକ ଆତଙ୍କକୁ ବଢ଼ାଇଥାଏ।

ଗଣମାଧ୍ୟମ ଦୁଇଟି ଉପାୟରେ ନୀତିକୁ ପ୍ରଭାବିତ କରିଥାଏ:

(୧) ସେମାନେ 'ଗୁରୁତ୍ୱପୂର୍ଣ୍ଣ' ପ୍ରସଙ୍ଗ (କାର୍ଯ୍ୟସୂଚୀ ପ୍ରସ୍ତୁତ)ଗୁଡ଼ିକୁ ଚୟନ କରିଥାନ୍ତି।

(୨) ସେମାନେ ଅର୍ଥ ସଂଲଗ୍ନ କରି ନିୟମକୁ ଜଟିଳ କରିଥାନ୍ତି। ଏହିଭଳି ଭାବରେ ସେମାନେ କାହାଣୀଗୁଡ଼ିକୁ ପ୍ରସ୍ତୁତ ଏବଂ ନିର୍ମାଣ କରିଥାନ୍ତି।

ଗବେଷକମାନେ ନୈତିକ ଆତଙ୍କର ଅନେକଗୁଡ଼ିଏ ଚରିତ୍ରଙ୍କୁ ପାଇଛନ୍ତି ଯେଉଁଥିରୁ ସର୍ବାଧିକ ଉଲ୍ଲେଖନୀୟ ବୈଶିଷ୍ଟ୍ୟଗୁଡ଼ିକ ବା ଚରିତ୍ରମାନଙ୍କୁ ନିମ୍ନରେ ପ୍ରଦାନ କରାଯାଇଛି।

- **ଚିନ୍ତା:** ଏକ ସାଧାରଣ ସମାଜ ବିଶ୍ୱାସ କରେ ଯେ ସମାଜର ଜଣେ ସଦସ୍ୟ କିମ୍ବା ସଦସ୍ୟମାନଙ୍କ ଗୋଷ୍ଠୀର ବିଚଳିତ/ ପଥଭ୍ରଷ୍ଟ ବ୍ୟବହାର ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

- **ଶତ୍ରୁତା:** ସମାଜର ସଦସ୍ୟ ଯେଉଁମାନଙ୍କର ବିଭ୍ରାନ୍ତିକର ଆଚରଣ ନଥାଏ ସେମାନେ, ଯେଉଁମାନେ ବିଚଳନନ/ପଥଭ୍ରଷ୍ଟ ଆଚରଣ ପ୍ରଦର୍ଶନ କରନ୍ତି, ସେମାନଙ୍କ ପ୍ରତି ଶତ୍ରୁତା ପ୍ରଦର୍ଶନ କରିଥାନ୍ତି। ଏଣୁ ସେମାନଙ୍କ ମଧ୍ୟରେ ସାଧାରଣ ଲୋକ ଏବଂ ଲୋକ ସୈତାନ୍‌ର ସ୍ୱଷ୍ଟ ରୂପେ ବିଭାଜନ ହୋଇଥାଏ। 'ସେମାନେ' ଏବଂ 'ଆମମାନଙ୍କ' ଭିତରେ ଏକ ସ୍ୱଷ୍ଟ ବିଭାଜନ ଘଟିଥାଏ।

- **ସହମତି:** ଯଦିଓ ଚିନ୍ତା ପ୍ରାୟତଃ ଦେଶବ୍ୟାପୀ ନୁହେଁ ଏବଂ ଏହା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଭିତରେ ସୀମିତ, ସେଠାରେ ବ୍ୟାପକ ରୂପେ ଗ୍ରହଣୀୟ ହେବା ଆବଶ୍ୟକ ଯେ ଯେଉଁ ଗୋଷ୍ଠୀ ଉପରକୁ ପ୍ରଶ୍ନ ଉଠୁଛି, ଅର୍ଥାତ୍ – ଲୋକ ସୈତାନ୍‌ମାନେ ସମାଜ ପାଇଁ ଅତ୍ୟନ୍ତ ବାସ୍ତବ ବିପଦ ହୋଇଥାନ୍ତି। ଏହି ପର୍ଯ୍ୟାୟରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ 'ନୈତିକ ଉଦ୍ୟୋଗୀମାନେ' ମୁଖରିତ ହୋଇଥାନ୍ତି ଏବଂ ଲୋକ ସୈତାନ୍‌ମାନେ ଦୁର୍ବଳ ଏବଂ ଅସଙ୍ଗଠିତ ହେଉଥିବା ପରିଦୃଶ୍ୟ ହୁଏ।

- **ଅସଙ୍ଗତି:** ଅଭିଯୁକ୍ତ ଲୋକ ସୈତାନ୍ ଗୋଷ୍ଠୀ ଦ୍ୱାରା ଉତ୍ପନ୍ନ ପ୍ରକୃତ ବିପଦ ପ୍ରତି ନିଆ ଯାଇଥିବା କାର୍ଯ୍ୟାନୁଷ୍ଠାନ ଅସଙ୍ଗତ ହୋଇଥାଏ।

•       **ଅସ୍ଥିରତା:** ନୈତିକ ଆତଙ୍କ ଅତ୍ୟଧିକ ଅସ୍ଥିର ହୋଇଥାଏ ଏବଂ ସେଗୁଡ଼ିକ ଖୁବ୍ ଶୀଘ୍ର ଅଦୃଶ୍ୟ ହୋଇ ଯାଉଥିବା ପ୍ରତୀୟମାନ ହୋଇଥାଏ, କାରଣ ଏଥି ପ୍ରତି ଜନସାଧାରଣଙ୍କ ଆଗ୍ରହ କମିଯାଏ କିମ୍ବା ସମ୍ବାଦ ରିପୋର୍ଟ ଅନ୍ୟ କାହାଣୀକୁ ପରିବର୍ତ୍ତିତ ହୋଇଯାଇଥାଏ।

ସମାଜ ଗଠନ ହେବା ଦିନଠାରୁ ସମାଜରେ ନୈତିକ ଆତଙ୍କ ରହିଆସିଛି। ଦିନ ଗଡ଼ିବା ସହିତ ସେଗୁଡ଼ିକ ପରିବର୍ତ୍ତିତ ହୋଇ ଚାଲିଥାନ୍ତି ଏବଂ ନୂତନ ଆତଙ୍କ ସୃଷ୍ଟି ହେବା ସହିତ ସେଗୁଡ଼ିକ ବିଲୁପ୍ତ ହୋଇଯାଇଥାନ୍ତି। ୧୯୫୦ ଦଶକରୁ ସମାଜରେ ଦେଖା ଦେଇଥିବା କିଛି ନୈତିକ ଆତଙ୍କ ନିମ୍ନରେ ଉଲ୍ଲେଖ କରାଗଲା:

ସୁଇଚ୍ ବ୍ଲେଡ୍, ଅପରାଧରେ ବୃଦ୍ଧି, ଭିଡିଓ ଗେମ୍ ଏବଂ ହିଂସା, ଡ୍ରଗ୍ସ ବିରୋଧରେ ଲଢ଼େଇ, କାଳକୋଠରୀ ଏବଂ ଡ୍ରାଗନ୍ସ, ରୀତିନୀତିର ସଇତାନୀ ଅପବ୍ୟବହାର, ଏଚ୍ଆଇଭି/ଏଡ୍ସ୍, ବ୍ଲୁ ଷ୍ଟାର ଏଲ୍ଏସ୍ଡି ଟାଟୁ, ଯୌନ ଅପରାଧ, ମାନବ ଚାଲାଣ, ଜେନ୍କେମ୍, କେମ୍ସେକ୍ସ, ବ୍ଲୁ ହ୍ୱେଲ୍, ମୋମୋ ଚ୍ୟାଲେଞ୍ଜ ଇତ୍ୟାଦି।

ସମଗ୍ର ଇତିହାସରେ ଅନେକ ନୈତିକ ଆତଙ୍କକୁ ଦେଖାଯାଇଛି, ସେଥିମଧ୍ୟରୁ କିଛି ଉଲ୍ଲେଖନୀୟ। ୧୯୬୨ ମସିହାରେ ଉପନିବେଶ ମାସାଚୁସେଟ୍ସରେ ଘଟିଥିବା ସାଲେମ୍ ଯାଦୁକରର ପରୀକ୍ଷା ହେଉଛି ଏଭଳି ଘଟଣାର ଏକ ବାରମ୍ବାର ଉଲ୍ଲିଖିତ ଉଦାହରଣ। ଯେଉଁ ମହିଳାମାନେ ସାମାଜିକ ଭାବେ ନିର୍ବାସିତ ହେଇଥିଲେ, ଯେତେବେଳେ ସ୍ଥାନୀୟ ଅ ଳର ଝିଅମାନେ ଅକାରଣ ମୂର୍ଚ୍ଛା ରୋଗରେ ପୀଡ଼ିତ ହେଲେ, ସେତେବେଳେ ସେହି ନିର୍ବାସିତ ମହିଳାଙ୍କ ଉପରେ ଝିଅମାନଙ୍କୁ ଯାଦୁ କରିଥିବା ଅଭିଯୋଗ ହୋଇଥିଲା। ପ୍ରାରମ୍ଭିକ ଗିରଫ ପରେ ସମାଜରେ ଅନ୍ୟ ମହିଳାମାନଙ୍କ ଆଡ଼କୁ ଅଭିଯୋଗ ବ୍ୟାପିଗଲା, ସେମାନେ ଏହି ଅଭିଯୋଗ ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ କିମ୍ବା ସେଗୁଡ଼ିକ ଠିକ୍ ନୁହେଁ ଏବଂ ଅନୁଚିତ୍ ବୋଲି ସେମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ନିର୍ଦ୍ଦିଷ୍ଟ ନୈତିକ ଆତଙ୍କ ସ୍ଥାନୀୟ ନେତାମାନଙ୍କର ସାମାଜିକ ଅଧିକାରକୁ ଦୃଢ଼ ଏବଂ ସଶକ୍ତ କରିବାରେ ସାହାଯ୍ୟ କଲା, ଯେହେତୁ ଗୁଣିଗାରେଡ଼ି ଖ୍ରୀଷ୍ଟିଆନ ମୂଲ୍ୟବୋଧ, ନିୟମ ଏବଂ ଶୃଙ୍ଖଳା ପାଇଁ ବିପଦ ବୋଲି ବିବେଚନା କରାଯାଏ।

ଏଇ ମାତ୍ର ନିକଟରେ କିଛି ସମାଜ ବିଜ୍ଞାନୀ ୧୯୮୦ ଏବଂ ୯୦ ଦଶକରେ ଡ୍ରଗ୍ସ ବିରୋଧରେ ଯୁଦ୍ଧ/ ଲଢ଼େଇକୁ ନୈତିକ ଆତଙ୍କର ଫଳାଫଳ ଭାବେ ଉପସ୍ଥାପିତ କରିଥିଲେ। ଗଣମାଧ୍ୟମ ଡ୍ରଗ୍ସର ବ୍ୟବହାର, ବିଶେଷ ରୂପରେ ସହରୀ ବ୍ଲାକ୍, ଅଣ୍ଡରକ୍ଲାସ (କଳା ଓ ନିମ୍ନ ଶ୍ରେଣୀର ଲୋକମାନଙ୍କ) ମଧ୍ୟରେ କ୍ରାକ୍ କୋକେନ୍ର ବ୍ୟବହାର, ଡ୍ରଗ୍ସ ବ୍ୟବହାର ଉପରେ ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ ଏବଂ ଏହାର ଦୋଷ ଏବଂ ଅପରାଧ ସମ୍ପର୍କିତ ଧ୍ୟାନ ଆକର୍ଷଣ କରିଥାଏ। ଏହି ବିଷୟ ଉପରେ ଖବର ସଂଗ୍ରହ ଏବଂ ପରିବେଷଣ କରି ଜନସାଧାରଣଙ୍କ ଚିନ୍ତା/ ଆକର୍ଷଣ ସୃଷ୍ଟି କରାଯାଇଥାଏ, ଏଥିରେ ଏକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ, ଯେଉଁଥିରେ

ପ୍ରଥମ ମହିଳା ନାନ୍ସି ରେଗାନ୍ ଏକ ଡ୍ରଗ୍ସ ଚଢ଼ାଉରେ ସାମିଲ ହୋଇଥିଲେ, ଡ୍ରଗ୍ସ ଆଇନ୍ ପାଇଁ ମତଦାତାମାନଙ୍କ ସମର୍ଥନକୁ ବୃଦ୍ଧି କରାଇଥିଲେ, ଯାହା ଗରିବ ଏବଂ ଶ୍ରମିକ ଶ୍ରେଣୀକୁ ଦଣ୍ଡିତ କରୁଥିବା ବେଳେ ମଧ୍ୟବିଭ ଏବଂ ଉଚ୍ଚ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଡ୍ରଗ୍ସର ବ୍ୟବହାରକୁ ଅଣଦେଖା କରୁଥିଲା। ଅନେକ ସମାଜ ବିଜ୍ଞାନୀ 'ଡ୍ରଗ୍ସ ବିରୁଦ୍ଧରେ ଯୁଦ୍ଧ/ ଲଢ଼େଇ ପ୍ରସଙ୍ଗ' ସମ୍ପର୍କିତ ନିୟମ, କାନୁନ୍ ଏବଂ ଦଣ୍ଡର ମାର୍ଗଦର୍ଶିକା ଯାହା ଦରିଦ୍ର ସହରୀ ପଡ଼ୋଶୀମାନଙ୍କ ଉପରେ ପୁଲିସ ବ୍ୟବସ୍ଥା ଏବଂ ସେହି ସମ୍ପ୍ରଦାୟଗୁଡ଼ିକର ଅଧିବାସୀମାନଙ୍କର ଦଣ୍ଡିତ ହେବାର ହାରକୁ ବଢ଼ାଇ ଦେବାର କାରଣ ଭାବରେ ନିର୍ଦ୍ଧାରଣ କରନ୍ତି।

ଅତିରିକ୍ତ ନୈତିକ ଆତଙ୍କ 'କଲ୍ୟାଣର ରାଣୀ' ପ୍ରତି ଜନସାଧାରଣଙ୍କ ଧ୍ୟାନ ଆକର୍ଷିତ କରିଥାଏ, ଧାରଣା ହେଉଛି ଗରିବ କଳା ରଙ୍ଗର ମହିଳାମାନେ ବିଳାସପୂର୍ଣ୍ଣ ଜୀବନ ଉପଭୋଗ କରୁଥିବାବେଳେ ସାମାଜିକ ସେବା ବ୍ୟବସ୍ଥାର ଅପବ୍ୟବହାର କରୁଛନ୍ତି। ବାସ୍ତବରେ, କଲ୍ୟାଣକାରୀ ଠକେଇ ଅତି ସାଧାରଣ ନୁହେଁ, ଏବଂ କୌଣସି ଜାତିଭିତ୍ତିକ ଗୋଷ୍ଠୀ ସମ୍ଭବତଃ ଏହା କରିବାକୁ ପସନ୍ଦ କରନ୍ତି ନାହିଁ । ତଥାକଥିତ 'ସମଲିଙ୍ଗୀ ଏଜେଣ୍ଡା'କୁ ନେଇ ମଧ୍ୟ ନୈତିକ ଆତଙ୍କ ରହିଛି, ଯେଉଁଠି ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ସମାଜରେ ସମାନ ଅଧିକାର ଚାହାନ୍ତି, ଯାହା ଆମେରିକୀୟ ଜୀବନଶୈଳୀ ପ୍ରତି ବିପଦ ସୃଷ୍ଟି କରିଥାଏ। ଶେଷରେ ୯/୧୧ର ଆତଙ୍କବାଦୀ ଆକ୍ରମଣ ପରେ ଇସ୍‌ଲାମ ବିରୋଧୀ, ତଦାରଖ ନିୟମ, ଏବଂ ଜାତିଗତ ଏବଂ ଧାର୍ମିକ ଚିତ୍ରପଟ/ନକ୍ସା ଏମିତି ଭୟର ବୃଦ୍ଧି ଘଟାଇଲା ଯେ ସମସ୍ତ ମୁସ୍‌ଲିମ୍, ଆରବୀ ଏବଂ ଧୂସର ବର୍ଣ୍ଣର ଲୋକମାନେ ହେଉଛନ୍ତି ବିପଦପୂର୍ଣ୍ଣ କାରଣ ଯେଉଁ ଆତଙ୍କବାଦୀମାନେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଏବଂ ପେଣ୍ଟାଗନ୍‌କୁ ଲକ୍ଷ୍ୟଭୁକ୍ତ କରିଥିଲେ, ସେମାନଙ୍କର ସେହି ପୃଷ୍ଠଭୂମି ଥିଲା। ବାସ୍ତବରେ ଅନେକ ଘରୋଇ ଆତଙ୍କବାଦୀ କାର୍ଯ୍ୟ ଅଣମୁସଲମାନ୍‌ମାନେ ହିଁ ଘଟାଇଥାନ୍ତି।

୧୯୭୧ ମସିହାରେ ଷ୍ଟାନ୍‌ଲେ କୋହେନ୍ ସମାଜରେ 'ନୈତିକ ଆତଙ୍କ'ର କେତେକ ସମାହାର ଉପରେ ଅନୁସନ୍ଧାନ କରିଥିଲେ। ଗଣମାଧ୍ୟମ, ଜନସାଧାରଣ ଏବଂ ଯୁବ ବିଭ୍ରାଟର ସାମାଜିକ ନିୟନ୍ତ୍ରଣରେ ବାହକମାନଙ୍କ ପ୍ରତିକ୍ରିୟାକୁ ବର୍ଣ୍ଣନା କରିବାକୁ ଯାଇ କୋହେନ୍ 'ନୈତିକ ଆତଙ୍କ' ଶବ୍ଦ ବ୍ୟବହାର କରିଥିଲେ। ଏହି କାର୍ଯ୍ୟ ସହିତ ଜଡ଼ିତ ମୋଡ୍‌ସ ଏବଂ ରକର୍ସ, କିଭଳି ସାମାଜିକ ନିୟନ୍ତ୍ରଣର ବାହକମାନେ ବିପଥଗାମୀ ବ୍ୟବହାରକୁ ବୃଦ୍ଧି କରିଥିଲେ ତାହାକୁ ଚିତ୍ରିତ କରିଥିଲେ। କୋହେନ୍‌ଙ୍କ ଅନୁଯାୟୀ ଏହି ଗୋଷ୍ଠୀଗୁଡ଼ିକ ସମ୍ମିଳିତ ସମାଜର କେନ୍ଦ୍ରୀୟ ମୁଖ୍ୟ ମୂଲ୍ୟବୋଧକୁ ବାହାର କରି ଦେବାରେ ଏବଂ ସମାଜର ମୂଲ୍ୟବୋଧ ଏବଂ ନିଜେ ସମାଜ ପ୍ରତି ବିପଦ ଭାବରେ ବିବେଚିତ/ସୂଚୀତ ହୋଇଥାନ୍ତି, ଏଣୁ 'ଲୋକ ସୈତାନ' ଶବ୍ଦ ବ୍ୟବହୃତ ହୋଇଥାଏ। କୋହେନ୍‌ଙ୍କ କାର୍ଯ୍ୟ ସହିତ ଅନ୍ୟ ଜଣେ ସମାଜ ବିଜ୍ଞାନୀ ଗବେଷକ ଜନ୍ ୟଙ୍ଗ୍ ୧୯୭୧ରେ ତାଙ୍କ ପୁସ୍ତକ 'ଦି ଡ୍ରଗ୍ ଟେକର୍ସ'ରେ ବିଚଳନର ବୃଦ୍ଧିରେ ଗଣମାଧ୍ୟମର ଭୂମିକାକୁ ଚିତ୍ରିତ କରିଥିଲେ ଏବଂ ଏହିପରି ଗଣମାଧ୍ୟମର ଆଦର୍ଶଗତ ଭୂମିକା ଯାହା କେବଳ ଆବଣ୍ଟିତ ଅର୍ଥକୁ ପ୍ରତିଫଳିତ କରିବା ପରିବର୍ତ୍ତେ ଅର୍ଥ ଗଠନ କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥାଏ, ତାହା ଉପରେ

ଧ୍ୟାନ ଆକର୍ଷିତ କରିଥିଲେ। ଡ୍ରଗ୍ସ ବ୍ୟବହାରକାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ତାହା ଶେଷରେ ଏକ ନୈତିକ ଆତଙ୍କ ସିଦ୍ଧାନ୍ତ ଭଳି ଜନସାଧାରଣଙ୍କ ଚିନ୍ତାକୁ ବୃଦ୍ଧି କରିଥିଲା ଏବଂ ଏକ ବଳିଷ୍ଠ ପରିସଂଖ୍ୟାନ ଅନୁସାରେ ଯୁବ ଗୋଷ୍ଠୀଙ୍କ ଭିତରେ ଡ୍ରଗ୍ସର ବ୍ୟବହାର ବୃଦ୍ଧି ପାଉଥିବା ଦେଖାଯାଇଥିଲା। ଲେଖକ ଦେଖିଲେ ଯେ, ଡ୍ରଗ୍ସର ବ୍ୟବହାରକୁ ନେଇ ନୈତିକ ଆତଙ୍କ ହେଉଛି ପୁଲିସ୍ ଡ୍ରଗ ସ୍କ୍ୱାର୍ଡ ଗଠନର ପରିଣାମ, ଯାହା ଡ୍ରଗ୍ସ ବ୍ୟବହାର ସମ୍ବନ୍ଧୀୟ ଗିରଫଦାରୀକୁ ବୃଦ୍ଧି କରିଛି। ତାଙ୍କ ପୁସ୍ତକ ଏହି ବିଶେଷ ପର୍ଯ୍ୟବେକ୍ଷଣ ଗଣମାଧ୍ୟମର ପାରସ୍ପରିକ କ୍ରିୟା, ଜନମତ, ଆଗ୍ରହୀ ଗୋଷ୍ଠୀ, ଏବଂ ଅଧିକାରୀମାନଙ୍କ ଦ୍ୱାରା ଉତ୍ପନ୍ନ ପ୍ରଭାବ ନୈତିକ ଆତଙ୍କ ଉପରେ ଗଭୀର ଭାବେ ଆଲୋକପାତ କରିଛି।

୧୯୭୮ ମସିହାରେ ଷ୍ଟୁଆର୍ଟ ହଲ୍‌ଙ୍କର ନୈତିକ ଆତଙ୍କକୁ ନେଇ ଭିନ୍ନ ଆଦର୍ଶଗତ ଆଭିମୁଖ୍ୟ ଥିଲା। ସେ କହିଥିଲେ ଯେ ଗଣମାଧ୍ୟମ ନୈତିକ ଆତଙ୍କକୁ ଉଭୟ ସାମାଜିକ ସମସ୍ୟାକୁ ବ୍ୟାଖ୍ୟା କରିବା ପାଇଁ ତଥା ବିରୂପୀକରଣ କରିବା ନିମନ୍ତେ ବ୍ୟବହାର କରିଥାଏ, ଯାହା ବାସ୍ତବରେ ସାମାଜିକ ନିର୍ମାଣ କରୁଥିବା ଦେଖାଯାଏ। ଉଦାହରଣ ସ୍ୱରୂପ, ଚୋରିକୁ ଗଣମାଧ୍ୟମରେ ଏପରି ଚିତ୍ରିତ କରାଗଲା, ଯାହା ହେଉଛି ନୂତନ ଏବଂ ଏକ ନୂତନ ପର୍ଯ୍ୟାୟରେ ବୃଦ୍ଧି ପାଉଥିବା ଘଟଣା ଥିଲା, ଯାହାକୁ ମଗିଙ୍ଗ୍ କୁହାଯାଏ। ପ୍ରକୃତ କଥା ହେଉଛି, ଏକ ପୁରୁଣା ଅପରାଧକୁ ଏକ ନୂତନ ନାମ ଦିଆଯାଇଥିଲା। ଏହା ଏମିତି ଏକ ପ୍ରତିଛବି ଦେଇଥାଏ ଯେ ଅପରାଧ କେବେ କମ୍ ହୋଇନଥାଏ ଏବଂ ବର୍ତ୍ତମାନ ମଧ୍ୟ ଏହା ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ସେଠାରେ କିଛି ସରକାରୀ ପରିସଂଖ୍ୟାନ ନାହିଁ ଯାହା ଗଣମାଧ୍ୟମର ପ୍ରଦର୍ଶନକୁ ସମର୍ଥନ କରିଥାଏ, ଯାହା ଫଳରେ ମଗିଙ୍ଗ୍ ବୃଦ୍ଧି ପାଇଥାଏ, ଗଣମାଧ୍ୟମ ଏହା ଉପରେ ରିପୋର୍ଟିଂ କରିଥାଏ ଏବଂ ଏହା ଏକ ଧାରଣା ଦେଇଥାଏ, ଯାହା ଫଳରେ ଅପରାଧର ହାର ବୃଦ୍ଧି ପାଇଥାଏ। ହଲ୍‌ଙ୍କ ଅନୁସାରେ (୧୯୭୮) ଗଣମାଧ୍ୟମ ଏହି ପ୍ରସଙ୍ଗକୁ ନେଇ ନୈତିକ ଆତଙ୍କ ସୃଷ୍ଟି କଲା, ଯାହା ଦଣ୍ଡନୀୟ ପଦକ୍ଷେପଗୁଡ଼ିକର ବୈଧତାକୁ ସେବା ପ୍ରଦାନ କରିଥିଲା; ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଗଣମାଧ୍ୟମ ନିୟମ ଏବଂ ଶୃଙ୍ଖଳା ପଦକ୍ଷେପ ନିମନ୍ତେ ବିକାଶ ଏବଂ ଚାପକୁ ବଜାୟ ରଖିବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ହଲ୍ ଏବଂ ଅନ୍ୟମାନେ କହିଛନ୍ତି ଯେ ଗଣମାଧ୍ୟମ, ଯେଉଁମାନେ ସାମାଜିକ ବାସ୍ତବତା କ'ଣ ବ୍ୟାଖ୍ୟା କରିଥାନ୍ତି, ସେମାନଙ୍କଠାରୁ ନୈତିକ ଆତଙ୍କ ପାଇଁ ସୂଚନା ପାଇଥାନ୍ତି। ସେମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ କ୍ଷମତାରେ ଏବଂ ଅଧିକାରୀ ପଦବୀରେ ରହିଛନ୍ତି। ଗଣମାଧ୍ୟମ ମଧ୍ୟ 'ସେକେଣ୍ଡାରୀ ଡିଫାଇନର୍ସ' ଭାବେ ଜଣାଶୁଣା। ସେଗୁଡ଼ିକ ପ୍ରଚଳିତ ସାମାଜିକ ଶୃଙ୍ଖଳା ଭିତରେ ବିପଦକୁ ବଢ଼ାଇଥାନ୍ତି ବୋଲି ବିଚାର କରାଯାଏ। ଏହା ସହିତ ପୁଲିସ୍ ଏବଂ କୋର୍ଟ ସମ୍ଭାବ୍ୟ ବିପଦକୁ ଦୂର କରିବା ପାଇଁ କାର୍ଯ୍ୟ କରନ୍ତି। ବର୍ତ୍ତମାନ ଗଣମାଧ୍ୟମ ଏହା ନିଶ୍ଚିତ କରୁଛି ଯେ ପ୍ରମୁଖ ଚିନ୍ତାଧାରା କିମ୍ବା ଆଦର୍ଶଗୁଡ଼ିକ କ୍ରମାଗତ ଭାବେ ପ୍ରମୁଖ ବିଚାରଧାରାର ବ୍ୟାଖ୍ୟାକାରୀଙ୍କ ସୂଚନା ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥାଏ।

ଷ୍ଟୁଆର୍ଟ ହଲ୍ ଏବଂ ତାଙ୍କ ସହକର୍ମୀମାନେ ଦୈନନ୍ଦିନ ଜୀବନରେ ଗଣମାଧ୍ୟମର ପ୍ରଭାବ ବୃଦ୍ଧି ପାଇବାର ଦକ୍ଷତାକୁ ପ୍ରଦର୍ଶନ କରିଛନ୍ତି। ଏହିପରି ଗଣମାଧ୍ୟମ ପ୍ରମୁଖ ଆଦର୍ଶର ପ୍ରସାର ପାଇଁ ମାଧ୍ୟମ ପାଲଟି ଯାଇଛି। ଅନ୍ୟ ଶବ୍ଦରେ ହଲ୍ ଏବଂ ଅନ୍ୟମାନେ ୧୯୭୮ରେ କହିଥିଲେ ଯେ 'ଗଣମାଧ୍ୟମ ଶକ୍ତିଶାଳୀ ସଂଜ୍ଞାକୁ ପୁନଃଉତ୍ପନ୍ନ କରିଥାଏ।' ଆଜିର ଆନୁଷ୍ଠାନିକ କ୍ରମରେ କ୍ଷମତାର ପ୍ରଚଳିତ ଗଠନ ବିଶ୍ୱସ୍ତ ଭାବେ ଏବଂ ପ୍ରତୀକାତ୍ମକ ଭାବେ ପୁନଃଉତ୍ପନ୍ନ ହୋଇଥାଏ। ତଥାପି ହଲ୍ ଏବଂ ଅନ୍ୟମାନେ (୧୯୭୮) ଯୁକ୍ତି କରିଛନ୍ତି ଯେ ଏହା ଷଡ଼ଯନ୍ତ୍ରକାରୀ ନୁହେଁ, ଗଣମାଧ୍ୟମ ମୂଳ ସମସ୍ୟାରୁ ଧ୍ୟାନ ହଟେଇବାକୁ ସ୍ଥିର କରେ ନାହିଁ, ଯେମିତିକି ଅର୍ଥନୈତିକ ସମସ୍ୟା। କିନ୍ତୁ ଏହି ଅର୍ଥନୈତିକ ସମସ୍ୟା ଚାପ ସୃଷ୍ଟି କରିଥାଏ ଏବଂ ଗଣମାଧ୍ୟମ ଚାପର ଲକ୍ଷ୍ୟକୁ ବୃଦ୍ଧି କରି ଏହାର ପ୍ରତିକ୍ରିୟା ଦେଇଥାଏ।

'ନୈତିକ' ଶବ୍ଦର ଅର୍ଥ ହେଉଛି ଅନୁଭବ କରାଯାଇଥିବା ବିପଦ କିଛି ସାମାନ୍ୟ ନୁହେଁ, ବରଂ ଏହା ସାମାଜିକ ଶୃଙ୍ଖଳା ପ୍ରତି ବିପଦ କିମ୍ବା ଏହାର ଏକ ଆଦର୍ଶ ଧାରଣା। ଯେପରି ଆମେ ପୂର୍ବରୁ ଜାଣିଛେ ଯେ, ବିପଦ ଏବଂ ଏହାର ଅପରାଧୀମାନେ ଖରାପ ଲୋକ ସୈତାନ ଭାବରେ ପରିଗଣିତ ହୁଅନ୍ତି ଏବଂ ନ୍ୟାୟୋଚିତ ଭାବନାକୁ ଉତ୍ସାହିତ କରନ୍ତି। ଏହି ପ୍ରତିକ୍ରିୟା ଅଧିକ ସାମାଜିକ ନିୟମାବଳୀ କିମ୍ବା ନିୟନ୍ତ୍ରଣ ପାଇଁ ଏବଂ ପାରମ୍ପରିକ ମୂଲ୍ୟକୁ ଫେରିବା ପାଇଁ ଏକ ଆବଶ୍ୟକତା ହୋଇପାରେ। ଯଦିଓ 'ଆତଙ୍କ' ଗଠନ ଉପରେ ମତଭେଦ ରହିଛି, ବ୍ୟଗ୍ରତା ଏବଂ ଶତ୍ରୁତାର ବିଶେଷତ୍ୱକୁ ନେଇ କିଛି ସମାନ ମତ ରହିଛି।

ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ବର୍ଗର ଲୋକମାନଙ୍କର ବ୍ୟବହାରକୁ ନେଇ ଚିନ୍ତା ବ୍ୟକ୍ତ କରାଯିବା ଏବଂ ଶତ୍ରୁତା ବା ଭୟରେ ବୃଦ୍ଧି ସେହି ଗୋଷ୍ଠୀ ବା ବର୍ଗ ଆଡ଼କୁ ନିର୍ଦ୍ଦେଶିତ ହୋଇଥାଏ, ଯାହାକୁ ଏକ ଧମକ ଭାବରେ ବିବେଚନା କରାଯାଏ। ଶତ୍ରୁତା ଏବଂ ଚିନ୍ତା ସହିତ ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡ଼ିକ ଯଥା, ଅତ୍ୟଧିକ ମାତ୍ରାରେ ନମନୀୟତା ଏବଂ ଅସମାନତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇପାରେ। ନମନୀୟତାର ଅର୍ଥନୈତିକ ଭୟ ହଠାତ୍ ଆବିର୍ଭାବ ହେବାର ସମ୍ଭାବନା ରହିଥାଏ ଏବଂ ଭୟାତୁର ହେବାର ସ୍ତର ସ୍ଥାୟୀ ଭାବରେ ରହିବାର ସମ୍ଭାବନା ନଥାଏ, ଏପରିକି ଯଦିଓ ସମସ୍ୟାଟି ଦୀର୍ଘକାଳୀନ ଭିତ୍ତିରେ ରହିପାରେ। ଶେଷରେ ଅସମାନତା କହିଲେ, ଏକ ଗ୍ରହଣୀୟତାକୁ ବୁଝାଏ ଯେ ଏକ ଧମକ ବା ବିପଦ, ଏକ ବାସ୍ତବବାଦୀ ଆକଳନ ଯେତିକି ଦର୍ଶାଇଥାଏ, ତାହା ଅପେକ୍ଷା ଅଧିକ ଉଲ୍ଲେଖନୀୟ (ଗୁଡେ ଏବଂ ବେନ୍ – ଯେହୁଦା ୧୯୭୪)। ଏକ ନୈତିକ ଆତଙ୍କ ବିଜଡ଼ିତ ଅବସ୍ଥାରେ ଗଣମାଧ୍ୟମରେ ପ୍ରସାର ଦ୍ୱାରା ଉତ୍କଣ୍ଠା ବହୁଗୁଣିତ ହୋଇଯାଇଥାଏ, ଯାହା ଉପସ୍ଥାପନ କରେ ଯେ ଏହିସବୁ ଘଟଣାଗୁଡ଼ିକ ଏକ ବ୍ୟାପକ ଏବଂ ଗଭୀର ନୈତିକ ଅଧୋପତନ ଏବଂ ସାମାଜିକ ଅସଂହତିର ଏକ ପ୍ରତୀକ।

ତେବେ ଜଟିଳ ସମାଜଗୁଡ଼ିକରେ ଏକ ପ୍ରସଙ୍ଗ ସମ୍ପର୍କରେ ଜନସାଧାରଣଙ୍କ ଚିନ୍ତା କେବଳ ନାଗରିକମାନଙ୍କର ଅଭଦ୍ରପଣିଆରୁ ସୃଷ୍ଟି ହୋଇନଥାଏ, ବରଂ ନୈତିକ ଉଦ୍ୟୋଗୀମାନଙ୍କର ଭୂମିକାକୁ ମିଶାଇ ଅନେକଗୁଡ଼ିଏ ଅବଦାନକାରୀଙ୍କ ଭୂମିକାର ଫଳ ସ୍ୱରୂପ ହୋଇଥାଏ।

ହାୱାର୍ଡ ବେକର (୧୯୬୩) ବ୍ୟବହାରକୁ ବ୍ୟାଖ୍ୟା କରିବାରେ ଏବଂ ବ୍ୟକ୍ତିବିଶେଷଙ୍କୁ ବିଚଳନ ଏବଂ ଅପରାଧୀ ଭାବେ ବ୍ୟାଖ୍ୟା କରିବାରେ 'ନୈତିକ ଉଦ୍ୟୋଗୀ'ମାନଙ୍କର ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି। ବେକର (୧୯୬୩)ରେ ଦୃଢ଼ତାର ସହିତ କହିଥିଲେ ଯେ ନୈତିକ ଉଦ୍ୟୋଗୀ କିମ୍ବା ନୈତିକ ସମାଜ ସୁଧାରକ, ଯେଉଁମାନେ ଗଣମାଧ୍ୟମ ଦ୍ୱାରା ଜନମତକୁ ତୀବ୍ର କରି ସାମାଜିକ ଆନ୍ଦୋଳନ ଏବଂ ସଙ୍ଗଠନକୁ ଆଗେଇ ନେଇଥାନ୍ତି, ଅଧିକାରୀମାନଙ୍କୁ ସାମାଜିକ ନିୟନ୍ତ୍ରଣ ଏବଂ ନୈତିକ ନିୟମ ଭିତରେ ରଖିବା ପାଇଁ ଚାପ ଦେବା ନିମନ୍ତେ କାର୍ଯ୍ୟ କରିଥାନ୍ତି, ସେମାନଙ୍କ ଦ୍ୱାରା ଗଣମାଧ୍ୟମ ମାଧ୍ୟମରେ ଜନସାଧାରଣଙ୍କ ଭିତରେ ଭୟ ସ ାର ହୋଇଥାଏ। ବେକର (୧୯୬୩) ନୈତିକ ସମାଜ ସୁଧାରକମାନଙ୍କୁ ଉତ୍ସୁକ ଏବଂ ନ୍ୟାୟପରାୟଣ ଏବଂ ପୂର୍ଣ୍ଣ ନୀତିଧାରକ ରୂପେ ବର୍ଣ୍ଣନା କରିଛନ୍ତି, ଯାହା ସେ ଦେଖିଛନ୍ତି ବାସ୍ତବରେ ଖରାପ, ଯାହାର କୌଣସି ଯୋଗ୍ୟତା ନାହିଁ। ୧୯୬୩ ମସିହାରେ ଯୋଶେଫ୍ ଗସ୍‌ଫିଲ୍‌ଡ, ନିଷେଧାଦେଶର ଅଧ୍ୟୟନରେ, ମାକ୍ସ ୱେବରଙ୍କ ଷ୍ଟାଟସ୍ ଡିଫେନ୍ସ/ ମର୍ଯ୍ୟାଦା ରକ୍ଷା ଅର୍ଥରେ ନୈତିକ ସମାଜ ସୁଧାରର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଗସ୍‌ଫିଲ୍ଡ ଯୁକ୍ତି କରିଛନ୍ତି ଯେ ଏହି ସମାଜ ସୁଧାରକମାନେ ସ୍ୱତନ୍ତ୍ର ସାମାଜିକ ଶ୍ରେଣୀ ଏବଂ ଗୋଷ୍ଠୀର ସାମାଜିକ ଅସନ୍ତୋଷ ପାଇଁ ଠିଆ ହୋଇଥାନ୍ତି। ଷ୍ଟାଟସ୍ (ସ୍ଥିତି/ମର୍ଯ୍ୟାଦା) ସମସ୍ୟାକୁ ନିୟନ୍ତ୍ରିତ କରିବା ପାଇଁ ଏହି ଗୋଷ୍ଠୀ ଭୟକୁ ଅନୁଭବ କରି ଏହାର କ୍ଷମତା ଏବଂ ମୂଲ୍ୟବୋଧକୁ ବିଧି ବ୍ୟବସ୍ଥା ମାଧ୍ୟମରେ ସାବ୍ୟସ୍ତ କରିଥାନ୍ତି। ଯଦିଓ ଏହି ଏକକ କାରକ ବିବରଣୀ ନୈତିକ ଆତଙ୍କର ନିରବଚ୍ଛିନ୍ନତା ଏବଂ ଉତ୍‌ଥାନକୁ ବୁଝାଇବା ପାଇଁ ଅତ୍ୟଧିକ ସରଳ ଏବଂ ଏହା କରିଥାଏ, ତଥାପି, ପ୍ରାସଙ୍ଗିକ କାରକକୁ ବୁଝାଇଥାଏ, ଯାହା ନୈତିକ ଆତଙ୍କ କ୍ଷେତ୍ରରେ ଯୋଗଦାନ ଦେଇଥାଏ।

ନୈତିକ ଆତଙ୍କକୁ ବୁଝିବା ପାଇଁ ଫିଲିପ୍ ଜେନ୍‌କିନ୍‌ସ୍ (୧୯୯୨) 'ପ୍ରତୀକାତ୍ମକ ରାଜନୀତି' ଏବଂ 'ପ୍ରତିସ୍ଥାପନ/ବିକଳ୍ପ ଚୟନ ରାଜନୀତି'ର ଭୂମିକା ସମ୍ପର୍କରେ କହିଥିଲେ। ଜେନ୍‌କିନ୍‌ସ୍ (୧୯୯୨) ଯୁକ୍ତି କରିଛନ୍ତି ଯେ ସେହି ଅଭିଯୋଗ ପ୍ରସ୍ତୁତକର୍ତ୍ତାମାନଙ୍କର ଏକ ସ୍ୱତନ୍ତ୍ର ସମସ୍ୟା ଆଡ଼କୁ ଆଂଶିକ ଭାବେ ଧ୍ୟାନ ଆକର୍ଷିତ କରାଇବ, କାରଣ ଏହା ଅନ୍ୟ ଏକ ସମସ୍ୟାର ପ୍ରତୀକ ହେବ। ଉଦାହରଣ ସ୍ୱରୂପ, ସ୍କୁଲରେ ସୁଟିଂ ଲିଙ୍ଗଭିତ୍ତିକ ସମ୍ପର୍କ ସମ୍ବନ୍ଧୀୟ ସମସ୍ୟା ଉଠେଇବ, ପ୍ରକୃତରେ କିଛି ନ କହି ମଧ୍ୟ ଜଣେ ଅଭିଯୁକ୍ତ ସୁଟର ଯିଏକି ଉଭୟ ପିତାମାତା ଚାକିରି କରୁଥିବା ପରିବାରରୁ କିମ୍ବା ଏକକ ପିତାମାତା ପରିବାରରୁ ଆସିଥାଏ, ସରଳ ଭାବେ ସେହି ପରିବାରର ଗଠନ ପାରମ୍ପରିକ ପାରିବାରିକ ସଂରଚନାର ବିଭାଜନ ସମ୍ପର୍କରେ

କହିଥାଏ। ଏଣୁ ଏହି ବିଚାର କହିଥାଏ ଯେ କୌଣସି ବ୍ୟକ୍ତି (ସାଧାରଣତଃ ମାଆ) ଯାହା କରୁଛନ୍ତି (କରି ନାହାନ୍ତି) ଯାହା ଏଭଳି ପରିସ୍ଥିତି ସୃଷ୍ଟି କରିଥାଏ କିମ୍ବା ଏଥିପାଇଁ ଅନୁମତି ଦେଇଥାଏ।

**୩.୨.୩: ଅପରାଧ ଏବଂ ଅପରାଧୀମାନଙ୍କର ଗଣମାଧ୍ୟମ ଉପସ୍ଥାପନାର ଐତିହାସିକ ଧାରା**

୧୮୯୫ରେ ପ୍ରଥମେ ଫିଲ୍ମ ଆରମ୍ଭ ହେଲା ଏବଂ ୧୯୨୩ ସୁଦ୍ଧା ଏହା ଅଧିକାଂଶ ରାଷ୍ଟ୍ରରେ ସବୁଠାରୁ ପ୍ରଭାବଶାଳୀ ମନୋରଞ୍ଜନର ମାଧ୍ୟମ ପାଲଟି ଗଲା। ପ୍ରତିଛବିଗୁଡ଼ିକ ସାର୍ବଜନୀନ ଭାବେ ଉପଲବ୍ଧ ହେଲା, ବ୍ୟାପକ ଭାବେ ବ୍ୟବହୃତ ହେଲା ଏବଂ ସ୍ୱରୂପ ଧାରଣ କଲା ତଥା ପ୍ରଭାବଶାଳୀ ସଂସ୍କୃତିକୁ ପ୍ରତିଫଳିତ କଲା। ଫିଲ୍ମ ଜନସାଧାରଣଙ୍କ ମୂଲ୍ୟବୋଧ, ରାଜନୈତିକ ମତାମତ, ସାମାଜିକ ବ୍ୟବହାର, ଉପଭୋଗର ପ୍ରକାର ଏବଂ ବିଶ୍ୱର ଦୃଶ୍ୟପଟ୍ଟକୁ ପ୍ରଭାବିତ କଲା। ଏକ ଜନ ଉଦ୍ରେକ ସୃଷ୍ଟି କରିବା ସହିତ ଫିଲ୍ମ ପ୍ରଥମ ଗଣମାଧ୍ୟମ ଥିଲା। ଏହା ବିଭିନ୍ନ ସାମାଜିକ ଅର୍ଥନୈତିକ ଏବଂ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପୃଷ୍ଠଭୂମିର ଲୋକମାନଙ୍କୁ ନେଇ ସମାନ ଗୋଷ୍ଠୀ ସୃଷ୍ଟି କରିଥିଲା। ଏକ ଅଧ୍ୟୟନରୁ ଜଣା ପଡ଼ିଥିଲା ଯେ ୧୯୨୦ରୁ ୧୯୫୦ ମଧ୍ୟରେ, ଅପରାଧୀ, ସେ ନାୟକ କିମ୍ବା ଖଳନାୟକ ହୁଅନ୍ତୁ, ସେମାନଙ୍କୁ ନିର୍ଣ୍ଣୟାତ୍ମକ ବୁଦ୍ଧିମାନ ଏବଂ ଅକର୍ଷଣୀୟ ବ୍ୟକ୍ତିତ୍ୱ ଭାବେ ପ୍ରଦର୍ଶିତ କରାଯାଇଥିଲା। (ସୁରେଟେ ୧୯୯୨)

୧୯୫୦ ପରଠାରୁ ଟେଲିଭିଜନ୍‌ର ଅଭିବୃଦ୍ଧି ଏବଂ ସାଧାରଣରେ ଗ୍ରହଣୀୟତା ଅତ୍ୟଧିକ ହେଲା ଏବଂ ଏହି ଗ୍ରହଣୀୟତା ସମାଜର ମାନଦଣ୍ଡ, ମୂଲ୍ୟବୋଧ, ବ୍ୟବହାର, ସାମାଜିକ ବ୍ୟବହାର, ଜନସାଧାରଣ ନିୟମ ଏବଂ ଆଶାକୁ ରୂପ ଦେଲା ଏବଂ ପ୍ରତିଫଳିତ ହେଲା।

୧୯୮୭ରେ ପ୍ରାୟ ଏକ ଚତୁର୍ଥାଂଶ 'ପ୍ରାଇମ୍ ଟାଇମ୍ ଶୋ' ଅପରାଧ ସମ୍ବନ୍ଧୀୟ ଥିଲା, ଏହା ସତ୍ୟ ଘଟଣା ଉପରେ ଆଧାରିତ ହେଉ କିମ୍ବା କଳ୍ପନା ପ୍ରସୁତ, ରେ ସୁରେଟ୍‌ଙ୍କ ଅନୁସାରେ ଲୋକପ୍ରିୟ ମନୋରଞ୍ଜନ ମାଧ୍ୟମ, ପ୍ରଥମେ ଫିଲ୍ମ ଆକାରରେ ଆସିଥିଲା ଏବଂ ଏହାକୁ ଟେଲିଭିଜନ୍ ଆଗେଇ ନେଇଥିଲା। ଏହିପରି ଏହା ଏକ ଉଲ୍ଲେଖନୀୟ ସାମାଜିକ କାରକ ପାଲଟି ଯାଇଥିଲା। ଏହା ପ୍ରାସଙ୍ଗିକ ବାର୍ତ୍ତା ଜଣେଇଲା ଏବଂ ସମାଜରେ ଯେଉଁମାନଙ୍କୁ ଅନୁକରଣ କରାଯାଏ ସେମାନଙ୍କ ସଂପର୍କରେ ଶିକ୍ଷା ଏବଂ ଭୟ ସୃଷ୍ଟି କରିଥାନ୍ତି, ଯାହା ଅପରାଧର ମୂଳ କାରଣ ଥିଲା ଏବଂ କିପରି ଅପରାଧ ବିରୋଧରେ ଲଢ଼େଇ କରିବା ଉଚିତ୍ ସେ ସମ୍ପର୍କରେ କହିଲା।

ଗଣମାଧ୍ୟମରେ ଉପସ୍ଥାପିତ ପ୍ରତିଛବି ସମ୍ପର୍କରେ ଏବଂ ଗଣମାଧ୍ୟମରେ ପ୍ରଚାରିତ ବାର୍ତ୍ତା ସମ୍ପର୍କିତ ଚିନ୍ତା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ମନୋରଞ୍ଜନ ମାଧ୍ୟମ ବାସ୍ତବତାକୁ ଠିକ୍ ଭାବେ ପ୍ରଦର୍ଶିତ କରୁନାହିଁ ବୋଲି ଅଭିଯୋଗ ହୋଇଥାଏ, ନା ସେମାନେ ଶୁଦ୍ଧ ଭାବରେ ଅପରାଧ ଏବଂ ଏହାର କରଣୀୟ ସମ୍ବନ୍ଧକୁ ମଧ୍ୟ ପ୍ରଦର୍ଶିତ କରନ୍ତି। ତଥାପି, ସତ୍ୟ ଏବଂ କଳ୍ପନା ଭିତରେ ପାର୍ଥକ୍ୟକୁ ଚିହ୍ନିବାରେ ସମାଜରେ ଦକ୍ଷତା ବେଳେବେଳେ ଅସ୍ପଷ୍ଟ ହୋଇଥାଏ, ଯାହାର ପରିଣାମ ଭୟକୁ ନେଇ କାହା ପ୍ରତି ଭୁଲ ଧାରଣା, ଅପରାଧର ମୌଳିକ କାରଣ ଏବଂ ଉପଯୁକ୍ତ ପ୍ରତିକ୍ରିୟା ହୋଇଥାଏ।

ଗଣମାଧ୍ୟମ ବାରମ୍ବାର ବିଭ୍ରାନ୍ତିଙ୍କର ବାର୍ତ୍ତା ଏବଂ ଶିକ୍ଷା ପ୍ରଦାନ କରିଥାଏ, କ୍ରମାଗତ ଭାବେ ଅପରାଧର କାରଣକୁ ନେଇ ବ୍ୟକ୍ତିଗତ ସ୍ତରରେ ଗୁଣକୁ ସୂଚୀତ କରିଥାଏ। ଗଣମାଧ୍ୟମ ଅପରାଧୀମାନେ କ୍ରମାଗତ

ଭାବେ ଅଧିକ ହିଂସ୍ର, ପଶୁ ପ୍ରବୃତ୍ତିସମ୍ପନ୍ନ, ଅଯୌକ୍ତିକ ଏକ ଶିକାରୀ ପାଲଟି ଯାଇଛନ୍ତି ଏବଂ ସେମାନଙ୍କର ଅପରାଧ ଦିନକୁ ଦିନ ଅଜ୍ଞାନ, ଅଧିକ ହିଂସାତ୍ମକ ଏବଂ ଅନିୟମିତ ହୋଇଛି। ଅପାରାଧକୁ ଏକ ବ୍ୟକ୍ତିଗତ ପସନ୍ଦ ଭାବରେ ଦେଖାଯାଇଛି ଏବଂ ଅନ୍ୟାନ୍ୟ ସାମାଜିକଏବଂ ଅର୍ଥନୈତିକ ବ୍ୟାଖ୍ୟାଗୁଡ଼ିକ ଅଯୌକ୍ତିକ ଏବେ ଉପେକ୍ଷିତ ପ୍ରସଙ୍ଗ ଭାବରେ ଦେଖାଯାଇଛି।

## ୩.୩: ଜାତୀୟ ଏବଂ ଆନ୍ତର୍ଜାତିକ ପ୍ରଚାର ପାଇଁ ଗଣମାଧ୍ୟମ ଏକ ଉପକରଣ

### ୩.୩.୧: ସମ୍ବାଦ ପ୍ରସ୍ତୁତି ପ୍ରକ୍ରିୟାକୁ ବୁଝିବା

ସମାଜରେ ସ୍ପଷ୍ଟ ନୈତିକ ଆତଙ୍କ ଘଟଣାର ଅନୁସନ୍ଧାନ କରିବା ପାଇଁ ସମ୍ବାଦ କିପରି ବିକଶିତ ହୁଏ ଏବଂ ସମାଜକୁ ଦିଆଯାଏ, ସେ ସମ୍ପର୍କରେ ଜାଣିବା ଆବଶ୍ୟକ। ମନୋରଞ୍ଜନ ମାଧ୍ୟମ ଦ୍ୱାରା ପ୍ରସାରିତ, ବିଶେଷକରି ଟେଲିଭିଜନ୍‌ରେ ପ୍ରସାରିତ କାର୍ଯ୍ୟକ୍ରମରେ ବାସ୍ତବତାକୁ ବିକୃତ କରାଯାଇଥାଏ, ଯାହା ସମସ୍ତେ ଜାଣିଛନ୍ତି। ସେଗୁଡ଼ିକ ସମ୍ପୂର୍ଣ୍ଣ କଳ୍ପନାତୀତ, ଯାହା ଆଦୌ ବାସ୍ତବ ନୁହେଁ, ତେବେ ମନୋରଞ୍ଜନ ମାଧ୍ୟମ ଏବଂ ସମ୍ବାଦମାଧ୍ୟମ ଯେଉଁଗୁଡ଼ିକ ସଠିକ୍ ଏବଂ ବାସ୍ତବତାର ସୂକ୍ଷ୍ମ ଦୃଷ୍ଟିକୋଣକୁ ଉପସ୍ଥାପିତ କରିବା ଆଶା କରାଯାଇଥାଏ, ସେଗୁଡ଼ିକ ମଧ୍ୟରେ ଥିବା ସମାନତା ବାସ୍ତବତାର ସାମାଜିକ ନିର୍ମାଣ ଉପରେ ଦ୍ୱିତୀୟଟିର ପ୍ରଭୂତ ପ୍ରଭାବ ଦୃଷ୍ଟିରୁ ବିଚାର କଲେ ଅସ୍ଥିର ହୋଇ ସମ୍ବାଦ ମାଧ୍ୟମ ଦ୍ୱାରା ପ୍ରଦତ୍ତ ପ୍ରତିଛବି ଏବଂ ବାର୍ତ୍ତାର ମନୋରଞ୍ଜନ ମାଧ୍ୟମ ସହିତ ଅଭୂତପୂର୍ବ ସମାନତା ରହିଥାଏ। ବର୍ତ୍ତମାନ ସମ୍ବାଦ ମାଧ୍ୟମ ପ୍ରତ୍ୟେକ ଘଟଣାକୁ ନାଟକୀୟ କରିବାକୁ ଚେଷ୍ଟା କରୁଥିବାରୁ ସେମାନଙ୍କ ଭିତରେ କୌଣସି ପାର୍ଥକ୍ୟ ନାହିଁ।

ପ୍ରକ୍ରିୟା ଏବଂ ମାନଦଣ୍ଡକୁ ବର୍ଣ୍ଣନା କରିବା ନିମନ୍ତେ ଦୁଇଟି ମଡେଲ ବ୍ୟବହୃତ ହୁଏ ଯାହା ମାଧ୍ୟମରେ ସମ୍ବାଦ ମାଧ୍ୟମ ବିଷୟବସ୍ତୁ ସୃଷ୍ଟି ହୋଇଥାଏ। ସେଗୁଡ଼ିକ ମାର୍କେଟ ମଡେଲ୍ ଏବଂ ମାନିପ୍ୟୁଲେଟିଭ୍ ମଡେଲ୍ । ବାସ୍ତବ ରୂପରେ ନ୍ୟୁଜ ଏଜେନ୍ସିଗୁଡ଼ିକ ଉଭୟ ମଡେଲ୍‌ରେ ଉପଯୁକ୍ତ ଭାବେ ଖାପ ଖୁଆଇଥାନ୍ତି, କିନ୍ତୁ ସେମାନେ କେଉଁଠି ନା କେଉଁଠି ଏହାର ମଧ୍ୟବର୍ତ୍ତୀ ଅବସ୍ଥାରେ ରହିବା ଭଳି କାର୍ଯ୍ୟ କରିଥାନ୍ତି। ମାର୍କେଟ ମଡେଲର ଗୋଟିଏ ମୁଣ୍ଡରେ, ଯେଉଁଠାରେ ଏକ ଘଟଣାର ସମ୍ବାଦଯୋଗ୍ୟତା ନିର୍ଣ୍ଣୟ କରାଯାଏ, ଯେ କ'ଣ ଜନସାଧାରଣଙ୍କୁ ଭଲ ଲାଗେ, କ'ଣ ସତ୍ୟତା ବସ୍ତୁନିଷ୍ଠ ହୋଇ ରିପୋର୍ଟ କରାଯାଏ ଏବଂ ବିଶ୍ୱ ବିଷୟରେ ବାସ୍ତବ ସୂଚନା ପୁନଃ ପ୍ରସ୍ତୁତ ହୋଇଥାଏ। ଅନ୍ୟ ଚରମ ପନ୍ଥାଟି ହେଉଛି ମ୍ୟାନିପୁଲେଟିଭ୍ ମଡେଲ୍, ଯେଉଁଠାରେ ସମ୍ବାଦ ଯୋଗ୍ୟତା ଜନସାଧାରଣଙ୍କୁ କ'ଣ ଭଲ ଲାଗିବ ତାହା ନୁହେଁ, ବରଂ ନ୍ୟୁଜ ଏଜେନ୍ସି ମାଲିକମାନଙ୍କ ଆଗ୍ରହକୁ ଗୁରୁତ୍ୱ ଦିଆଯାଇଥାଏ। କୋହେନ୍ ଏବଂ ୟଙ୍ଗ ଏହାକୁ ସମ୍ବାଦ ଗଣମାଧ୍ୟମର ଦକ୍ଷତା ଭାବରେ ଉଲ୍ଲେଖ କରିଛନ୍ତି, ଯାହା ଏକ କଠୋର ମାନିପ୍ୟୁଲେଟିଭ ମଡେଲ ଅଧୀନରେ କାର୍ଯ୍ୟ କରେ, ବାସ୍ତବତାର ଚିତ୍ରକୁ ଆକୃଷ୍ଟ ଏବଂ ବିକୃତ କରିବାକୁ ନେଇ ଭୟ ସ୍ପଷ୍ଟ ଭାବରେ ଦେଖାଯାଏ।

ତେବେ ଅନୁମାନ କରିବା ପାଇଁ ଏହା ଖୁବ୍ ସରଳ ଯେ ଏହି ମଡେଲଗୁଡ଼ିକ ସମ୍ବାଦ ସଂଗ୍ରହ ଏବଂ ପରିବେଷଣ କ୍ଷେତ୍ରରେ ଆଦର୍ଶ ଅଟେ। ଖବର ପ୍ରକ୍ରିୟାକରଣର ସାଙ୍ଗଠନିକ ମଡେଲ୍ ଉଭୟ ମ୍ୟାନିପୁଲେଟିଭ୍ ଏବଂ ମାର୍କେଟ ମଡେଲର ଉପାଦାନକୁ ଧାରଣ କରିଥାନ୍ତି। ମ୍ୟାନିପୁଲେଟିଭ୍ ମଡେଲ୍ ଭଳି ସାଙ୍ଗଠନିକ ମଡେଲ ଅଧୀନରେ ମଧ୍ୟ ଖବର ଏଜେନ୍ସିର ଆବଶ୍ୟକତା ଅନୁସାରେ ଚୟନ କରାଯାଇଥାଏ। ପର୍ଯ୍ୟାୟକ୍ରମେ କିମ୍ବା ସମୟ ଅନୁସାରେ ଘଟୁଥିବା ଘଟଣା ଏବଂ ସେମାନେ କିପରି ଏଜେନ୍ସିର ଆବଶ୍ୟକତା ଅନୁସାରେ ଖାପ ଖୁଆଇଥାନ୍ତି, ଯେତେବେଳେ କିଛି ରିପୋର୍ଟ କରାଯାଏ, ତାହା ଉପରେ ବିଚାର କରାଯାଏ।

ଅନୁରୂପ ଭାବେ, କିମ୍ବା କିପରି କାହାଣୀ ପୂର୍ବ ସମ୍ବାଦ ବିଷୟବସ୍ତୁ ଏବଂ ବର୍ଣ୍ଣନା ସହିତ ସହବନ୍ଧନ କରିଥାଏ, ତାହା ମଧ୍ୟ ବିଚାରଯୋଗ୍ୟ। ଏହିପରି ନିତ୍ୟନୈମିତିକ କାର୍ଯ୍ୟ ଏକ ଭୟକୁ ଚିତ୍ରିତ କରିବାକୁ ଅନୁମତି ଦେଇଥାଏ ଗଣମାଧ୍ୟମର ଏକ ସହଜ ଭାବେ ଚିହ୍ନିତ ସ୍ୱରୂପ ଦ୍ୱାରା, ଯାହା କୋହେନ୍‌ଙ୍କର ନୈତିକ ଆତଙ୍କର ଉପାଦାନ ମଧ୍ୟରୁ ଗୋଟିଏ। ସାଙ୍ଗଠନିକ ମଡେଲ ମ୍ୟାନିପୁଲେଟିଭ୍ ମଡେଲ ଏବଂ ମାର୍କେଟ ମଡେଲଠାରୁ ଭିନ୍ନ ହୋଇଥାଏ, ଏହା ସମ୍ପୂର୍ଣ୍ଣ ପ୍ରତିକ୍ରିୟାଶୀଳ (ମାର୍କେଟ) ହୋଇଥାଏ କିମ୍ବା ସମ୍ପୂର୍ଣ୍ଣ ସକ୍ରିୟ ହୋଇନଥାଏ। ଏଜେନ୍ସି ଆହୁରି ମଧ୍ୟ ଅଣ ନିତ୍ୟନୈମିତିକ ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ବଳକା ଖବର ପ୍ରସ୍ତୁତି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ।

ଏହାକୁ ନିତ୍ୟ ସମ୍ବାଦ କରିବା ପ୍ରକ୍ରିୟାରେ ଏଜେନ୍ସି ସମ୍ମାନୀତ ସାମାଜିକ ଅନୁଷ୍ଠାନ ଏବଂ ଅଧିକାରୀ ଯେଉଁମାନେ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରିଥାନ୍ତି, ସେମାନଙ୍କ ଉପରେ ନିର୍ଭର କରେ। ଏହି ସହଜ ସମ୍ବାଦ ପ୍ରବାହ ସମ୍ବାଦ ଏଜେନ୍ସିକୁ ସେମାନଙ୍କର ଆର୍ଥିକ ସମ୍ବଳକୁ ଅନ୍ୟତ୍ର ବ୍ୟବହାର କରିବା ପାଇଁ ଅନୁମତି ପ୍ରଦାନ କରିଥାଏ। ତେବେ ଏହା ହଲ୍ ଇତ୍ୟାଦିଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ହିସାବରେ ଶକ୍ତିଶାଳୀମାନଙ୍କର ପରିଭାଷାର ପୁନଃପ୍ରକାଶନ ଦିଗରେ ବାଟ କଢ଼ାଇ ନେଇଥାଏ। ସମ୍ବାଦ ଉପରେ ଏହାର ଫଳାଫଳ ଅନୁସାରେ ଯେଉଁ ସମ୍ବାଦ ସୂଚନା ଏବଂ ବ୍ୟାଖ୍ୟା ଦ୍ୱାରା ପ୍ରାଧାନ୍ୟପ୍ରାପ୍ତ ହୁଏ ତାହା ସ୍ଥିତିକୁ ସମର୍ଥନ କରିଥାଏ। ଏହା ମଧ୍ୟ ଅନୁଷ୍ଠାନ ଏବଂ ସଙ୍ଗଠନର ସମ୍ମାନକୁ ସୂଚନା ପ୍ରଦାନ କରି ଦୃଢ଼ କରିଥାଏ। ହଲ୍ ଇତ୍ୟାଦି ମଧ୍ୟ ପରାମର୍ଶ ଦେଇଥାନ୍ତି ଯେ ଏହା ହେଉଛି ସେହି ପ୍ରକ୍ରିୟା ଯାହା ପ୍ରତୀକାତ୍ମକ ଭାବେ ତିଷ୍ଠି ରହିଥିବା କ୍ଷମତାର ଗଠନ ସଂରଚନାକୁ ପୁନଃଉତ୍ପାଦନ କରିଥାଏ। ଯେ କୌଣସି ସମ୍ବାଦ କାହାଣୀରେ ଅପରାଧକୁ ଅଧିକ ପରିମାଣରେ ପରିବେଷଣ କରାଯାଇଥାଏ। ଅପରାଧ ସମ୍ବାଦ ସମସ୍ତ ସମ୍ବାଦର ଏକ ବିରାଟ ଅଂଶ ଅଧିକାର କରିଥାଏ। ପୂର୍ବ ପ୍ରସ୍ତୁତ (ଅଦଳବଦଳ କରିହେବା ଭଳି) ଏବଂ ଲୋକପ୍ରିୟ (ବଜାର) ହୋଇଥିବାରୁ ଏହା ସମ୍ବାଦ ସଙ୍ଗଠନକୁ ତାହାର ରୁଟିନ୍ ପଦ୍ଧତିରେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ।

ଏଣୁ ସମ୍ବାଦଯୋଗ୍ୟତାର ଏକ ଚକ୍ର ସୃଷ୍ଟି ହୁଏ, ଯେଉଁଥିରେ ଏକ ପ୍ରକାରର ଅପରାଧକୁ ସମ୍ବାଦ ସଂଜ୍ଞାଭୁକ୍ତ କରାଯାଏ ଏବଂ ତାହା ସମ୍ବାଦ ହୋଇ ରହିବ। ଯେହେତୁ ସମ୍ବାଦର ପାରମ୍ପରିକ ସଂଜ୍ଞା ହେଉଛି, 'ଯାହା ଅସାଧାରଣ ବା ନୂତନ'। ହିଂସ୍ର ଅପରାଧ ଅଧିକ ସମ୍ବାଦଯୋଗ୍ୟ ଭାବରେ ପରିଗଣନା କରାଯାଏ, କାରଣ ଏହାର ଆପାତତଃ କମ୍ ପୁନଃପୌନିକତା ଘଟିଥାଏ। ଏକ ନିର୍ଦ୍ଦିଷ୍ଟ ପ୍ରକାରର ଘଟଣା ଉପରେ ଏହାର ଧ୍ୟାନ ଅସମାନୁପାତିତା ଆଡ଼କୁ ବାଟ କଢ଼େଇ ନେଇଥାଏ କିମ୍ବା ଏକ ବିଶ୍ୱାସ ସୃଷ୍ଟି କରିଥାଏ ଯେ ବିପଦ ପ୍ରକୃତରେ ଯେତିକି ନୁହେଁ, ତାହାଠାରୁ ଅଧିକ ଉଲ୍ଲେଖଯୋଗ୍ୟ, ନୈତିକ ସ୍ତରରେ ଆତଙ୍କିତ ହେବାର ଏକ ବୈଶିଷ୍ଟ୍ୟ। ଫିସ୍‌ମ୍ୟାନଙ୍କ କହିବା ଅନୁସାରେ ଏସବୁ ଗଣମାଧ୍ୟମ ନିର୍ମିତ ଅପରାଧ ତରଙ୍ଗର ସାମାଜିକ ଗୁରୁତ୍ୱ ଏବଂ ପ୍ରତିଷେଧକ ପଦକ୍ଷେପଠାରୁ ଆରମ୍ଭ କରି ପ୍ରତ୍ୟେକଙ୍କୁ ପ୍ରଭାବିତ କରିଥିବା ହେଉଛି ଏହା ଯେ ନୀତିଗତ ନିଷ୍ପତ୍ତିକୁ ପ୍ରଭାବିତ କରିବା ପାଇଁ ଗଣମାଧ୍ୟମକୁ ସକ୍ଷମ କରାଇଥାନ୍ତି, ଯାହା ସମାଜକୁ ଭୟର ସ୍ତରକୁ ନେଇ ଯାଇଥାଏ। ଏସବୁ ବିଷୟବସ୍ତୁ ଉପରେ କାର୍ଯ୍ୟ କରିବା ଦ୍ୱାରା ଅନ୍ୟାନ୍ୟଗୁଡ଼ିକ ଅଧିକାଂଶ ସମୟରେ ଗୁରୁତର ଉଲ୍ଲେଖନୀୟ ଘଟଣା ବା ପ୍ରସଙ୍ଗଗୁଡ଼ିକ ସମ୍ବାଦ ହୋଇପାରିନଥାନ୍ତି। ତେଣୁ ସେଗୁଡ଼ିକ ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ କରିବା, ଚିନ୍ତା ବା ଭୟ ଜାଗ୍ରତ କରିବା କିମ୍ବା ସମ୍ବଳ ସଂଗ୍ରହ କରିବାର ସମ୍ଭାବନା କ୍ଷୀଣ ହୋଇଥାଏ। ହଲ୍ ଏବଂ ଅନ୍ୟମାନେ ମୋଟାମୋଟି ଯୁକ୍ତି ଦର୍ଶାଇଛନ୍ତି ଯେ ଗଣମାଧ୍ୟମ ସଚେତନ ଭାବରେ ଧ୍ୟାନ ହଟାଇବା ପାଇଁ କାମ କରିନଥାନ୍ତି, ତଥାପି ଶେଷ ପରିଣତି ସମାନ ହୋଇଥାଏ। ମୂଳ ସମସ୍ୟାଗୁଡ଼ିକ ପ୍ରାୟତଃ ଅବହେଳିତ ହୋଇଯାଇଥାଏ ଏବଂ ଧ୍ୟାନ ଆକର୍ଷଣ କରିନଥାଏ।

ଆମେମାନେ ସାମ୍ନା କରୁଥିବା ପ୍ରତିଦିନର ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକରେ ଏଭଳି ଉଦାହରଣ ପାଇପାରିବା। ୧୯୯୩ଠାରୁ ନରହତ୍ୟା ହାର ହ୍ରାସ ପାଇବା ଜାରି ରହିଛି, ତଥାପି ପ୍ରତି ସାତ ଗୋଟି ସମ୍ବାଦ କାହାଣୀରୁ ଗୋଟିଏ ସମ୍ବାଦ ଏହି ବିଷୟବସ୍ତୁ ଉପରେ ଆଧାରିତ ହୋଇଥାଏ। ୧୯୯୩ଠାରୁ ହତ୍ୟାକାଣ୍ଡର ବିବରଣୀ ପ୍ରଦାନ ସାତଶହ (୭୦୦) ପ୍ରତିଶତ ବଢ଼ିଛି ଯେତେବେଳେ କି ସାମୂହିକ ଭାବରେ ସଙ୍ଗଠିତ ଅପରାଧ କାହାଣୀର ପରିବେଷଣ ତିନିଗୁଣା ବୃଦ୍ଧି ପାଇଛି। ସେଣ୍ଟର ଫର ମିଡିଆ ଆଣ୍ଡ ପବ୍ଲିକ ଆଫେୟାର୍ସ ସଂସ୍ଥା ପାଇଁ ନିକଟରେ ଲୁଇ ହାରିସ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ସ୍ଥାନୀୟ ଟେଲିଭିଜନ ସମ୍ବାଦ କାର୍ଯ୍ୟକ୍ରମଗୁଡ଼ିକ, ଜନସାଧାରଣଙ୍କ ପାଇଁ ସମ୍ବାଦ ପାଇବାର ଏକ ନମ୍ବର ଉତ୍ସ, କେବଳ ଯେ ସେଗୁଡ଼ିକ ସର୍ବାଧିକ ରେଟିଂ ପାଆନ୍ତି, ତାହା ନୁହେଁ, ବରଂ ଲୋକମାନେ ସେଗୁଡ଼ିକୁ ନେଟ୍‌ୱାର୍କ ନ୍ୟୁଜ ସ୍ଥାନୀୟ ସମ୍ବାଦପତ୍ର ଏବଂ ଅନ୍ୟ ଯେ କୌଣସି ସମ୍ବାଦ ଉତ୍ସ ଅପେକ୍ଷା ଉଚ୍ଚ ମାନର ଏବଂ ଉଚ୍ଚ ସ୍ତରର ଭାବରେ ବିବେଚନା କରିଥାନ୍ତି।

ମିଡିଆ ୱ୍ୱାଚ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜାଣିବାକୁ ମିଳିଥିଲା ଯେ ଯେଉଁ ସ୍ୱଳ୍ପ ସମୟ ସମ୍ବାଦ ପ୍ରତି ପ୍ରକୃତରେ ଉତ୍ସର୍ଗ କରାଯାଉଛି (୪୦%) ତହିଁରୁ ୩୦ ପ୍ରତିଶତ ଅପରାଧ ଖବର ଅକ୍ତିଆର କରୁଛି। ଏହି ଅଧ୍ୟୟନ ୫୬ଟି ସହରରେ ୧୦୦ଟି ସ୍ଥାନୀୟ ଟେଲିଭିଜନ୍ ସମ୍ବାଦ ପ୍ରସାରକଙ୍କୁ ଅନ୍ତର୍ଭୁକ୍ତ କରିଥିଲା। ଘଟଣାକ୍ରମେ ବେତାର ସମୟର ୩୬% ବ୍ୟବସାୟିକ ବିଜ୍ଞାପନ ଏବଂ ପ୍ରମୋରେ: କ୍ରୀଡ଼ା ଏବଂ ପାଣିପାଗ (୨୨%) ଏବ ଆଉ (୨%) ସମୟ ଘୋଷକମାନଙ୍କ ଗପସପରେ ଅତିବାହିତ ହେଉଥିଲା। ସେ ଯାହାହେଉ, ଫିସ୍‌ମ୍ୟାନ୍‌ଙ୍କ ଅନୁମାନରୁ ସର୍ବାଧିକ ଉଲ୍ଲେଖନୀୟ କଥାଟି ଯାହା ବାହାରକୁ ଆସେ ଯେ ଅତ୍ୟଧିକ ଗୁରୁତର ଏବଂ ଉଲ୍ଲେଖନୀୟ ଘଟଣାଗୁଡ଼ିକ ସମ୍ବାଦ ହୁଏ ନାହିଁ। ସାମାଜିକ ଏବଂ ଅର୍ଥନୈତିକ ତଦନ୍ତର ଅନୁପସ୍ଥିତି ଏତେ ଯେ ଜାତୀୟ ଏବଂ ସ୍ଥାନୀୟ ରାଜନୈତିକ ଦୃଶାବଳୀଗୁଡ଼ିକ ଏହି ସବୁ ସମ୍ବାଦ ପ୍ରସାରଣରୁ ସମ୍ପୂର୍ଣ୍ଣ ଭାବରେ ଅନୁପସ୍ଥିତ ରହୁଥିଲା।

ସ୍ଥାନୀୟ ଟେଲିଭିଜନ ସମ୍ବାଦରେ ଅପରାଧ ଉପରେ ଧ୍ୟାନ କେନ୍ଦ୍ରିତ ହେବାର ଅନେକ କାରଣ ରହିଛି ଏବଂ ୧୯୯୨ରେ ସୁରେଟ୍‌ଙ୍କ ଦ୍ୱାରା ଉଲ୍ଲିଖିତ ମ୍ୟାନିପୁଲେଟିଭ୍, ମାର୍କେଟ ଏବଂ ସାଙ୍ଗଠନିକ ମଡେଲ୍‌ରେ ପ୍ରତ୍ୟେକଟି ଏହାର ବିଶେଷତା ସହିତ ଯୁକ୍ତିସଙ୍ଗତ ଭାବେ ରହିଥାନ୍ତି। ସ୍ଥାନୀୟ ଟେଲିଭିଜନରେ ସମ୍ବାଦ ସରବରାହ ଆପେକ୍ଷିକ ଭାବେ ପ୍ରସ୍ତୁତ କରିବା ପାଇଁ ଶସ୍ତା ଏବଂ ଷ୍ଟେସନ୍ ପାଇଁ ଏହା ଏକ ବୃହତ୍ ଲାଭକାରୀ ସଂସ୍ଥା। ଗ୍ରସ୍‌ମ୍ୟାନ ଅନୁଭବ କରିଛନ୍ତି ଯେ 'ପ୍ରତ୍ୟକ୍ଷଦର୍ଶୀ ଖବର' ପଦ୍ଧତି ମାନବ ବିଷୟଗତ ଯୋଜନା ପାଲଟି ଯାଇଛି ଏବଂ ସେମାନଙ୍କର ସାମ୍ପ୍ରଦାୟିକ ଆବଶ୍ୟକତା ଏବଂ ସ୍ୱାର୍ଥକୁ ସେବା ଦେବା ପାଇଁ ପ୍ରସାରଣକାରୀଙ୍କ ଉପରେ ଚାପର ଅଭାବ ରହିଛି।

ଟିଭି ଷ୍ଟେସନ୍‌ଗୁଡ଼ିକ ପାଇଁ ଅପରାଧ ଖବର ସଂଗ୍ରହ କରିବା ସବୁଠାରୁ ସହଜ, ଦ୍ରୁତ, ଶସ୍ତା ଏବଂ ଶ୍ରେଷ୍ଠ ଯୋଗ୍ୟ, କୁଶଳତାପୂର୍ବକ ଖବର ସଂଗ୍ରହ ହୋଇଥାଏ। ଖବର ନିର୍ଦ୍ଦେଶକ ସମୂହ ଏବଂ ଷ୍ଟେସନ୍ ମାଲିକମାନେ ମଧ୍ୟ ଅପରାଧ ଖବରକୁ ଭଲ ପାଆନ୍ତି, କାରଣ ଏହା ଏକ ଦିଆଯାଇଥିବା କାର୍ଯ୍ୟ ଏବଂ ପ୍ରସାରଣ ନିମନ୍ତେ ଏକ ଖବର ପାଇଁ ଭିତରେ ଏକ ଏକ ଅନୁପାତ ଆବଶ୍ୟକ କରିଥାଏ। ଅପରାଧ ଦୃଶ୍ୟକୁ ଏପଟସେପଟ କରାଯାଏ ନାହିଁ, ସେଥିପାଇଁ ସାମ୍ବାଦିକ ଯେତେବେଳେ ଘଟଣାସ୍ଥଳରେ ପହଞ୍ଚିଲେ ବି ସେଠାରେ ଫଟୋ ଉତ୍ତୋଳନ ଏବଂ ରେକର୍ଡ କରିବା ପାଇଁ ଫଟୋ ରହିଥାଏ। ସେଠାରେ ଗବେଷଣା କରିବା ପାଇଁ ସମୟ ଏବଂ ଅର୍ଥର ଆବଶ୍ୟକତା ପଡ଼ି ନଥାଏ, ଯେତେବେଳେ କ୍ୟାମେରା ପହଞ୍ଚି ଥାଏ ତଥାକଥିତ ପ୍ରତ୍ୟକ୍ଷଦର୍ଶୀ ମାନେ ଆସିଯାଆନ୍ତି।

ଜାତୀୟ ସମ୍ବାଦ ନେଟ୍‌ୱ୍ୱର୍କ୍‌ରେ କାହାଣୀ ମଧ୍ୟ ସମାନ ହୋଇଥାଏ। ୧୯୯୦ ମସିହାରେ କୋହେନ୍ ଦୃଢ଼ତାର ସହିତ କହିଥିଲେ ଯେ ନୈତିକ ଆତଙ୍କ ବିକଶିତ ହେବାର ମୁଖ୍ୟ ପର୍ଯ୍ୟାୟ ହେଉଛି ସେଠାରେ

ଅଧିକାରୀମାନଙ୍କର କିମ୍ବା ମତାମତ ସୃଷ୍ଟିକାରୀଙ୍କର ପ୍ରତିକ୍ରିୟା ରହିଥାଏ। ଯୁବ ହିଂସା ହ୍ରାସ ପାଇବାରେ ଲାଗିଥିବା ବେଳେ ସିଏନ୍ଏନ୍ ପ୍ରକାଶିତ କରିଥିଲା ଯେ 'କିଶୋର ଟାଇମ୍ ବୋମା ଆମେରିକାର ଅଧିକାଂଶ ସାଧାରଣ ସ୍ଥାନମାନଙ୍କରେ ବୃଦ୍ଧି ପାଉଛି।' ଏନ୍ବିସିର ଟୁଡେ କାର୍ଯ୍ୟକ୍ରମର ସମ୍ବାଦ ଘୋଷକ ଆନ୍ କରି ଜଣେ ଶିଶୁ ମନସ୍ତତ୍ତ୍ୱବିତ୍‌ଙ୍କୁ ଦର୍ଶକମାନଙ୍କ ପାଖରେ ପରିଚିତ କରାଇବା ବେଳେ ତାଙ୍କ ପିତାମାତାଙ୍କୁ ସମ୍ବୋଧନ କରି ଏପରି କହିବାକୁ କହିଥିଲେ ଯେ, 'ଆମ ବିଦ୍ୟାଳୟର ନୂତନ ଧାରା ହେଉଛି, ପରସ୍ପର ପରସ୍ପରକୁ ଗୁଳି କରିବା।' ଯେତେବେଳେ ସେ କହିବାକୁ ଆରମ୍ଭ କଲେ ଯେ ଶିଶୁମାନେ ଅନ୍ୟ ସ୍ଥାନ ଅପେକ୍ଷା ବିଦ୍ୟାଳୟରେ ତୁଳନାତ୍ମକ ଭାବେ ସୁରକ୍ଷିତ, ସେ ତାଙ୍କୁ ମନେ ପକାଇ ଦେଇଥିଲେ ଯେ ଏହା ହେଉଛି ଚତୁର୍ଥ ଘଟଣା। ଜଷ୍ଟିସ୍ ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭିନ୍‌ସେ ଶ୍ଚିରାଲ୍‌ଡି ଦର୍ଶକମାନଙ୍କୁ ସ୍ମରଣ କରାଇ ଦେଇଥଲେ ଯେ ସ୍କୁଲଗୁଡ଼ିକରେ ଘଟିଥିବା ଗୁଳିକାଣ୍ଡରେ ଯେତିକି ଲୋକ ମରି ନାହାନ୍ତି, ତା'ର ତିନିଗୁଣ ଅଧିକ ଲୋକ ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି, ଯେତେବେଳେ କି ଅନ୍ୟ ଜଣେ ଟୁଡେ କାର୍ଯ୍ୟକ୍ରମର ଉପସ୍ଥାପିକା, କ୍ୟାଟି କୁରିକ୍ ଘୋଷଣା କରିଥିଲେ ଯେ 'ବର୍ତ୍ତମାନର ଯୁବକମାନେ ମୁଥ ଦେଖେଇବା ଅପେକ୍ଷା ବନ୍ଧୁକର ଟ୍ରିଗରକୁ ଟିପିବାର ସମ୍ଭାବନା ଅଧିକ। ଏଭଳି ଲିଡ୍-ଇନ୍ ଏବଂ ସାଉଣ୍ଡ ବାଇଟ୍ ସତ୍ୟତାର ସମ୍ପୂର୍ଣ୍ଣ ବିପରୀତ ହୋଇଥାଏ। ଏହି ସମ୍ବାଦ ଉପସ୍ଥାପକମାନେ ମତାମତ ସୃଷ୍ଟିକାରୀ ହୋଇଥାନ୍ତି ଏବଂ ଅଧିକାରୀମାନଙ୍କ ସହିତ ସାକ୍ଷାତ୍‌କାର ନେଇ କୋହେନ୍‌ଙ୍କର ନୈତିକ ଆତଙ୍କର ଦୁଇଟି ଉପାଦାନକୁ ପୂର୍ଣ୍ଣ କରିଥାନ୍ତି। ତେବେ ସବୁଠାରୁ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି, ବନ୍ଧୁକ ଏବଂ ଶିଶୁ ସମାଜର ମୂଲ୍ୟବୋଧ ଏବଂ ସ୍ୱାର୍ଥ ପାଇଁ ବିପଦ ବୋଲି ବ୍ୟାଖ୍ୟା କରିବା ନିମନ୍ତେ ଏହି ଉକ୍ତିଗୁନିକୁ ଏକାଠି କରିବା ଯାହା ନୈତିକ ଆତଙ୍କର ବିକାଶରେ ଏକ ପର୍ଯ୍ୟାୟ ହୋଇଥାଏ। ନୈତିକ ଆତଙ୍କ ପ୍ରାୟତଃ ସମାଜର ପ୍ରଭାବହୀନ ଗୋଷ୍ଠୀଙ୍କ ଚାରିପଟେ କେନ୍ଦ୍ରିତ ହୋଇଥାଏ, ଯାହାର କାରଣ ଜାତି ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ଶ୍ରେଣୀ, ଲିଙ୍ଗ, ଜାତୀୟତା କିମ୍ବା ଧର୍ମ।

ଏଣୁ ଏକ ନୈତିକ ଆତଙ୍କ ଜଣାଶୁଣା ରୁଢ଼ିବାଦିତା ଏବଂ ସେଗୁଡ଼ିକୁ ସୁଦୃଢ଼ କରିବା ଉପରେ ଚିତ୍ରିତ କରାଯାଏ। ଏହା ବାସ୍ତବତାକୁ ତୀକ୍ଷ୍ଣ କରିପାରେ ଏବଂ ଗୋଷ୍ଠୀର ଲୋକମାନଙ୍କ ଭିତରେ ଭିନ୍ନତା ଏବଂ ବିଭେଦତାକୁ ବୋଧଗମ୍ୟ କରିଥାଏ। ନୈତିକ ଆତଙ୍କ ବିଚଳନତା ଏବଂ ଅପରାଧର ସମାଜ ଶାସ୍ତ୍ରରେ ବେଶ୍ ଜଣାଶୁଣା ଏବଂ ଏହା ବିଚଳନର ଛାପ ସିଦ୍ଧାନ୍ତ ସହିତ ସମ୍ପର୍କିତ। ଅଧିକାଂଶ ସମାଜଶାସ୍ତ୍ରବିତ୍ ଅନୁଧ୍ୟାନ କରିଛନ୍ତି ଯେ ଯେଉଁମାନେ କ୍ଷମତାରେ ଥାଆନ୍ତି, ଯେମିତି ହେଉ ନୈତିକ ଭୟରୁ ଲାଭ ପାଇଥାନ୍ତି ଯେହେତୁ ସେମାନଙ୍କର ଲୋକମାନଙ୍କ ଉପରେ ନିୟନ୍ତ୍ରଣ ଥାଏ ଏବଂ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାକୁ ଦୃଢ଼ ଭାବେ ସୁଦୃଢ଼ କରିବାକୁ ଆଗେଇ ଆସିଥାନ୍ତି। ଅନ୍ୟମାନେ ମତ ଦେଇଛନ୍ତି ଯେ ସମ୍ବାଦ ମାଧ୍ୟମ ଏବଂ ରାଷ୍ଟ୍ର

ମଧ୍ୟରେ ପାରସ୍ପରିକ ଲାଭଦାୟକ ସମ୍ପର୍କ ପାଇଁ ନୈତିକ ଆତଙ୍କ ପ୍ରସ୍ତାବ ଦେଇଥାଏ। ଗଣମାଧ୍ୟମ ପାଇଁ ବିପଦ ଉପରେ ରିପୋର୍ଟିଂ ନୈତିକ ଆତଙ୍କରେ ପରିଣତ ହୋଇଥାଏ, ଯାହା ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି କରିଥାଏ ଏବଂ ଗଣମାଧ୍ୟମ ସଂସ୍ଥା ପାଇଁ ଅର୍ଥ ସୃଷ୍ଟି କରିଥାଏ। ରାଷ୍ଟ୍ର ପାଇଁ ନୈତିକ ଆତଙ୍କର ସୃଷ୍ଟି ବିଧିବିଧାନ, ଆଇନ୍‌କାନୁନ୍ ପ୍ରଣୀତ କରିବାର କାରଣ ହୋଇଥାଏ, ଯାହା ନୈତିକ ଆତଙ୍କର କେନ୍ଦ୍ରରେ ବୋଧଗମ୍ୟ ହେଉଥିବା ବିପଦ ବିନା ଅବୈଧ ମନେ ହୁଏ।

## ୩.୪: ଆସ ପ୍ରଗତି ମାପିବା

୧) ନୈତିକ ଆତଙ୍କ ସିଦ୍ଧାନ୍ତ କ'ଣ ?

-----------------------------------------------------------

-----------------------------------------------------------

-----------------------------

୨) ଏକ ସମାଜରେ ନୈତିକ ଆତଙ୍କର ଉପାଦାନଗୁଡ଼ିକ କ'ଣ ?

-----------------------------------------------------------

-----------------------------------------------------------

-----------------------------

୩) କେଉଁମାନଙ୍କୁ ଲୋକ ସୈତାନ ବୋଲି ବିଚାର କରାଯାଏ ?

-----------------------------------------------------------

-----------------------------------------------------------

-----------------------------

୪) ସମାଜରେ ନୈତିକ ଆତଙ୍କ ପ୍ରତି ଗଣମାଧ୍ୟମର କି ଅବଦାନ ରହିଛି ?

-----------------------------------------------------------

-----------------------------------------------------------

-----------------------------

୫) ଗଣମାଧ୍ୟମ ବାର୍ତ୍ତାକୁ ବାସ୍ତବ ବୋଲି ବିଶ୍ୱାସ କରିବା ପାଇଁ କିପରି ତିଆରି କରାଯାଏ ?

-----------------------------------------------------------

-----------------------------------------------------------

-----------------------------

# ୟୁନିଟ୍- ୪ : ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ବିଭ୍ରାନ୍ତିକର ସୂଚନାର ପ୍ରଚାର

୪.୦: ବିଷୟର ଗଠନ
୪.୧ : ପଠନର ଉଦ୍ଦେଶ୍ୟ
୪.୨ : ଭୂଲ ସୂଚନା ଏବଂ ଅପପ୍ରଚାର ଅଭିଯାନ
୪.୨.୧ : ଭୂଲ ସୂଚନାକୁ ମୁକାବିଲା କରିବାର ଉପାୟ
୪.୨.୨ : ସମଗ୍ର ବିଶ୍ୱରେ ଭୂଲ ସୂଚନା ବିରୋଧୀ କାର୍ଯ୍ୟ
୪.୩: ଆସ ପ୍ରଗତି ମାପିବା

## ୪.୧ : ପଠନର ଉଦ୍ଦେଶ୍ୟ

ଏହି ଏକକ ଆଧୁନିକ ସମାଜର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫଳକ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ, ଯାହା ହେଉଛି ଭୂଲ ସୂଚନା ଏବଂ ଅପପ୍ରଚାର। ଇଣ୍ଟରନେଟ୍ ଏବଂ ମୋବାଇଲ୍ ଫୋନ୍ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବା ବେଳେ ଆଦୌ ଡିଜିଟାଲ୍ ସାକ୍ଷରତା ନଥିବା ଲୋକମାନଙ୍କ ହାତରେ ପ୍ରଯୁକ୍ତିର ଅନୁଚିତ୍ ଉପଯୋଗ ଏବଂ ଅପବ୍ୟବହାର ଉପରେ ଅଧ୍ୟୟନ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଏକକ ସମାଜରେ ପ୍ରଘଟ ହେଉଥିବା ବିଭିନ୍ନ ଭୂଲ ସୂଚନା ଏବଂ ଅପପ୍ରଚାର ଅଭିଯାନ ଉପରେ ଆଲୋକପାତ କରିବ।

## ୪.୨ : ଭୂଲ ସୂଚନା ଏବଂ ଅପପ୍ରଚାର ଅଭିଯାନ

ଉଭୟ ଭୂଲ ସୂଚନା ଏବଂ ଅପପ୍ରଚାର ସମାଜରେ ମିଥ୍ୟା ଖବର ପ୍ରଚାର କରିବାରେ ଅଂଶୀଦାର ଏବଂ ଉଭୟ ସମାଜ ପାଇଁ ବିପଦ ସୃଷ୍ଟି କରିଥାନ୍ତି। ଉଭୟ ଭୂଲ ସୂଚନା ଏବଂ ଅପପ୍ରଚାରର ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ହୋଇଥାଏ। ବିଭ୍ରାନ୍ତିକର ତଥ୍ୟ ଉଦ୍ଦେଶ୍ୟମୂଳକ ଭାବରେ ଭୁଲ୍ ସୂଚନାର ପ୍ରସାର କରିଥାଏ। ସମ୍ବାଦ ଉତ୍ସରୁ ଆସିବା ବେଳେ ଏହା ବହୁତ ଶକ୍ତିଶାଳୀ ହୋଇପାରେ। ବିବାଦୀୟ ସୂଚନାକୁ ସନ୍ଦେହାସ୍ପଦ ମନେକରି କିମ୍ବା ଭୁଲ୍ ନିଷ୍କର୍ଷକୁ ସମର୍ଥନ କରି ଏହି ଖବରକୁ ପ୍ରସ୍ତୁତ କରାଯିବା ସହିତ ଦର୍ଶକ /ପାଠକମାନଙ୍କୁ ଭାବନାଗତ ସ୍ତରରେ ଅଦଳ ବଦଳ କରାଯାଇଥାଏ। ଏକ ସାଧାରଣ କୌଶଳ ହେଉଛି ସତ୍ୟକୁ ଭୁଲ୍ ନିଷ୍କର୍ଷ ଏବଂ ମିଥ୍ୟା ସହିତ ମିଶ୍ରଣ କରିବା। ତ୍ରୁଟିପୂର୍ଣ୍ଣ ସୂଚନା କ୍ଷେତ୍ରରେ ସୂଚନା ପ୍ରେରକ ହୁଏତ ସୂଚନା ଭୁଲ୍ ଥିବା ଜାଣିନଥାଏ। ଏହା ଭୁଲ୍ କିମ୍ବା ତ୍ରୁଟିପୂର୍ଣ୍ଣ ସୂଚନା ଯାହା ଅଣ-ଉଦ୍ଦେଶ୍ୟମୂଳକ ଭାବେ ପ୍ରସାରିତ ହୋଇଥାଏ। ଏହା ବିଭ୍ରାନ୍ତିକର ପ୍ରଚାରର ଠିକ୍ ବା ସିଧାସଳଖ ବିପରୀତ ହୋଇଥାଏ, ଯାହା ଜଣେ ଦର୍ଶକକୁ କିଛି କଥାକୁ ନେଇ ପ୍ରବର୍ତ୍ତାଇବା ପାଇଁ କପଟ ହୋଇଥାଏ। ବିଭ୍ରାନ୍ତିକର ତଥ୍ୟ ଭ୍ରମରେ ପକାଇବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥାଏ, କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା କ୍ଷେତ୍ରରେ ତାହା  ହୋଇନଥାଏ।

### ୪.୨.୧: ଭୂଲ ସୂଚନାକୁ ମୁକାବିଲା କରିବାର ଉପାୟ

- **ପ୍ରଯୁକ୍ତି ପ୍ଲାଟଫର୍ମ:** ଦକ୍ଷତା ବିକାଶକାରୀ ଡିଜିଟାଲ୍ ପ୍ଲାଟଫର୍ମଗୁଡିକ ବ୍ୟବହାରକାରୀମାନଙ୍କ ଅଭିଯୋଗ, ନିୟମ ପ୍ରଣୟନ ଏବଂ ଆବଶ୍ୟକସ୍ଥଳେ ସରକାରଙ୍କ ସହିତ ଦ୍ରୁତଗତିରେ କାର୍ଯ୍ୟ କରିବା ନିମନ୍ତେ ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକ କରିଥାନ୍ତି।

- **ଉତ୍ତର ଦାୟିତ୍ୱ:** ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ୍ ପ୍ଲାଟ୍‌ଫର୍ମ୍‌ଗୁଡ଼ିକ ଆଉ ଜଣାଶୁଣା ଲୋକମାନଙ୍କର ଘରୋଇ ନେଟ୍‌ୱାର୍କ୍ ହୋଇରହିନାହିଁ, ବରଂ ଯାଞ୍ଚ ହୋଇନଥିବା ବିଷୟବସ୍ତୁଗୁଡ଼ିକର ପ୍ରସାରଣ ଏବଂ ଆବ ନକୁ ଅନୁମତି ପ୍ରଦାନ କରୁଥିବା ମଞ୍ଚ ପାଲଟି ଯାଇଛନ୍ତି। ସେମାନଙ୍କର ବ୍ୟବହାରକାରୀଙ୍କ ସଂଖ୍ୟା ବହୁତ ଅଧିକ, ଭାରତର ଯେ କୌଣସି ଏକକ ଖବରକାଗଜ କିମ୍ବା ଟେଲିଭିଜନ୍ ଚ୍ୟାନେଲ୍‌ଠାରୁ ମଧ୍ୟ ଅଧିକ ଯାହା ସେମାନଙ୍କୁ ପ୍ରକୃତ ଅର୍ଥରେ ଏକ ଗଣମାଧ୍ୟମ ପ୍ଲାଟଫର୍ମ ସହିତ ବରାବର ସମାନ କରୁଛି।

- **ସରକାରୀ ଡିଜିଟାଲ ସାକ୍ଷରତା:** ପ୍ରଚାରକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ର ଦ୍ୱାରା ଗ୍ରହଣୀୟ ହୋଇପାରୁଥିବା ଡିଜିଟାଲ ସାକ୍ଷରତାର ଏକ ସାଧାରଣ ଏବଂ ବ୍ୟାପକ ସଂଜ୍ଞା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଡିଜିଟାଲ୍ ସୂଚନା ପ୍ରକ୍ରିୟାକରଣର ସଂଜ୍ଞାନାତ୍ମକ ଦୃଷ୍ଟିକୋଣ ସମାବେଶର ପରିସରକୁ ବ୍ୟାପକ କରିବା ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ପୂର୍ଣ୍ଣ ରୂପେ ପ୍ରଯୁକ୍ତି ଦ୍ୱାରା ମିଳୁଥିବା ସେବାର ଫ୍ରେମ୍‌ୱାର୍କ ସୃଷ୍ଟି କରନାହିଁ, ଯେପରି ଦେୟ (ଦରମା) ନିମନ୍ତେ ଥିବା ସେବା।

- **ପଦକ୍ଷେପ ଏବଂ ସୁପାରିସ:** ଏଭଳି ବ୍ୟାପକ ପ୍ରଭାବ ଏବଂ ସାମର୍ଥ୍ୟ ଥିବାରୁ ଘଟୁଥିବା ଘଟଣାଗୁଡିକ ପ୍ରତି ଉତ୍ତରଦାୟୀ ହେବା ଗୁରୁତ୍ୱପୂର୍ଣ୍ଣ। ଆମର ଅଧିକାଂଶ ଉତ୍ତରଦାତା ଆତ୍ମନିୟାମକ ପଦକ୍ଷେପକୁ ସମର୍ଥନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଅନୁଭବ କରିଥିଲେ ଯେ ସେବାଗୁଡ଼ିକ ପ୍ରଯୋଜନା କରୁଛନ୍ତି ବୋଲି ଧ୍ୟାନରେ ରଖି ବ୍ୟକ୍ତିଗତଭାବରେ ରାଷ୍ଟ୍ରର ପ୍ରେସ୍ ନିୟମକୁ ପରିବର୍ତ୍ତନ ପରେ ପ୍ଲାଟଫର୍ମକୁ ବିସ୍ତାର କରାଯାଇପାରେ।

- **ସ୍ୱଚ୍ଛତା:** ବ୍ୟବହାରକାରୀଙ୍କ ତଥ୍ୟ ଏବଂ ସୁରକ୍ଷାକୁ ନେଇ ରହିଥିବା ପ୍ରକ୍ରିୟା ଏବଂ ପଦ୍ଧତିଗୁଡ଼ିକ ସମ୍ପର୍କରେ ଉନ୍ମୁକ୍ତ ରହିବା ପ୍ଲାଟଫର୍ମଗୁଡ଼ିକର ଦାୟିତ୍ୱ। କାର୍ଯ୍ୟ କରୁଥିବା ଅନ୍ୟ ପକ୍ଷମାନଙ୍କ ସହିତ ଏକ ଅର୍ନ୍ତଦୃଷ୍ଟିସମ୍ପନ୍ନ ତଥା ପରାମର୍ଶମୂଳକ ସମ୍ପର୍କ ପ୍ରକ୍ରିୟା ସୂଚନା ବିଶୃଙ୍ଖଳା ନିମନ୍ତେ ଆବଶ୍ୟକ। ଆଇନ୍ ପ୍ରଣୟନକାରୀ ସଂସ୍ଥା ଏବଂ ସରକାରଙ୍କ ସହିତ କୌଶଳ ଏବଂ ଆହ୍ୱାନଗୁଡ଼ିକ ବାବଦରେ ଭାବ ବିନିମୟ ସମୟରେ ସ୍ୱଚ୍ଛତା ରକ୍ଷା କରାଯିବା ଅତ୍ୟାବଶ୍ୟକ। କାରଣ ବୈଷୟିକ ବିଶେଷତା ପ୍ରସଙ୍ଗକୁ ଆଉ ସମାଧାନ କରିପାରିବ ନାହିଁ।

- **ଅନୁବର୍ତ୍ତିତା:** ଡିଜିଟାଲ ପ୍ଲାଟଫର୍ମ ନିଶ୍ଚିତ ଭାବରେ ଜାତୀୟ ଏବଂ ଆଞ୍ଚଳିକ ପ୍ରଶାସନିକ ସଂସ୍ଥା ସହିତ ସର୍ବନିମ୍ନ ଅନୁବର୍ତ୍ତିତା ନିଶ୍ଚିତ କରିବା ନିମନ୍ତେ ଏକ 'କାର୍ଯ୍ୟ ସଂହିତା' ସହିତ ସହଯୋଗରେ ସରକାରଙ୍କ ସହିତ ସହବନ୍ଧନ କରିବ। ହେଲ୍ପଲାଇନ୍ ପ୍ଲାଟଫର୍ମଗୁଡ଼ିକ ଏକ ସ୍ଥାନୀୟ ଟେଲିଫୋନ୍ ସହାୟତା କେନ୍ଦ୍ର

ସ୍ଥାପନ କରିବା ଉପରେ ବିଚାର କରିବା ନିମନ୍ତେ ବିଚାର କରିବା ଉଚିତ୍, ଯେଉଁଠିକୁ ବ୍ୟବହାରକାରୀ ସେବା ବିଷୟରେ ଜାଣିବା ପାଇଁ ଏବଂ ଅପବ୍ୟବହାରର ଉଦାହରଣର ଖବର ଦେବା ପାଇଁ କଲ୍ କରିଥାନ୍ତି, ରିପୋର୍ଟିଂ କରିଥାନ୍ତି ଏବଂ ପ୍ରଶ୍ନ କରିଥାନ୍ତି।

- **ସ୍ଥାନୀୟ ଭାଷାର ପ୍ରବେଶ ଏବଂ ସନ୍ତୁଳନ:** ଭାରତ ଏବଂ ଅନ୍ୟାନ୍ୟ ଭାଷାଭିତ୍ତିକ ବିଭିନ୍ନତା ରହୁଥିବା ଦେଶମାନଙ୍କରେ ସ୍ଥାନୀୟ ଭାଷାକୁ ନେଇ ଅନେକ ତ୍ରୁଟିପୂର୍ଣ୍ଣ ସୂଚନା ସୃଷ୍ଟି ହୋଇଥାଏ। ପ୍ଲାଟଫର୍ମ ମଡରେସନ୍ ଅଭିଯୋଗ ଏବଂ ଉପଭୋକ୍ତା ଶିକ୍ଷା ନିମନ୍ତେ ଭାଷାର ବ୍ୟବହାର ପାଇଁ ଭାଷାଗୁଡ଼ିକୁ ଏକତ୍ରିତ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହାର ଅର୍ଥ ହେଉଛି, ଭାଷାରେ ସନ୍ତୁଳନ ରକ୍ଷା କରିବା ପାଇଁ କିମ୍ବା ବିଷୟବସ୍ତୁକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ଭାଷାରେ ଉତ୍ସଗୁଡ଼ିକର ବ୍ୟାପକ ନିଯୁକ୍ତି କରିବାକୁ ହେବ।

- **ଗଣମାଧ୍ୟମ ସଙ୍ଗଠନ ସ୍ଥାପତ୍ୟ ଏବଂ ବିରାଗ:** ଯେତେବେଳେ ଗଣମାଧ୍ୟମ ଗୋଷ୍ଠୀ ଏବଂ ପ୍ରକାଶନ ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ରାଜନୈତିକ ବିଚାରଧାରାର ପ୍ରତ୍ୟକ୍ଷ ମାଲିକାନାରେ ରହିଥାନ୍ତି ଏବଂ ଏକ ସ୍ୱତନ୍ତ୍ର ରାଜନୈତିକ ବିଚାରଧାରା ପ୍ରତି ବିମୁଖ ଥାଆନ୍ତି, ସେତେବେଳେ ସେମାନେ ବିନା ପ୍ରମାଣରେ ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ସମର୍ଥନ କରି ଖବର ରିପୋର୍ଟ କରିବାରେ ବିପଦ ରହିଥାଏ। ସମସ୍ତଙ୍କର ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର ଥିବାବେଳେ କିଛି ଦାୟିତ୍ୱ ରହିଛି ଯାହା ଲୋକ ସୂଚନା ଉପରେ କାର୍ଯ୍ୟ କରିବା ସମୟରେ ଅନୁମାନ କରିବା ଆବଶ୍ୟକ ହୋଇଥାଏ। ଯେତେବେଳେ ପ୍ଲାଟଫର୍ମରେ ସୂଚନା ପ୍ରସାରିତ ହୋଇଥାଏ, ବିଶେଷକରି ଯେତେବେଳେ ଘୃଣା, ହିଂସା ଏବଂ ଉତ୍ତେଜନା ସୃଷ୍ଟି କରିଥାଏ, ସେଭଳି ସୂଚନାର ସମ୍ଭାବନାକୁ ବିଚାରକୁ ନିଆଯାଇଥାଏ।

- **ଷ୍ଟେସନର ସାମର୍ଥ୍ୟ:** ଡିଜିଟାଲ୍ ପ୍ଲାଟଫର୍ମର ବର୍ଦ୍ଧିତ ବ୍ୟବହାର ହେବା ଦ୍ୱାରା ଗଣମାଧ୍ୟମ ସଂସ୍ଥାର ପାଠକମାନଙ୍କ ପାଖରେ ପହଞ୍ଚିବା  ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ସହିତ ପ୍ଲାଟଫର୍ମର ଆହ୍ୱାନ ଏବଂ ସୀମିତତା ଯାହା ସେମାନେ ବ୍ୟବହାର କରିବା ପାଇଁ ଚାହାନ୍ତି, ଏକ ଷ୍ଟେସନ୍ ବା କେନ୍ଦ୍ର ପ୍ରତିଷ୍ଠା କରିବା ଅତ୍ୟନ୍ତ ଜଟିଳ ହୋଇଥାଏ। ଅତିରିକ୍ତ ଭାବରେ ସମସ୍ତ ଷ୍ଟେସନ୍ ପରିମାଣଠାରୁ ଅଧିକ ସୂଚନାର ଗୁଣବ । ନିଶ୍ଚିତ କରିବା ପାଇଁ ସମର୍ଥ ହେବା ନିମନ୍ତେ ସତ୍ୟତା ଯାଞ୍ଚ କାର୍ଯ୍ୟରେ ଜଡ଼ିତ ହେବା ଉଚିତ୍ ଏବଂ ତାଲିମ୍ପ୍ରାପ୍ତ ହେବା ଉଚିତ୍। ଜନସାଧାରଣଙ୍କ କ୍ଷତି କରୁଥିବା ମିଥ୍ୟା ସମ୍ବାଦଗୁଡିକ ସମ୍ପର୍କରେ ଅଭିଯୋଗ ଗ୍ରହଣ କରିବା ପର୍ଯ୍ୟନ୍ତ ଏହି ପ୍ଲାଟଫର୍ମର କାର୍ଯ୍ୟ ସମ୍ପ୍ରସାରିତ ହୋଇଥାଏ।

- **ବଳିଷ୍ଠ ସମ୍ପାଦକୀୟ ବ୍ୟବସ୍ଥା:** ସୂଚନା ପ୍ରକାଶନ ପୂର୍ବରୁ ଡେସ୍କ ସ୍ତରରେ ଯାଞ୍ଚର ଦ୍ରୁତ ବ୍ୟବସ୍ଥାକୁ ପୁନଃ ସୃଷ୍ଟି କରାଯାଇଥାଏ, ଯାହା ଭୁଲ୍ ସୂଚନାକୁ ବାହାର କରିଦେଇଥାଏ। ଗଣମାଧ୍ୟମ ସଂସ୍ଥାର ପାରମ୍ପରିକ ପଦ୍ଧତିକୁ ଅନୁସରଣ କରି ଏହାର ଉତ୍ତମ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇଥାଏ।

- **ବିବିଧତା:** ଲୋକମାନଙ୍କର ବହୁବାଦ, ବହୁମତ ଏବଂ ସାରା ଦେଶରେ ବିଭିନ୍ନ ସ୍ଥାନର ଉତ୍ତରଦାୟିତ୍ୱ ନିମନ୍ତେ ପାଇଁ ଗଣମାଧ୍ୟମର ମାଲିକାନା ଏବଂ ଅଭ୍ୟାସଗୁଡିକ ମଧ୍ୟରେ ଥିବା ବିବିଧତାକୁ ପ୍ରୋତ୍ସାହିତ କରାଯାଇଥାଏ। ଏହି ସମାନ କାରଣ ଠିକ୍ ଉତ୍ସରୁ ରିପୋର୍ଟ ସଂଗ୍ରହ ଏବଂ ଜଣେ ଅନ୍ୟ ଜଣଙ୍କର ସୂଚନାକୁ ଯାଞ୍ଚ କରିବା କ୍ଷେତ୍ରରେ ଉତ୍ତମ ପ୍ରତିଯୋଗିତାକୁ ଅନ୍ତର୍ନିବେଶ କରିଥାଏ। ଆତ୍ମ-ନିୟନ୍ତ୍ରିତ ସଂସ୍ଥା, ଯେପରି ଏଡିଟର୍ସ ଗିଲଡ, ପ୍ରେସ୍ କାଉନସିଲ୍ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ୍ ଏବଂ ଦୈନିକ ସମ୍ବାଦର ଆହ୍ୱାନକୁ ସ୍ୱେଚ୍ଛାକୃତ ଭାବରେ ଗ୍ରହଣ କରିବା ଉଚିତ୍।

### ୪.୧.୨: ସାରା ବିଶ୍ୱରେ ତ୍ରୁଟିପୂର୍ଣ୍ଣ ସୂଚନା ବିରୋଧୀ କାର୍ଯ୍ୟକ୍ରମ

୨୦୧୮ ମାର୍ଚ୍ଚ ମାସର ମଧ୍ୟଭାଗରେ ଏକ ୟୁରୋପୀୟ କମିଶନର ଉଚ୍ଚସ୍ତରୀୟ ଗୋଷ୍ଠୀ ତ୍ରୁଟିପୂର୍ଣ୍ଣ ସୂଚନାର ଶେଷ ରିପୋର୍ଟ ପ୍ରକାଶ କରିଥିଲେ। କିଛି ସପ୍ତାହ ଧରି ସମଗ୍ର ବିଶ୍ୱର ଅନେକ ବିଶେଷଜ୍ଞମାନଙ୍କଠାରୁ ମତାମତକୁ ଏକାଠି କରିବା ୟୁରୋପୀୟ ସଂଘକୁ ଭୂଲ ସୂଚନା ସମ୍ପର୍କରେ କ'ଣ କରାଯାଇପାରିବ, ତାହା ଚିହ୍ନଟ କରିବାରେ ସାହାଯ୍ୟ କରିଥିଲା।

ୟୁରୋପ୍‌ରେ କ୍ରମବର୍ଦ୍ଧିଷ୍ଣୁ ତ୍ରୁଟିପୂର୍ଣ୍ଣ ସୂଚନା ସମସ୍ୟାର ସମାଧାନ କରିବା ପାଇଁ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ)କୁ ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ନଭେମ୍ବର ୨୦୧୭ରେ ଘୋଷିତ ଉଚ୍ଚ-ସ୍ତରୀୟ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସେମାନଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ସାରା ବିଶ୍ୱରେ ତ୍ରୁଟିପୂର୍ଣ୍ଣ ସୂଚନା ସମସ୍ୟା ସମାଧାନ କରିବା ନିମନ୍ତେ ଏକ ଅନ୍ତର୍ଭୁକ୍ତି/ସମାବେଶୀ, ସହଯୋଗମୂଳକ ଆଭିମୁଖ୍ୟ ବହନ କରିଛି।

ବ୍ରାଜିଲ୍‌ରୁ ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ବିସ୍ତାର କରି, ଏହି ପ୍ରୟାସ ମୁକ୍ତ ବକ୍ତବ୍ୟର ନିଶ୍ଚିତତାର ଉଲ୍ଲଙ୍ଘନ ଏବଂ ବାରମ୍ବାର ଅନିଶ୍ଚିତତାର ଶିକାର ହେବା ଉପରେ ପ୍ରଶ୍ନ ଉଠାଇଥାଏ। ଗୋଳମାଳିଆ କରାଯାଇଥିବା ମିଥ୍ୟା ଖବରର ପରିଭାଷା, ଯାହାର ଆପେକ୍ଷିକ ବ୍ୟାପକତା ଉପରେ ବର୍ତ୍ତମାନ ମଧ୍ୟ ଅଧ୍ୟୟନ କରାଯାଉଛି, କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ କରିବା କ୍ଷେତ୍ରରେ ସରକାରଙ୍କର ସାମର୍ଥ୍ୟରେ ବାଧା ସୃଷ୍ଟି କରୁଛି।

କାଉନ୍‌ସିଲ୍ ଅଫ ୟୁରୋପ ରିପୋର୍ଟରେ ବିସ୍ତୃତ ଭାବରେ ବର୍ଣ୍ଣିତ ଏହି ଦ୍ୱନ୍ଦ୍ୱର ମୂଳରେ ଯାହାକୁ ବ୍ୟାପକ ଭାବରେ ଅନ୍‌ଲାଇନ୍ ତ୍ରୁଟିପୂର୍ଣ୍ଣ ସୂଚନା ନାମରେ ଆଖ୍ୟାୟିତ କରାଯାଇପାରିବ, ତା ବିରୁଦ୍ଧରେ ଆଇନ୍‌ଗତ ପଦକ୍ଷେପ ନେବାକୁ ବିଦ୍ୟମାନ/ପ୍ରଚଳିତ ଉଦ୍ୟମଗୁଡ଼ିକ ନିମନ୍ତେ ଏକ ମାର୍ଗଦର୍ଶିକା ସୃଷ୍ଟି କରାଯାଇଥିଲା। ଏଥିରେ ଥିବା ସମସ୍ତ ଆଇନ୍ ନିର୍ଦ୍ଦିଷ୍ଟ ଭାବରେ ଭୁଲ୍ ସୂଚନା ସମ୍ପର୍କିତ ହୋଇନଥିବା ବେଳେ ସେଗୁଡ଼ିକ ସବୁ ପ୍ରାୟତଃ ସେହି ବିସ୍ତୃତ ଆଲୋଚନାର ପରିସରଭୁକ୍ତ ହୋଇଆସିଛି। ଆମେମାନେ ବିଭିନ୍ନ ପ୍ରକାରର ହସ୍ତକ୍ଷେପକୁ ଯେତେଦୂର ସମ୍ଭବ ସ୍ପଷ୍ଟ ଭାବରେ ଛାପ ଦେବା ପାଇଁ ଉଦ୍ୟମ କରିଛୁ।

## ଅଷ୍ଟ୍ରେଲିଆ

ନିଆଯାଇଥିବା ପଦକ୍ଷେପ: ସରକାରୀ ଟାସ୍କ୍ ଫୋର୍ସ ଏବଂ ଗଣାମଧ୍ୟମ ସାକ୍ଷରତା ଅଭିଯାନ

ଜୁନ୍ ୨୦୧୮ରେ, ଅଷ୍ଟ୍ରେଲିଆରେ ଆଗକୁ ହେବାକୁ ଥିବା ନିର୍ବାଚନକୁ ଲକ୍ଷ୍ୟ କରି ସମ୍ଭାବ୍ୟ ସାଇବର ଆକ୍ରମଣ ଏବଂ ବିଦେଶୀ ପ୍ରଭାବଶାଳୀ ଅଭିଯାନକୁ ଚିହ୍ନଟ କରିବା ପାଇଁ ସରକାର ଚାରୋଟି ୟୁନିଟ୍ (ଏକକ) ଏକ ଟାସ୍କ୍ ଫୋର୍ସ ଗଠନ କରିଥିଲେ। ଇଲେକ୍ଟୋରାଲ ଇଣ୍ଟେଗ୍ରିଟି ଆସ୍ୟୁରାନ୍ସ ଟାସ୍କ ଫୋର୍ସ ଗୃହ ବ୍ୟାପାର ମନ୍ତ୍ରଣାଳୟ ନେତୃତ୍ୱରେ ଚାଲୁଥିଲା ଏବଂ ଏହି ସମୟରେ ଗୋଇନ୍ଦା ଗୋଷ୍ଠୀ ପକ୍ଷରୁ ଅଷ୍ଟ୍ରେଲିଆରେ ବିଦେଶୀ ହସ୍ତକ୍ଷେପ ସମ୍ପର୍କରେ ଚେତାବନୀ ପ୍ରଦାନ କରାଯାଇଥିଲା, ଯାହାକୁ ସ୍ୱତନ୍ତ୍ର ପ୍ରସାରଣ ସେବା ରିପୋର୍ଟ କରିଥିଲା। ୨୦୧୯ ମସିହା ଫେବୃଆରୀ ମାସରେ ଏବିସି ଦ୍ୱାରା କରାଯାଇଥିବା ଅନୁସନ୍ଧାନରେ ଏହା ପ୍ରକାଶିତ ହୋଇଥିଲା ଯେ ଅଷ୍ଟ୍ରେଲୀୟ ନିର୍ବାଚନ କମିଶନ ଟ୍ୱିଟର ଏବଂ ଫେସବୁକ୍‌କୁ ବିଜ୍ଞପ୍ତି ଜାରି କରିଥିଲେ ଯେ ସେମାନଙ୍କୁ ତାଙ୍କ ପ୍ଲାଟଫର୍ମରେ ବେଆଇନ ବିଜ୍ଞାପନ କିପରି ପ୍ରସାରିତ ନହେବ, ସେ ସମ୍ପର୍କିତ ଅଧିସୂଚନା/ ବିଜ୍ଞପ୍ତିର ଅନୁପାଳନ କରିବାକୁ ହେବ। (ଅଷ୍ଟ୍ରେଲିଆରେ, ରାଜନୈତିକ ବିଜ୍ଞାପନ ଲେଖକ ଏବଂ ପାଣ୍ଠି ଦେଉଥିବା ଲୋକମାନଙ୍କୁ ସ୍ୱଚ୍ଛ କରିବା ପାଇଁ ଆବଶ୍ୟକ ହୋଇଥାଏ। ଏଇସି ପ୍ରସିଦ୍ଧ ସାମାଜିକ ଗଣମାଧ୍ୟମଗୁଡ଼ିକୁ ମଧ୍ୟ ଯଦି ସେମାନେ ଏହାକୁ ପାଳନ ନକରନ୍ତି, କୋର୍ଟକୁ ଟାଣିବେ ବୋଲି ଧମକ ଦେଇଥିଲେ। ଏପ୍ରିଲ୍‌ରେ ସେମାନେ ମତଦାତାମାନଙ୍କୁ ସେମାନଙ୍କର ସୂଚନାର ଆଲୋକ ମେ' ମାସରେ ହେବାକୁ ଯାଉଥିବା ସଂଘୀୟ ନିର୍ବାଚନ ପ୍ରତି ଧ୍ୟାନ ଦେବା ପାଇଁ ଏକ ଅଭିଯାନ, 'ଅଟକି ଯାଅ ଏବଂ ବିଚାର କର' ଆରମ୍ଭ କରିଥିଲେ।

## ବାହାରିନ୍

ନିଆଯାଇଥିବା ପଦକ୍ଷେପ: ଗିରଫଦାରୀ

ମେ' ୨୦୧୯ରେ ବାହାରିନ୍‌ରେ ଜଣେ ଓକିଲ, ସାମାଜିକ ଗଣମାଧ୍ୟମରେ 'ମିଥ୍ୟା ଖବର ପ୍ରକାଶ କରିଥିଲେ, ଯାହା ସାର୍ବଜନୀକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇ ପାରିଥାନ୍ତା।' ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ କରିଥିଲା ଯେ ପ୍ରସିକ୍ୟୁଟରମାନେ ଓକିଲଙ୍କର ପୂର୍ବ ଟୁଇଟ୍‌କୁ ଉଦ୍ଧାର କରିଥିଲେ, ଯେଉଁଥିରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଥିଲା ଯାହା ତାଙ୍କ ଗିରଫ ହେବାର ପ୍ରାଥମିକ କାରଣ ଥିଲା। ଫ୍ରିଡମ୍ ହାଉସ୍ ବାହାରିନ୍‌ର ପ୍ରେସକୁ 'ମୁକ୍ତ ନୁହେଁ' ବୋଲି ମୂଲ୍ୟାଙ୍କିତ କରିଛି।

**ବାଂଲାଦେଶ**

ନିଆଯାଇଥିବା ପଦକ୍ଷେପ: ଆଇନ୍ ଏବଂ ଗିରଫଦାରୀ

ପ୍ରଚାର ଏବଂ ଗଣମାଧ୍ୟମ ନିୟମ ଉପରେ ଏହା ଗୁରୁତ୍ୱ ଦେଇଛି। ଅକ୍ଟୋବର ୨୦୧୮ରେ ବାଂଲାଦେଶ ସରକାର ଏକ ବିଲ୍ ପାସ୍ କରିଥିଲେ, ଯାହା ଅନୁସାରେ ୧୯୭୧ ଯୁଦ୍ଧ, ଯେଉଁଥିରେ ଦେଶ ପାକିସ୍ତାନଠାରୁ ଯୁଦ୍ଧରେ ବିଜୟ ଲାଭ କରିଥିଲା, ସେ ସମ୍ପର୍କିତ 'ପ୍ରଚାର'କୁ ସମ୍ପ୍ରସାରିତ କଲେ ଲୋକମାନଙ୍କୁ ଗିରଫ କରାଯାଉଥିଲା। ଏହା ମଧ୍ୟ ଆକ୍ରମକ ଏବଂ ଭୟ ସୃଷ୍ଟିକାରୀ ବିଷୟବସ୍ତୁ ପ୍ରକାଶ କରିବା ଉପରେ ନିଷେଧାଦେଶ ଜାରି କରିଛି।

ଦି ଇକୋନୋମିଷ୍ଟ ରିର୍ପୋଟ କରିଥିଲା ଯେ, ସାମ୍ବାଦିକମାନେ ଚିନ୍ତା ବ୍ୟକ୍ତ କରିଥିଲେ। ଏକ ଛାତ୍ର ବିକ୍ଷୋଭକୁ ସମର୍ଥନ କରି କହିବା ପରେ ଅଗଷ୍ଟ ମାସରେ ଜଣେ ଫଟୋଗ୍ରାଫର 'ମିଥ୍ୟା ସୂଚନା ସମ୍ପ୍ରସାରଣ' କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଫ୍ରିଡମ୍ ହାଉସ ଅନୁସାରେ ସେ ସରକାରଙ୍କ ବିରୋଧରେ ମିଥ୍ୟା ଖବର ପ୍ରସାରିତ କରିବା ଯୋଗୁଁ ୭ ବର୍ଷ ଜେଲ୍ ଦଣ୍ଡ ଭୋଗିଥିଲେ, ଯେଉଁ ଆଇନ୍‌କୁ ପୂର୍ବରୁ ମଧ୍ୟ ପ୍ରୟୋଗ କରି ଡଜନେରୁ ଅଧିକ ସାମାଜିକ ଗଣମାଧ୍ୟମକୁ ଅଟକ ରଖାଯାଇଥିଲା।

ଜାନୁଆରୀ ମାସରେ, ୨୨ ଜଣ ଲୋକ ପୂର୍ବ ଦୁଇ ମାସରେ ସାଇବର ଅପରାଧ ଅଭିଯୋଗରେ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅବଶ୍ୟ ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ର ବିରୋଧୀ ଗୁଜବ ସୃଷ୍ଟି କରି ସରକାରୀ ନେତାମାନଙ୍କର ମିଥ୍ୟା ଫଟୋ ପ୍ରକାଶ କରି ଜେଲ୍ ଯାଇଥିଲେ। ବାଂଲାଦେଶ ସରକାର ନିଜେ ଅନ୍‌ଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରକାଶ କରିବା କ୍ଷେତ୍ରରେ ଜଣାଶୁଣା। ଫେସବୁକ୍ ଏବଂ ଟ୍ୱିଟର ଫେକ୍ ଆକାଉଣ୍ଟ୍ ଏବଂ ପେଜ୍ (ପୃଷ୍ଠା)କୁ ହଟେଇ ଦେଇଥିଲେ, ଯେଉଁଗୁଡ଼ିକ ଏକ ନିର୍ବାଚନ ପୂର୍ବରୁ ରାଷ୍ଟ୍ରର ଅବସ୍ଥା ସମ୍ପର୍କିତ ଥିଲେ।

**ବେଲଜିୟମ୍**

ନିଆଯାଇଥିବା ପଦକ୍ଷେପ: ବିଶେଷଜ୍ଞ ଗୋଷ୍ଠୀ ଏବଂ ଗଣମାଧ୍ୟମ ସାକ୍ଷରତା ଅଭିଯାନ

୨୦୧୮ ମସିହାର ମେ' ମାସର ଆରମ୍ଭରେ ବେଲଜିୟମ୍‌ର ଡିଜିଟାଲ ଏଜେଣ୍ଡା (କାର୍ଯ୍ୟସୂଚୀ) ବିଭାଗର ମନ୍ତ୍ରୀ ଅନ୍‌ଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନାର ସମ୍ପ୍ରସାରଣକୁ କମ୍ କରିବା ଲକ୍ଷ୍ୟ ନେଇ ଦୁଇଟି ଉପକ୍ରମ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରଥମଟି ହେଉଛି, ସରକାର ୨୦୧୮, ଜୁନ୍ ୨୫ ତାରିଖ ସୁଦ୍ଧା ସମ୍ଭାବିତ ସମାଧାନ ନିମନ୍ତେ ସାମ୍ବାଦିକ ଏବଂ ବିଦ୍ୱାନମାନଙ୍କୁ ନେଇ ଏକ ବିଶେଷଜ୍ଞ ଦଳ ଗଠନ କରିଥିଲେ। ଦ୍ୱିତୀୟରେ, ସରକାର ଲୋକମାନଙ୍କୁ ତ୍ରୁଟିପୂର୍ଣ୍ଣ ସୂଚନା ସମ୍ପର୍କରେ ଜଣେଇବା ପାଇଁ ଏକ ୱେବ୍‌ସାଇଟ୍ ଆରମ୍ଭ କରିଥିଲେ ଏବଂ ସରକାରଙ୍କଠାରୁ ସମାଧାନ ନିମନ୍ତେ ସମର୍ଥନକାରୀ ଭୋଟ୍ ଏବଂ ବିରୋଧକାରୀ ଭୋଟ୍‌ର ଏକ

ରେଡିଟ୍ ଷ୍ଟାଇଲ୍‌କୁ ଲାଗୁ କରିଥିଲେ। ବ୍ରସେଲ୍ସରେ ମେ' ୧୭ ତାରିଖରେ ମଧ୍ୟ ଏକ ସାର୍ବଜନୀନ ତର୍କ ଅନୁଷ୍ଠିତ ହୋଇଥିଲା।

**କାମ୍ବୋଡିଆ**

ନିଆଯାଇଥିବା ପଦକ୍ଷେପ: ନିୟମ ଏବଂ ରାଷ୍ଟ୍ରୀୟ ପ୍ରସାରଣ

୨୦୧୮ ଜୁଲାଇରେ ଦେଶର ବିଳମ୍ବିତ ନିର୍ବାଚନ ସପ୍ତାହଗୁଡ଼ିକରେ ନେତୃତ୍ୱ ନେଉଥିବା ତ୍ରୁଟିପୂର୍ଣ୍ଣ ସୂଚନା ଉପରେ କାମ୍ବୋଡିଆ କାର୍ଯ୍ୟାନୁଷ୍ଠାନକୁ ବ୍ୟାପକ କରିଥିଲା। ମେ' ମାସରେ ସରକାର ଏକ ପଦକ୍ଷେପକୁ ପାସ୍ କରି ଦେଇଥିଲେ (ଅନୁମୋଦନ କରିଥିଲେ), ଯେ ଯଦି କୌଣସି ଜିନିଷ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି, ତାହାକୁ ବ୍ଲକ୍ (ନିଷେଧ) କରିଦିଆଯିବ। ଏହି ନିୟମର ନୂତନ ସମ୍ପ୍ରସାରଣ ହେଉଛି, ଏଥିପାଇଁ ଦୁଇ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିପାରେ ଏବଂ ମିଥ୍ୟା ଖବର ପ୍ରକାଶ କରିବା ଅପରାଧରେ ୧୦୦୦ ଡଲାର ଜୋରିମାନା ଲାଗିପାରେ। ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ସୂଚନାକୁ ନେଇ ସମ୍ଭାବ୍ୟ ଉଲ୍ଲଙ୍ଘନ ଉପରେ ନଜର ରଖିବା ପାଇଁ ତିନିଟି ମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯାଇଥିଲା ବୋଲି 'ଦି ଗାର୍ଡିଆନ୍' ରିପୋର୍ଟରେ ପ୍ରକାଶ କରିଥିଲା। କିନ୍ତୁ ସରକାର ମିଥ୍ୟା ଖବରର ବ୍ୟାଖ୍ୟା କିପରି କରିଥାନ୍ତି, ତାହା ଏବେ ବି ଅସ୍ପଷ୍ଟ।

**କାନାଡା**

ନିଆଯାଇଥିବା ପଦକ୍ଷେପ: ଗଣମାଧ୍ୟମ ସାକ୍ଷରତା ଅଭିଯାନ, ସରକାରୀ ଟାସ୍କଫୋର୍ସ

କାନାଡା ସରକାର ଜାନୁଆରୀ ୨୦୧୯ରେ ଆଗାମୀ ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ସୂଚନାର ପ୍ରବାହକୁ ରୋକିବା ପାଇଁ ଏକ ବହୁମୁଖୀ ପ୍ରୟାସ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରଥମତଃ ସିଟିଭି ରିପୋର୍ଟ କରିଥିଲା ଯେ, ସରକାର ଏକ 'କ୍ରିଟିକାଲ ଇଲେକସନ ଇନସିଡେଣ୍ଟ୍ ପ୍ରୋଟୋକଲ' ସୃଷ୍ଟି କରିଥିଲେ ଯାହା ତ୍ରୁଟିପୂର୍ଣ୍ଣ ସୂଚନା ପ୍ରଦାନର ପ୍ରଚେଷ୍ଟା ସମ୍ପର୍କରେ ଅନ୍ୟାନ୍ୟ ଏଜେନ୍ସି ଏବଂ ଜନସାଧାରଣଙ୍କୁ ଜଣେଇବ ଏବଂ ତାହା ଉପରେ ନଜର ରଖିବ। ସେହି ଟାସ୍କ ଫୋର୍ସ ପାଞ୍ଚ-ଜଣିଆ ଅଣ-ରାଜନୈତିକ ଅଧିକାରୀଙ୍କ ନେତୃତ୍ୱରେ ହେବ ଏବଂ ବିଦେଶ ବ୍ୟାପାର ମନ୍ତ୍ରଣାଳୟ ବିଭାଗ ଭିତରେ ଏକ ଦ୍ରୁତ ପ୍ରତିକ୍ରିୟାତ୍ମକ କାର୍ଯ୍ୟକଳାପ ରୂପେ ଅତିରିକ୍ତ କାର୍ଯ୍ୟ କରିବ। ଦ୍ୱିତୀୟତଃ ସରକାର ଆଗକୁ ଆସୁଥିବା ନିର୍ବାଚନକୁ ଆଖିରେ ରଖି ତ୍ରୁଟିପୂର୍ଣ୍ଣ ତଥ୍ୟ ବିରୋଧରେ ଲଢ଼େଇ ଅଧିକ ଜାରି ରଖିବାକୁ ସାମାଜିକ ପ୍ଲାଟଫର୍ମକୁ ଆହ୍ୱାନ ଦେଇଥିଲେ। ଏହି ପରିବର୍ତ୍ତନ (ଗତିଶୀଳତା) ବିଲ୍ ସି-୭୨ରେ ଏକାଠି ହୋଇଆସିଲା। ଏହି କାନୁନ୍ ବ୍ୟବସ୍ଥା ପ୍ରଯୁକ୍ତି କମ୍ପାନୀ ଗୁଡ଼ିକୁ ସେମାନଙ୍କ ତ୍ରୁଟିପୂର୍ଣ୍ଣ ସୂଚନା ବିରୋଧୀ ନିୟମ ଏବଂ ବିଜ୍ଞାପନ ନିୟମକୁ ଅଧିକ ସ୍ୱଚ୍ଛ କରିବାକୁ ବାଧ୍ୟ କରିଦେଲା। ତୃତୀୟତଃ, କାନାଡା ଅନ୍‌ଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନା ସମ୍ପର୍କରେ ଜନ ସଚେତନତାକୁ ବୃଦ୍ଧି କରିବା ପାଇଁ ୭ ମିଲିୟନ ଡଲାରର ଏକ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲା।

ତା'ପରେ ମେ' ମାସରେ ଦେଶ ତା'ର ଡିଜିଟାଲ ଚାର୍ଟର ସମ୍ପର୍କରେ ଘୋଷଣା କରିଥିଲା, ଯାହା କହେ ଯେ, 'କାନାଡା ସରକାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ରକ୍ଷା କରିବେ, ଅନ୍‌ଲାଇନ୍ ବିପଦ ଏବଂ ନିର୍ବାଚନର ଗଣତାନ୍ତ୍ରିକ ଅନୁଷ୍ଠାନର ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା ପାଇଁ ପରିକଳ୍ପିତ ତ୍ରୁଟିପୂର୍ଣ୍ଣ ସୂଚନାରୁ ରକ୍ଷା କରିବେ।' ଷୋହଳଟି ସରକାରୀ ସଂସ୍ଥା ଏବଂ ଆଠଟି ସଂସ୍ଥା ଚାର୍ଟରରେ ଦସ୍ତଖତ କରିଥିଲେ।

ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡେ କହିଥିଲେ ଯେ ଏହା ମିଥ୍ୟା ଖବରକୁ ଏବଂ ଘୃଣିତ ବକ୍ତବ୍ୟକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଥିଲା ଏବଂ ତ୍ରୁଟିପୂର୍ଣ୍ଣ ସୂଚନାକୁ ବ୍ୟାପକ କରିବା ନିମନ୍ତେ ଅନୁମତି ଦେବାରେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମର ଭୂମିକା ଉତ୍ତରଦାୟୀ ବୋଲି ଧରି ନେବାକୁ ଏହା ପ୍ରସ୍ତୁତ କରାଯାଇଥିଲା। ଟ୍ରୁଡେ ଆହୁରି ମଧ୍ୟ କହିଥିଲେ ଯେ ଯେଉଁ ପ୍ରଯୁକ୍ତି କମ୍ପାନୀମାନେ ନିୟମ ପାଳନ କରିବେ ନାହିଁ, ସେମାନଙ୍କ ନିମନ୍ତେ ଆର୍ଥିକ କ୍ଷତିପୂରଣ ଲାଗୁ ହେବ, କିନ୍ତୁ ଏହି ଚାର୍ଟର କିପରି ଜୋରିମାନା ଲାଗୁ ହେବ, ତାହାକୁ ଉଲ୍ଲେଖ କରିନଥିଲା କି ଏକ ମିଥ୍ୟା ଖବରର ସଂଜ୍ଞାର ଗୁଣବତ୍ତା କ'ଣ ହେବ ଉଲ୍ଲେଖ କରିନଥିଲା।

**ଚାଇନା**

ନିଆଯାଇଥିବା ପଦକ୍ଷେପ: ଆଇନ୍ ଏବଂ ଅନଲାଇନ୍ ରିପୋର୍ଟିଂ ପୋର୍ଟାଲ

ଯେତେବେଳେ ତ୍ରୁଟିପୂର୍ଣ୍ଣ ସୂଚନାର କଥା ଆସେ, ଚାଇନାର ନିୟମଗୁଡ଼ିକ ବହୁତ କଠୋର ହୋଇଥାଏ। ୨୦୧୬ରେ ଅର୍ଥନୈତିକ ଏବଂ ସାମାଜିକ ଧାରାକୁ ଦୁର୍ବଳ କରିବା ଭଳି ଗୁଜବ ସୃଷ୍ଟି କଲେ କିମ୍ବା ସମ୍ପ୍ରସାରିତ କଲେ ତାହାକୁ ଅପରାଧୀକରଣ କରାଯିବା ନେଇ ବିଦେଶ ନୀତି ପ୍ରକାଶ କରିଥିଲା। ୨୦୧୭ରେ ଅନ୍ୟ ଏକ ନିୟମ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ପଞ୍ଜୀକୃତ ସମ୍ବାଦ ମାଧ୍ୟମର ସମ୍ବାଦ ପ୍ରବନ୍ଧର ଲିଙ୍କ୍‌କୁ ଆଣି ଏକକ ଭାବେ ପୁନଃପ୍ରକାଶ କରିବା ପାଇଁ ଆବଶ୍ୟକ କଲା। ଏହି ବର୍ଷ ଅଧିକାରୀମାନେ ଆଉ ପାଦେ ଆଗେଇ ଯାଇଥିଲେ ଏବଂ ଆଲୋକପାତ କରିବା ପାଇଁ ମାଇକ୍ରୋ ବ୍ଲଗିଂ ସାଇଟ୍ ଆବଶ୍ୟକ କରିଥିଲେ ଏବଂ ସେମାନଙ୍କ ପ୍ଲାଟଫର୍ମରେ ଗୁଜବକୁ ଖଣ୍ଡନ କରିଥିଲେ। ଅଗଷ୍ଟ ୨୦୧୮ର ଉତ୍ତରାର୍ଦ୍ଧରେ ଚାଇନା ଅଧିକାରୀମାନେ ଏକ ଆପ୍ ଛାଡ଼ିଥିଲେ, ଯାହା ସମ୍ଭାବ୍ୟ ମିଥ୍ୟାଚାର ସମ୍ପର୍କରେ ଲୋକମାନଙ୍କୁ ସୂଚୀତ କରିଥାଏ।

ରଏଟର୍ ରିପୋର୍ଟ କରିଥିଲା ଯେ ଏହି ଆପ୍ ସ୍ୱୟଂଚାଳିତ ଭାବେ ଗୁଜବକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୌଦ୍ଧିକତାର ମଧ୍ୟ ଲାଭ ଉଠାଇଥିଲା, ଯାହାର ୱେଇବୋ ଏବଂ ୱିଚାର୍ଟ ପ୍ଲାଟଫର୍ମରେ ଆକାଉଣ୍ଟ ରହିଥିଲା, ଯାହା ରାଷ୍ଟ୍ରର ମାଲିକାନାରେ ଥିବା ଗଣମାଧ୍ୟମର ରିପୋର୍ଟକୁ ପ୍ରସାରିତ କରିଥାଏ।

### କ୍ରୋଏସିଆ

ନିଆଯାଇଥିବା ପଦକ୍ଷେପ : ବିଲ୍

ଜର୍ମାନୀକୁ ଅନୁସରଣ କରି ସେହି ସମାନ ପ୍ରୟାସ କ୍ରୋଏସିଆ କରିଥିଲା। କ୍ରୋଏସିଆ ସରକାର ୨୦୧୮ ଜାନୁଆରୀରେ ଘୋଷଣା କରିଥିଲେ ଯେ ତାଙ୍କ ସରକାର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଘୃଣିତ ବକ୍ତବ୍ୟ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାର ସମ୍ପ୍ରସାରଣ ରୋକିବା ଉପରେ କାର୍ଯ୍ୟ କରୁଛନ୍ତି। ଏହି ବିଲ୍‌ର ପ୍ରାଥମିକ ଲକ୍ଷ୍ୟ ଥିଲା ଫେସବୁକ୍, ଯାହା ପ୍ରାଥମିକତାର ସହିତ ନାଗରିକମାନଙ୍କୁ ତ୍ରୁଟିପୂର୍ଣ୍ଣ ସୂଚନାର ସମ୍ପ୍ରସାରଣ ମଞ୍ଜୁରୀକୁ ବିରୋଧ କରିବାକୁ ଶିକ୍ଷା ଦେବା ନିମନ୍ତେ ପ୍ରୟାସ କରୁଥିଲା। ସତ୍ୟ ହେଉଛି –ଯାଞ୍ଚକାରୀମାନେ ବିଶେଷତା ଉପରେ ଅଧିକ ନିଶ୍ଚିତ ନଥିଲେ, ବିଶେଷଜ୍ଞମାନେ କହିଲେ ଏମିତି ଲାଗୁଛି ଯେମିତି ୟୁରୋପରେ ନିୟମ ପ୍ରସ୍ତୁତକାରୀଙ୍କ ପାଇଁ ଘୃଣିତ ବକ୍ତବ୍ୟ ଏକ ଅଧିକ ପ୍ରାକୃତିକ କ୍ଷେତ୍ରର ନିୟମ। ଏହି ଡ୍ରାଫ୍ଟ ବିଲ୍ ଡିଜିଟାଲ ସୋସାଇଟିର ସେଣ୍ଟ୍ରାଲ ଷ୍ଟେଟ୍ ଅଫିସ୍‌ର ଏକ କାର୍ଯ୍ୟକାରୀ ଗୋଷ୍ଠୀର ଉତ୍ପାଦ ଥିଲା, ଯାହା ଘୃଣିତ ବକ୍ତବ୍ୟ ହିଂସା ପାଇଁ ଜନସାଧାରଣଙ୍କୁ ଉସୁକାଇବା ଏବଂ ମିଥ୍ୟା ଖବରର ସମ୍ପ୍ରସାରଣ କରିବା ଇତ୍ୟାଦି ଗୋଟିଏ ନିୟମ ଭିତରେ ଆସିବା ଉଚିତ୍ (କେବଳ ପ୍ରଥମ ଦୁଇଟି ଅପରାଧ ସଂହିତା ଭିତରେ ରହିଥିଲା) ଏହି କାନୁନ୍ ବ୍ୟବସ୍ଥା ଜୁନ୍ ୨୦୧୮ ସୁଦ୍ଧା ପ୍ରକାଶିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା।

### ଡେନମାର୍କ

ନିଆଯାଇଥିବା ପଦକ୍ଷେପ: ଟାସ୍କଫୋର୍ସ, ଗଣମାଧ୍ୟମ ସାକ୍ଷରତା ଅଭିଯାନ ଏବଂ ସରକାରୀ କାର୍ଯ୍ୟ ଖସଡ଼ା

ତ୍ରୁଟିପୂର୍ଣ୍ଣ ସୂଚନା ବିରୋଧରେ ଲଢ଼େଇରେ ସ୍ୱିଡେନ୍‌ର ପ୍ଲେବୁକ୍‌ରେ ଏକ ପୃଷ୍ଠା ଅଧିକାର କରିଥିଲା। ଡେନିସ୍ ସରକାର ତ୍ରୁଟିପୂର୍ଣ୍ଣ ସୂଚନାକୁ ସମ୍ବୋଧିତ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ସେପ୍ଟେମ୍ବର ୨୦୧୭ରେ ଗଠିତ ହୋଇଥିବା ଗୋଷ୍ଠୀ, ଅଧିକ ବ୍ୟାପକ ତ୍ରୁଟିପୂର୍ଣ୍ଣ ସୂଚନା ଅଭିଯାନ ଏବଂ ବିଦେଶୀ ଅଣସୂଚନା ଆକ୍ରମଣ ପ୍ରତି ବିକଶିତ ପ୍ରତିକ୍ରିୟା ପାଇଁ ଦାୟୀ ହୋଇଥାନ୍ତି। ଅନ୍‌ଲାଇନ୍‌ରେ ନୂଆ ନୂଆ ତ୍ରୁଟିପୂର୍ଣ୍ଣ ସୂଚନାକୁ ଆବିଷ୍କାର କରିବା ପାଇଁ, ବିଦେଶ ବ୍ୟାପାର ମନ୍ତ୍ରଣାଳୟ ଭିତରେ ଏକ ଟାସ୍କଫୋର୍ସ ଗଠନ କରାଗଲା।

ଡେନିସ୍‌ଙ୍କ ଅଧିକାରୀମାନେ ସ୍ୱିଡେନ୍‌ଠାରୁ ଶିଖିଥିବା କିଛି ଗଣମାଧ୍ୟମ ସାକ୍ଷରତା ସାମଗ୍ରୀକୁ ପୁନଃଉଦ୍ଦେଶ୍ୟପୂର୍ଣ୍ଣ ବ୍ୟବହାର କରି ତ୍ରୁଟିପୂର୍ଣ୍ଣ ସୂଚନାର ସମସ୍ୟାରୁ ବାହାରିବା ପାଇଁ ସେମାନଙ୍କର ପ୍ରୟାସକୁ ଅଧିକ ଶକ୍ତିଶାଳୀ କରିଥିଲେ। କିପରି ତ୍ରୁଟିପୂର୍ଣ୍ଣ ସୂଚନାର ଭ୍ରମରୁ ନିଜକୁ ଦୂରେଇ ରଖିବ, ସେ ସମ୍ପର୍କିତ ବିଭିନ୍ନ ଟିପ୍‌ସ୍/ ଉପାୟ ଦେଇ ସରକାରଙ୍କ ପକ୍ଷରୁ ବ୍ରୋଚର ବଣ୍ଟନ କରାଯାଇଥିଲା। ପରିଶେଷରେ, ଡେନମାର୍କ ସରକାର ୨୦୧୯ ମେ' ମାସର ସଂସଦୀୟ ନିର୍ବାଚନରେ ବିଦେଶୀ ହସ୍ତକ୍ଷେପକୁ ଏଡ଼ାଇବାକୁ ଏକ ଯୋଜନା କରିଥିଲେ। ନିଆଯାଇଥିବା ପଦକ୍ଷେପ ମଧ୍ୟରେ ପୁଲିସ୍ ଇଣ୍ଟେଲିଜେନ୍ସ ସର୍ଭିସ (ପୁଲିସ୍ ଗୁଇନ୍ଦା ସେବା) ଏବଂ ଡିଫେନ୍ସ

ଇଣ୍ଟେଲିଜେନ୍ସ ସର୍ଭିସ (ପ୍ରତିରକ୍ଷା ଗୁଇନ୍ଦା ସେବା)କୁ ସୁଦୃଢ଼ କରିବା ତଥା ଗଣମାଧ୍ୟମ କମ୍ପାନୀ ଏବଂ ରାଜନୈତିକ ଦଳ ସହିତ ଘନିଷ୍ଠ ବାର୍ତ୍ତାଳାପ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ।

**ଇଜିପ୍ଟ**

ନିଆଯାଇଥିବା ପଦକ୍ଷେପ: ଆଇନ୍ ଏବଂ ଗିରଫଦାରୀ

ତ୍ରୁଟିପୂର୍ଣ୍ଣ ସୂଚନାକୁ କମ୍ କରିବା ପାଇଁ ଇଜିପ୍ଟର ସରକାର ବର୍ତ୍ତମାନ ଯେଉଁ ସାମାଜିକ ମାଧ୍ୟମ ଆକାଉଣ୍ଟକୁ ଅଧିକ ଲୋକ ଅନୁସରଣ କରୁଛନ୍ତି, ତାହାକୁ ନିୟନ୍ତ୍ରିତ କରୁଛି। ଏହି ନିୟମ, ଯାହା ୨୦୧୮ ମସିହା ଜୁଲାଇ ମଧ୍ୟଭାଗରେ ପାସ୍ ହୋଇଥିଲା, ତାହା ଅନୁସାରେ ଫେସବୁକ୍ ଏବଂ ଟ୍ୱିଟର ଭଳି ସାମାଜିକ ମାଧ୍ୟମ ସାଇଟ୍‌ରେ ଯେଉଁ ଆକାଉଣ୍ଟ୍ କିମ୍ବା ବ୍ଲଗ୍‌ରେ ୫୦୦୦ରୁ ଅଧିକ ଅନୁସରଣକାରୀ ଅଛନ୍ତି, ସେଗୁଡ଼ିକୁ ଗଣମାଧ୍ୟମ ସଂସ୍ଥା ଭଳି ବ୍ୟବହାର କରାଯିବ- ଦେଶରେ ଆଗରୁ ରହିଥିବା ନିୟମ ଅନୁସାରେ 'ମିଥ୍ୟା ଖବର' ପ୍ରକାଶ କଲେ ମୋକଦ୍ଦମା କରାଯାଇପାରେ। ଗଣମାଧ୍ୟମ ପ୍ରଶାସନ ପାଇଁ ସୁପ୍ରିମ୍ କାଉନସିଲ୍ ବିଧାନ ପ୍ରବର୍ତ୍ତନର ଦେଖାରଖା କରିଥାଏ।

ଅତିରିକ୍ତ ଭାବେ ଯେଉଁମାନେ ମିଥ୍ୟା ସୂଚନା ପ୍ରକାଶ କରିଥାନ୍ତି, ସେମାନଙ୍କୁ ଦଣ୍ଡିତ କରିବା ପାଇଁ ଏହି ନିୟମ ଅନୁସାରେ ୱେବସାଇଟ୍‌ଗୁଡ଼ିକ ସୁପ୍ରିମ୍ କାଉନସିଲ୍‌ଠାରୁ ଏକ ଅନୁମୋଦନ ପତ୍ର ହାସଲ କରିବା ଦରକାର କିମ୍ବା ସେମାନଙ୍କୁ ନିଲମ୍ବନ, ଜୋରିମାନା କିମ୍ବା ସମ୍ପୂର୍ଣ୍ଣ ବନ୍ଦକରିଦିଆଯାଇଥାଏ। କାନୁନ୍ ବ୍ୟବସ୍ଥା ଯାହା 'ଭ୍ରମାତ୍ମକ ସୂଚନା'ର ବ୍ୟାଖ୍ୟା କରିନାହିଁ, ଏହାକୁ ସାମ୍ବାଦିକ ଏବଂ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କ ସହିତ ଯୋଗଯୋଗ କରିବା ପରେ ଅନୁମୋଦନ ଦିଆଯାଇଥାଏ ବୋଲି ରଏଟର ରିର୍ପୋଟ କରିଥିଲା। ଯେତେବେଳେ ରାଷ୍ଟ୍ରପତି ଅବଦେଲ୍ ଫତେହ୍ ଅଲ୍-ସିସିଙ୍କ ସମର୍ଥକମାନେ କହିଛନ୍ତି ଯେ ନୂଆ ନିୟମ ଅଭିବ୍ୟକ୍ତି ସ୍ୱାଧୀନତାର ନିୟମକୁ ସୁରକ୍ଷା ଦେଇଥାଏ, କିନ୍ତୁ ଆଲୋଚକମାନଙ୍କ ମତରେ ସାମ୍ବାଦିକଙ୍କ ପୁଅ 'ମିଥ୍ୟା ଖବର'କୁ ପ୍ରକାଶ କରିବା ଅପରାଧରେ ଜେଲ୍ ଦଣ୍ଡାଦେଶ ଦେବା କ୍ଷେତ୍ରରେ ଇଜିପ୍ଟର ବିଶେଷ ଆଗ୍ରହ ଏହା ସୂଚୀତ କରିଥାଏ ଯେ ଏହା କେବଳ ମାତ୍ର ଏକ ଗଣମାଧ୍ୟମ ସେନ୍‌ସରସିପ୍ ରଣନୀତି। ଫ୍ରିଡମ୍ ହାଉସ୍ ଅନୁସାରେ ଏହି ରାଷ୍ଟ୍ରରେ ପ୍ରେସ୍‌ର ସ୍ୱାଧୀନତା ନାହିଁ।

ସେପ୍ଟେମ୍ବର ମାସରେ ସରକାରଙ୍କ ପକ୍ଷରୁ 'ମିଥ୍ୟା ଖବର' ଅଭିଯୋଗରେ ଲୋକମାନଙ୍କୁ ଗିରଫ କରିବା ଆରମ୍ଭ କରାଗଲା। ଜଣେ ମାନବାଧିକାର କର୍ମୀ ଦେଶରେ ଯୌନ ଶୋଷଣରେ ସରକାରଙ୍କର ଭୂମିକାକୁ ସମାଲୋଚନା କରି ଏକ ଭିଡିଓ ପୋଷ୍ଟ କରି ଦୁଇ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିଲେ ବୋଲି ବିବିସି ରିପୋର୍ଟ କରିଥିଲା। ଅକ୍ଟୋବର ମାସରେ ସେହିଭଳି ସମାନ ମାମଲାରେ ମଧ୍ୟ ଜଣେ ଗିରଫ ହୋଇଥିଲେ। ସେ ତାଙ୍କ ପୁସ୍ତକରେ ଇଜିପ୍ଟର ଅର୍ଥନୈତିକ ନିୟମକୁ ଆହ୍ୱାନ ଦେଇଥିଲେ। ଏପରିକି ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ମୋର୍ସିଙ୍କର ପୁଅ ମଧ୍ୟ ମିଥ୍ୟା ଖବର ଆଇନ୍ ଆଧାରରେ ଅଟକ ରହିଥିଲେ।

ଡିସେମ୍ବରରେ, ସିପିଜେ ସାମ୍ବାଦିକମାନଙ୍କୁ ଜେଲ୍‌ଦଣ୍ଡର ବାର୍ଷିକ ଜନଗଣନା ଆଧାରରେ ଜାଣିବାକୁ ପାଇଥିଲେ ଯେ ବିଶ୍ୱରେ ଏ କ୍ଷେତ୍ରରେ ଇଜିପ୍ଟ ମିଥ୍ୟା ସୂଚନା ଅଭିଯୋଗରେ ୧୯ ଜଣଙ୍କୁ ଅଟକ ରଖିଛି। ସିପିଜେ ଏହି ଗିରଫଦାରୀକୁ ‘ଦମନର ତାଜା ତରଙ୍ଗ’ ବୋଲି କହିଥିଲେ ଏବଂ ସେଠାରେ ସାମ୍ବାଦିକମାନେ ଗିରଫ ଭୟରେ ସେମାନଙ୍କର କାର୍ଯ୍ୟ କରିବାକୁ ଭୟ କରୁଛନ୍ତି ବୋଲି କହିଥିଲେ। ମାର୍ଚ୍ଚ ୨୦୧୯ରେ ଇଜିପ୍ଟ ସରକାର ଗଣମାଧ୍ୟମ ଉପରେ ଏହାର ନିୟମକୁ କଡ଼ାକଡ଼ି କରିଥିଲେ। ସର୍ବୋଚ୍ଚ ଗଣମାଧ୍ୟମ ନିୟାମକ ପରିଷଦ ବର୍ତ୍ତମାନ ୫୦୦୦ ଅନୁସରଣକାରୀ ଥିବା ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ମିଥ୍ୟା ସୂଚନା ଆଧାରରେ ବ୍ଲକ୍ (ନିଷେଧ) କରିଦେଇପାରିବେ ଏବଂ ବିନା କୋର୍ଟ ନିର୍ଦ୍ଦେଶରେ ୨୫୦,୦୦୦ ଇଜିପ୍ଟ ପାଉଣ୍ଡ ପର୍ଯ୍ୟନ୍ତ ଅତି କଠୋର ଜୋରିମାନାର ଦଣ୍ଡ ଦେଇ ପାରିବେ ବୋଲି ନିୟମ ଲାଗୁ ହୋଇଥିଲା। ଯେଉଁ ସମ୍ବାଦ ସଂସ୍ଥା ଏହି ନିୟମକୁ ପାଳନ କରିବ ନାହିଁ, ତାହା ୨,୯୮,୦୦୦ ଡଲାର ପର୍ଯ୍ୟନ୍ତ ଜୋରିମାନା ଦେବ।

## ଫ୍ରାନ୍ସ

ନିଆଯାଇଥିବା ପଦକ୍ଷେପ: ଆଇନ୍

ଜାନୁଆରୀ ୨୦୧୮, ପ୍ରାରମ୍ଭିକ ପର୍ଯ୍ୟାୟରେ, ରାଷ୍ଟ୍ରପତି ମାକ୍ରୋନ୍ ସାମ୍ବାଦିକମାନଙ୍କୁ କହିଥିଲେ ଯେ ସେ ନିର୍ବାଚନ ସମୟରେ ସମ୍ପ୍ରସାରିତ ହେଉଥିବା ତ୍ରୁଟିପୂର୍ଣ୍ଣ ସୂଚନାକୁ ପ୍ରତିହତ କରିବା ପାଇଁ ଏକ ନୂତନ ନିୟମ ଉପସ୍ଥାପିତ କରିବାକୁ ଯାଉଛନ୍ତି। ଏହି ନିୟମ, ଯାହା ନଭେମ୍ବର ମାସରେ ଅନୁମୋଦିତ ହେଲା, ‘ତ୍ରୁଟିପୂର୍ଣ୍ଣ ସମ୍ବାଦ’ର ସଂଜ୍ଞାର ବ୍ୟାଖ୍ୟା କରିଥିଲା- ନିରାଧାର ଆରୋପ କିମ୍ବା ଖବର ଯାହା ଏକ ଭୋଟର ସତ୍ୟତାକୁ ପରିବର୍ତ୍ତନର ଲକ୍ଷ୍ୟ ନେଇ ସତ୍ୟକୁ ମିଥ୍ୟା ଭାବେ ପ୍ରକାଶ କରିଥାଏ।’ ଏହା ନିର୍ବାଚନ ପ୍ରଚାର ଅଭିଯାନ ସମୟରେ, ଅଧିକ ବିଶେଷ ଭାବରେ ଭୋଟ୍ ଅନୁଷ୍ଠିତ ହେବାର ପୂର୍ବ ତିନି ମାସରେ ଗଣମାଧ୍ୟମକୁ ଆଇନ୍ କାନୁନ୍‌ର ସୀମା ଭିତରେ ରଖିବା ପାଇଁ ପ୍ରସ୍ତୁତ କରାଯାଇଥିଲା।

କାନୁନ୍ ବ୍ୟବସ୍ଥା ନିର୍ବାଚନର ତିନିମାସ ପୂର୍ବର ସମୟ ସୀମା ମଧ୍ୟରେ ସାମାଜିକ ମାଧ୍ୟମରେ ସମ୍ପ୍ରସାରିତ ହେଉଥିବା ତ୍ରୁଟିପୂର୍ଣ୍ଣ ବିଷୟବସ୍ତୁକୁ ହଟେଇ ଦେବା ପାଇଁ ଅଧିକାରୀମାନଙ୍କୁ କ୍ଷମତା ଦେଇଥିଲା ଏବଂ ଏପରିକି ଯେଉଁ ସାଇଟ୍ ଏହାକୁ ପ୍ରକାଶିତ କରିଛି, ତାହାକୁ ବ୍ଲକ୍ (ବନ୍ଦ) କରିବା ପାଇଁ ପ୍ରାୟୋଜିତ ବିଷୟବସ୍ତୁରେ ଅଧିକ ଆର୍ଥିକ ସ୍ୱଚ୍ଛତା ପାଇଁ କ୍ଷମତା ଦେଇଥିଲା। ୧୮୮୧ରେ ଏକ ନିୟମ ଯାହା ‘ମିଥ୍ୟା ଖବର’ ପ୍ରସାରଣକୁ ଅପରାଧିକ ବୋଲି ଦର୍ଶାଇଥିଲା, ତାହା ଉପରେ ପ୍ରସ୍ତୁତ କରାଯାଇଥିଲା। ଏହି ନିୟମ ତିନିଟି ପ୍ରମୁଖ ପ୍ରାବଧାନକୁ ଧାରଣ କରିଥାଏ। ପ୍ରଥମତଃ, ଜଣେ ବିଚାରପତି ଆନୁପାତିକ ଭାବେ କାର୍ଯ୍ୟ କରିବା ପାଇଁ ଅଧିକୃତ ହୋଇଛନ୍ତି, କିନ୍ତୁ ଯେ କୌଣସି ଉପାୟରେ ନିର୍ବାଚନ ପୂର୍ବରୁ ତ୍ରୁଟିପୂର୍ଣ୍ଣ ସୂଚନାର ପ୍ରସାରଣକୁ ରୋକିପାରିବେ।

କାର୍ଯ୍ୟ କରିବା ନିମନ୍ତେ ନ୍ୟାୟାଧୀଶଙ୍କ ପାଇଁ, ରାଜନୈତିକ ଗୋଷ୍ଠୀ, ସରକାରୀ ଅଧିକାରୀ କିମ୍ବା ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଆବେଦନ ନିଶ୍ଚିତ ରୂପେ ଦାୟର/ଦରଜ ହେବା ଆବଶ୍ୟକ। ନ୍ୟାୟାଧୀଶ ବିଜ୍ଞପ୍ତିର ୪୮ ଘଣ୍ଟା ବିଳମ୍ବରେ କାର୍ଯ୍ୟ କରିଥାନ୍ତି।

ଦ୍ୱିତୀୟରେ ଫେସବୁକ୍, ଟ୍ୱିଟର ଏବଂ ୟୁଟ୍ୟୁବ୍ ମଧ୍ୟରେ କିଏ ପ୍ରାୟୋଜିତ ବିଷୟବସ୍ତୁ କିମ୍ବା ପ୍ରଚାର ଅଭିଯାନର ବିଜ୍ଞାପନକୁ କ୍ରୟ କଲେ କିମ୍ବା କେତେ ମୂଲ୍ୟରେ କ୍ରୟ କଲେ, ତାହା ମଧ୍ୟ ପ୍ରକାଶିତ କରିବା ଆବଶ୍ୟକ। ଆମେରିକାର ଅନେଷ୍ଟ ଆଡସ୍ ଲେଜିସଲେସନ୍ ଯିଏ ଟିଭି ଏବଂ ରେଡିଓ ଷ୍ଟେସନ୍‌ରୁ ସାମାଜିକ ମାଧ୍ୟମ ପର୍ଯ୍ୟନ୍ତ ପ୍ରଚଳିତ ମାନକ ଲାଗୁ କରିଥାନ୍ତି, ସେହି ଉପାଦାନଗୁଡ଼ିକ ତାହାର ଏକ ପୃଷ୍ଠା ନେଇଛି।

ପରିଶେଷରେ, ପ୍ରସାରଣ ନିୟାମକ ହାୟର ଅଡିଓ ଭିଜୁଆଲ୍ କାଉନସିଲ୍ (ସିଏସ୍‌ଏ)କୁ ଏହି ନିୟମ ନୂତନ ପ୍ରଶାସନିକ ଏବଂ କାର୍ଯ୍ୟକାରୀ କ୍ଷମତା ଦେଇଛି ଯାହା ଦ୍ୱାରା ଏହି ପ୍ଲାଟଫର୍ମ ନିୟମରେ ବନ୍ଧା ହୋଇରହିବ। ପ୍ଲାଟଫର୍ମମାନଙ୍କ ଦ୍ୱାରା ନିଆଯାଉଥିବା ପ୍ରଭାବଶାଳୀ ପଦକ୍ଷେପ ସମ୍ପର୍କରେ ଏହା ଏକ ନିୟମିତ ରିପୋର୍ଟ ପ୍ରକାଶିତ କରିବ। ଅତିରିକ୍ତ ଭାବେ ଟେଲିଭିଜନ୍ ଏବଂ ରେଡିଓ ସଂସ୍ଥାକୁ ଫ୍ରାନ୍ସର ସୀମା ଭିତରେ ପରିଚାଳନା କରିବା ପାଇଁ ଯେଉଁ ପ୍ରସାରଣ ଅଧିକାର ଦିଆଯାଇଛି, ଯାହା ଫଳରେ ଟେଲିଭିଜନ୍ ସଂସ୍ଥା ଏବଂ ରେଡିଓ ଷ୍ଟେସନଗୁଡ଼ିକ ବିଦେଶୀ ରାଷ୍ଟ୍ରର ପ୍ରଭାବରେ କିମ୍ବା ନିୟନ୍ତ୍ରଣରେ ରହୁଛନ୍ତି ଏବଂ ତ୍ରୁଟିପୂର୍ଣ୍ଣ ସୂଚନାକୁ ସମ୍ପ୍ରସାରିତ କରୁଛନ୍ତି, ତାହାକୁ ସିଏସ୍‌ଏ ବର୍ତ୍ତମାନ ଏକତରଫା ଭାବେ ରଦ୍ଦ କରି ଦେଇପାରିବେ।

ଫ୍ରାନ୍ସର ସାମ୍ବିଧାନିକ ପରିଷଦ ଏହି ନିୟମ ଉପରେ ନିଜର ମତାମତ ମେ' ୪,୨୦୧୮ରେ ପ୍ରକାଶିତ କରିଥିଲେ, ପାର୍ଲାମେଣ୍ଟରେ ସାଂସ୍କୃତିକ ବ୍ୟାପାର ମନ୍ତ୍ରଣାଳୟ ଏହା ଉପରେ ତର୍କ କରିଥିଲେ ଏବଂ ମିଥ୍ୟା ଖବର ପ୍ରତିବଦଳରେ ସୂଚନାକୁ ଏପଟସେପଟ କରିବା ଲକ୍ଷ୍ୟ ନେଇ ଏଥିରେ ସଂଶୋଧନ କରିଥିଲେ। କହିବାକୁ ଗଲେ, ଏହି ପରିବର୍ତ୍ତିତ ନିୟମ ଦଣ୍ଡ ପାଇବାରୁ ରକ୍ଷା କଲା।

ଫ୍ରାନ୍ସର ନିୟମ ପ୍ରସ୍ତୁତକର୍ତ୍ତାମାନେ ପ୍ରସ୍ତାବିତ ନିୟମ ଉପରେ ଜୁନ୍ ୭ରେ ତର୍କ କରିଥିଲେ ଏବଂ ଏହାକୁ ଜୁଲାଇର ପ୍ରାରମ୍ଭିକ ପର୍ଯ୍ୟାୟରେ ପାସ୍ କରିଦେଲେ। ନିର୍ବାଚନ ସମୟରେ କାନୁନ୍ ବ୍ୟବସ୍ଥା ପ୍ରାର୍ଥୀମାନଙ୍କୁ ବିବାଦୀୟ ଖବର, ରିପୋର୍ଟ କରାଯାଇଥିବା ରାଜନୀତିକ କାହାଣୀକୁ ହଟାଇବା ପାଇଁ ମାମଲା ରୁଜୁ କରିପାରିବେ ଏବଂ ପ୍ରଯୁକ୍ତି ପ୍ଲାଟଫର୍ମ ପ୍ରାୟୋଜିତ ବିଷୟବସ୍ତୁ ନିମନ୍ତେ ପାଣ୍ଠି ଉତ୍ସ ସମ୍ପର୍କରେ ପ୍ରକାଶ କରିବ। କିନ୍ତୁ ଏହି ନିୟମକୁ ପୁସ୍ –ବ୍ୟାକ୍ (ବିରୋଧ)ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫ୍ରେଞ୍ଚ ରିପବ୍ଲିକାନ୍ ପାର୍ଟି (ଏଲ୍‌ଆର୍) ଏବଂ ସେଣ୍ଟ୍ରିଷ୍ଟ ୟୁନିଅନ୍ ଗ୍ରୁପ୍ ଏହି ନିୟମ ବିରୁଦ୍ଧରେ ସାମ୍ବିଧାନିକ କୋର୍ଟ ନିକଟରେ ଅଭିଯୋଗ କରିଥିଲେ, ଏହିଭଳି କଥା ୟୁରୋପରେ ପ୍ରଥମ ଥର ପାଇଁ ହୋଇଥିଲା।

ବିରୋଧୀ ଦଳର ନିୟମ ପ୍ରସ୍ତୁତକର୍ତ୍ତା ଯୁକ୍ତି ବାଢ଼ିଥିଲେ ଯେ ଏହି ନିୟମ ଆନୁପାତିକ ନ୍ୟାୟର ନିୟମକୁ ଲାଗୁ କରିବାରେ ବିଫଳ ରହିଛି, ଯାହା ୨୦ ମିନିଟ୍‌ର ସମୟ ଅବଧି ରିପୋର୍ଟରେ ପ୍ରସାରିତ ହୋଇଥିଲା।

ଡିସେମ୍ବର ମାସରେ ଏହି ନିୟମ ସାମ୍ବିଧାନିକ ପରିଷଦ (କନଷ୍ଟିଚ୍ୟୁସନାଲ କାଉନସିଲ୍) ଦ୍ୱାରା ମାନ୍ୟତା ଲାଭ କରିଥିଲା ଏବଂ ଏହାର ତିନି ଦିନ ପରେ ନିୟମ ଭାବେ କାର୍ଯ୍ୟକାରୀ ହୋଇଥିଲା ଏବଂ ତାହା ପରଠାରୁ ଏହାର କିଛି ରୋଚକ ଫଳାଫଳ ମିଳିଥିଲା। ଏପ୍ରିଲ୍ ୨୦୧୯ରେ ଫ୍ରାନ୍ସର ନିୟମ ଅନୁଯାୟୀ ବିଜ୍ଞାପନର ସ୍ୱଚ୍ଛତା ମାନକକୁ ଉଲ୍ଲଙ୍ଘନ କରୁଥିବାରୁ ଟ୍ୱିଟରକୁ ସରକାରୀ ପ୍ରାୟୋଜିତ ଭୋଟ୍ ପ୍ରଚାର ଅଭିଯାନକୁ ନିଷେଧ କରାଯାଇଥିଲା।

**ଜର୍ମାନୀ**

ନିଆଯାଇଥିବା ପଦକ୍ଷେପ: ଆଇନ୍

ଘୃଣ୍ୟ ବକ୍ତବ୍ୟ ଉପରେ ଜର୍ମାନୀ ମଧ୍ୟ ଗୁରୁତ୍ୱ ଦେଇଛି। ଫେସବୁକ୍‌ରେ ଘୃଣିତ ବକ୍ତବ୍ୟ ପ୍ରକାଶ ବିରୋଧରେ ଜର୍ମାନୀର ନିୟମ ୨୦୧୮, ଜାନୁଆରୀ ୧ରୁ ଲାଗୁ ହୋଇଥିଲା, ଯାହା ସମ୍ଭବତଃ ସବୁଠାରୁ ଅଧିକ ସଫଳ ଥିଲା- କିନ୍ତୁ ଯାହା ପ୍ରାୟତଃ ଭୁଲ୍ ବୁଝାମଣାର ଶିକାର ହୋଇ ସମ୍ଭାବ୍ୟ କ୍ଷତିକାରକ ବିଷୟବସ୍ତୁକୁ ଅନ୍‌ଲାଇନ୍‌ରେ ଛାଡ଼ିବାର ପ୍ରୟାସ କରିଥିଲା।

ଏହି ନିୟମ, ଯାହାର ନାମ ଥିଲା ନେଜ୍‌ଓ୍ୱେର୍କ୍‌ଡର୍ଚ୍ଚସେଜଙ୍ଗସ୍‌ଗେସେଜ୍ (ନେଟ୍‌ଜ ଡିଜି) ଅନଲାଇନ୍ ପ୍ଲାଟଫର୍ମକୁ 'ସ୍ପଷ୍ଟ ରୂପରେ ଅବୈଧ' ପ୍ରକାଶନଗୁଡ଼ିକୁ ୨୪ ଘଣ୍ଟା ଭିତରେ ହଟେଇଦେବା ପାଇଁ ବାଧ୍ୟ କରୁଥିଲା କିମ୍ବା ୫୦ ମିଲିୟନ୍ ୟୁରୋ ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଜୋରିମାନା ଲାଗୁ କରୁଥିଲା। ସାମାଜିକ ଗଣମାଧ୍ୟମ, ଯଥା ଫେସବୁକ୍, ୟୁଟ୍ୟୁବ୍ ଏବଂ ଟ୍ୱିଟରର ୨ମିଲିୟନ୍ ସଦସ୍ୟମାନଙ୍କୁ ଲକ୍ଷ୍ୟ ରଖି ଏହି ନିୟମ ଜୁନ୍ ୨୦୧୭ରେ ଅନୁମୋଦିତ ହେଲା ଏବଂ ବର୍ଷ ଶେଷ ଆଡ଼କୁ ନିୟମ ହେବାକୁ ପ୍ରସ୍ତୁତ ହେଲା। ଏହି ନିୟମ ଲାଗୁ ହେବାର ମୁଖ୍ୟ କାରଣ ଥିଲା ଅନଲାଇନ୍‌ରେ ଆପତ୍ତିଜନକ ବିଷୟବସ୍ତୁକୁ ହଟେଇ ଦେବା ପାଇଁ ବନ୍ଦେଷ୍ଟାଗ୍‌ଙ୍କର ଇଚ୍ଛା, କିନ୍ତୁ ଏହା ପ୍ରବର୍ତ୍ତନ କରିବା ବହୁତ କଷ୍ଟସାଧ୍ୟ ଥିଲା।

ଏକ ବ୍ୟଙ୍ଗାତ୍ମକ ପତ୍ରିକା, ଟାଇଟାନିକ୍‌ରେ ପ୍ରକାଶିତ ଏକ ଅପମାନଜନକ ଖବର ଟ୍ୱିଟର ଦ୍ୱାରା ନିଷେଧ କରାଯାଇଥିଲା ଏବଂ ଏପରିକି ଆଇନ୍ ମନ୍ତ୍ରୀ, ଯିଏ ନେଟ୍‌ଜ ଡିଜି ଲେଖିବାରେ ସାହାଯ୍ୟ କରିଥିଲେ, ତାଙ୍କର ଟ୍ୱିଟ୍‌କୁ ମଧ୍ୟ କାଣ୍ଟଛାଟ (ସେନ୍‌ସର୍) କରିଦେଇଥିଲେ।

୨୦୧୮ ମସିହା ମାର୍ଚ୍ଚ ମାସର ପ୍ରାରମ୍ଭରେ ଅଧିକାରୀମାନେ ଏହି ନିୟମରେ ଅତ୍ୟଧିକ ବିଷୟବସ୍ତୁ ରହିଛି ଯାହାକୁ ନିଷେଧ କରାଯିବା ଆବଶ୍ୟକ ବୋଲି ସମାଲୋଚନା କରାଯିବା ପରେ, ଏହାର ଆଧାରରେ ଏହାକୁ ପରିବର୍ତ୍ତନ କରିବା ଉପରେ ବିଚାର କରିଥିଲେ। ସେହି ପରିବର୍ତ୍ତନଗୁଡ଼ିକ ଭିତରେ ଭୁଲବଶତଃ ଡିଲିଟ୍ ହୋଇଯାଇଥିବା ବିଷୟବସ୍ତୁକୁ ପୁଣିଥରେ ସଂରକ୍ଷିତ କରିବା ପାଇଁ ଅନୁମତି ପ୍ରଦାନ ତଥା ଆପତ୍ତିଜନକ

ପ୍ରକାଶନ ଉପରେ ପୁନଃବିଚାର କରିବା ପାଇଁ ସ୍ୱାଧୀନ ସଂସ୍ଥା ଗଠନ କରିବା ପାଇଁ ଚାପ ଦେବା ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

**ଇଣ୍ଡୋନେସିଆ**

ନିଆଯାଇଥିବା ପଦକ୍ଷେପ: ସରକାରୀ କାର୍ଯ୍ୟବଳ (ଟାସ୍କଫୋର୍ସ) ଗିରଫଦାରୀ ଏବଂ ସାଇଟ୍ ଉପରେ ନଜର ରଖିବା

୨୦୧୮ ମସିହା ଜାନୁଆରୀ ମାସରେ ଇଣ୍ଡୋନେସିଆର ରାଷ୍ଟ୍ରପତି ନୂତନ କରି ଗଠିତ ହୋଇଥିବା ନ୍ୟାସନାଲ୍ ସାଇବର ଆଣ୍ଡ ଏନ୍‌କ୍ରିପସନ୍ ଏଜେନ୍ସିର ଜଣେ ମୁଖ୍ୟଙ୍କୁ ନିଯୁକ୍ତି ଦେଇଥିଲେ । ଏହି ଏଜେନ୍ସି ଗୁଇନ୍ଦା ସଂସ୍ଥାକୁ ସାହାଯ୍ୟ କରିବା ପାଇଁ ଏବଂ ଗ୍ରୀଷ୍ମ ଋତୁରେ ହେବାକୁ ଥିବା ଜାତୀୟ ସ୍ତରରେ ଆଞ୍ଚଳିକ ନିର୍ବାଚନ ସାରା ଦେଶରେ ଅନଲାଇନ୍ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ଅପପ୍ରଚାର ବିରୁଦ୍ଧରେ ଲଢ଼େଇ କରିବା ନିମନ୍ତେ କାନୁନ୍ ପ୍ରବର୍ତ୍ତନର ପ୍ରୟାସ କରାଯାଇଥିଲା ।

ଜାକର୍ତ୍ତା ପୋଷ୍ଟ ରିପୋର୍ଟ କରିଥିଲା ଯେ ସାମାଜିକ ଗଣମାଧ୍ୟମ କମ୍ପାନୀ ମଧ୍ୟ ମିଥ୍ୟା ବିଷୟବସ୍ତୁକୁ ନିଷେଧ କରିବା ପାଇଁ, ହଟେଇ ଦେବା ପାଇଁ, ତଥା ପର୍ଣ୍ଣୋଗ୍ରାଫି ଭଳି ଅବୈଧ ମାଧ୍ୟମକୁ ନିଷେଧ କରିବା ପାଇଁ ସରକାରଙ୍କ ସହିତ କାର୍ଯ୍ୟ କରୁଛନ୍ତି । ଜାନୁଆରୀ ମାସର ଦ୍ୱିତୀୟ ଭାଗରେ ସରକାର ମଧ୍ୟ ଏକ ଉପକରଣକୁ ମୁତୟନ କରିଥିଲେ ଯାହା ସ୍ୱୟଂଚାଳିତ ଉପାୟରେ ଯେଉଁ ସାଇଟ୍‌ଗୁଡ଼ିକ ତ୍ରୁଟିପୂର୍ଣ୍ଣ ଖବର ପ୍ରକାଶିତ କରୁଥିଲେ ତାକୁ ଟ୍ରାକ୍ କରୁଥିଲା ଏବଂ ସେ ସମ୍ପର୍କରେ ରିପୋର୍ଟ କରୁଥିବାର ଅଭିଯୋଗ ହୋଇଥିଲା ।

ଅକ୍ଟୋବର ମାସରେ ବ୍ଲୁମ୍‌ବର୍ଗ ରିପୋର୍ଟ କରିଥିଲା ଯେ, ଅନଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ଖବରକୁ ଚିହ୍ନଟ କରିବା ପ୍ରୟାସରେ ଇଣ୍ଡୋନେସିଆ ସରକାରଙ୍କର ଏକ ୭୦ ଜଣିଆ ଇଞ୍ଜିନିୟର ଗୋଷ୍ଠୀ ସାମାଜିକ ମାଧ୍ୟମ ଟ୍ରାଫିକ୍ ଉପରେ ଦିନରେ ୨୪ ଘଣ୍ଟା ନଜର ରଖିଛନ୍ତି । ତଥାକଥିତ 'ଯୁଦ୍ଧ କୋଠରୀ' ଯାହା ଯୋଗାଯୋଗ ମନ୍ତ୍ରଣାଳୟ ଭିତରେ ଅବସ୍ଥିତ, ତାହା ଏପ୍ରିଲ୍‌ରେ ହେବାକୁ ଥିବା ନିର୍ବାଚନ ପୂର୍ବର ମିଥ୍ୟା ଅପପ୍ରଚାରର ସମ୍ପ୍ରସାରଣକୁ ଉଚ୍ଛେଦ କରିବାର ଲକ୍ଷ୍ୟ ରଖିଥିଲା ଏବଂ ୨୦୦୮ର ଏକ ନିୟମ ଆଧାରରେ ଯେଉଁ ପ୍ରକାଶନ ମିଥ୍ୟା ଖବର ସମ୍ପ୍ରସାରିତ କରୁଛନ୍ତି, ତାହାକୁ ହଟେଇବା ପାଇଁ ଅଧିକାର ରଖିଥିଲା ।

ସରକାର ମଧ୍ୟ ତ୍ରୁଟିପୂର୍ଣ୍ଣ ସୂଚନା ବିରୋଧରେ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ନେଇଥିଲେ । ବ୍ଲୁମ୍‌ବର୍ଗର ଖବର ଅନୁସାରେ, ସରକାର ମଧ୍ୟ ଏକ ୱେବସାଇଟ୍ ସ୍ଥାପନ କରିଥିଲେ ଯେଉଁଠାରେ ଲୋକମାନେ ସମ୍ଭାବ୍ୟ ମିଥ୍ୟା ଖବରକୁ ରିପୋର୍ଟ କରିପାରିବେ ଏବଂ ଏହା ସତ୍ୟ କି ନୁହେଁ, ତାହା ଚିହ୍ନଟ କରିପାରିବେ । ସେପ୍ଟେମ୍ବର ମାସରେ ଯୋଗାଯୋଗ ମନ୍ତ୍ରଣାଳୟ ଘୋଷଣା କରିଥିଲା ଯେ ତ୍ରୁଟିପୂର୍ଣ୍ଣ ସୂଚନାକୁ ପର୍ଦ୍ଦାଫାଶ କରିବା ସମ୍ପର୍କରେ ଜଣେଇବା ପାଇଁ ସପ୍ତାହେ ସମୟ ଲାଗୁଥିଲା ଏବଂ ଏପ୍ରିଲ୍ ମାସରେ ଅଧିକାରୀ ଫେସବୁକ୍‌କୁ ଧମକ ଦେଇଥିଲେ ଯେ ଯଦି ଏହା ନିର୍ବାଚନ ପୂର୍ବରୁ କୌଣସି ତ୍ରୁଟିପୂର୍ଣ୍ଣ ସୂଚନା ପ୍ରକାଶନକୁ ରୋକିବାରେ ବିଫଳ ରହେ, ତା'ହେଲେ ଏହାକୁ ବନ୍ଦ କରିଦିଆଯିବ ।

ଇଣ୍ଡୋନେସିଆର ରାଷ୍ଟ୍ରୀୟ ପୁଲିସ୍ ସାମାଜିକ ମାଧ୍ୟମରେ ମିଥ୍ୟା ଖବର ସମ୍ପ୍ରସାରିତ କରୁଥିବା ଡଜନେରୁ ଅଧିକ ଲୋକଙ୍କୁ ଗିରଫ କରିଥିଲେ। ନିୟମ ଅନୁସାରେ ଏଥିପାଇଁ ସଜା ଅତି କମ୍‌ରେ ୪ ବର୍ଷର ଜେଲ୍ ଦଣ୍ଡ ଥିଲା। ୨୦୧୯ ମସିହା ମେ' ମାସରେ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ନିର୍ବାଚନ ପରେ ପାଖାପାଖି ସପ୍ତାହେ ଧରି ଚାଲିଥିବା ସଂଘଟିତ ହିଂସାତ୍ମକ ଦଙ୍ଗାକୁ ନେଇ ପ୍ରକାଶିତ କିଛି ସାମାଜିକ ମାଧ୍ୟମର ଲେଖା/ବିଷୟବସ୍ତୁକୁ ଇଣ୍ଡୋନେସିଆ ସରକାର ନିଷେଧ କରିଦେଇଥିଲେ। ଅପପ୍ରଚାର ସମ୍ପ୍ରସାରଣକୁ ରୋକିବା ପାଇଁ ଏବଂ ସାମାଜିକ ମାଧ୍ୟମ ନେଟ୍‌ୱାର୍କ୍ ମାଧ୍ୟମରେ ହିଂସାର ଆହ୍ୱାନକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ଏହା ଟ୍ୱିଟର, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ଏବଂ ହ୍ୱାଟସ୍‌ଆପ୍ ଭଳି ପ୍ଲାଟଫର୍ମରେ ଫଟୋ, ଭିଡିଓ ଇତ୍ୟାଦି ଲୋଡ କରିବା ଉପରେ ପ୍ରତିବନ୍ଧକ ଲଗାଇଥିଲା।

**ମାଲେସିଆ**

ନିଆଯାଇଥିବା ପଦକ୍ଷେପ: ଆଇନ୍

ଦକ୍ଷିଣ ପୂର୍ବାଞ୍ଚଳ ଏସୀୟ ରାଷ୍ଟ୍ର ଭାବରେ ତ୍ରୁଟିପୂର୍ଣ୍ଣ ସୂଚନାକୁ ଶେୟାର କରିବାକୁ ଅପରାଧ ବୋଲି ଘୋଷଣା କରିବାରେ ମାଲେସିଆ ପ୍ରଥମ ଥିଲା। ପାର୍ଲାମେଣ୍ଟର ଗୋଟିଏ ସଦନର ନିୟମ ପ୍ରଣୟନକାରୀମାନେ ଅଗଷ୍ଟ ମଧ୍ୟଭାଗରେ ମତଦାତାମାନେ ଶାସକ ଦଳକୁ ପଦଚ୍ୟୁତ କରିବା ପରେ ଏହି ଆଇନ୍ ବ୍ୟବସ୍ଥାକୁ ଲୋପ କରିବା ପାଇଁ ମତ ଦେଇଥିଲେ। ଗାର୍ଡିଆନ ଖବର ପ୍ରକାଶ କରିଥିଲା ଯେ, ଜଣେ ବରିଷ୍ଠ ଅଧିକାରୀ କହିଥିଲେ କି ପୁଲିସ୍‌କୁ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସଙ୍ଗକୁ ସମ୍ଭାଳିବା ପାଇଁ ନୂତନ କ୍ଷମତା ଦିଆଯାଇପାରେ। କିନ୍ତୁ ସେପ୍ଟେମ୍ବର ମଧ୍ୟଭାଗରେ ପ୍ରଧାନମନ୍ତ୍ରୀଙ୍କ ସରକାରର ବିରୋଧୀ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଏହି ନିୟମ ପୁନର୍ବାର ଆବେଦନ ବ୍ୟବସ୍ଥାକୁ ନିଷେଧ କରିଦେଇଥିଲେ। ମାଲେସିଆର ନୂଆ ପ୍ରଧାନମନ୍ତ୍ରୀ ୨୦୧୮ର ମେ' ମାସର ମଧ୍ୟଭାଗରେ ଏହି ନିୟମରେ ମିଥ୍ୟା ଖବରର ସ୍ପଷ୍ଟ ସଂଜ୍ଞା କରାଯିବା ସହିତ ଏହା ବଳବତ୍ତର ରହୁ ବୋଲି ଚାହୁଁଥିଲେ। ତଥାପି, ମେ' ୨୨ରେ ଦେଶର ନୂତନ ଯୋଗାଯୋଗ ଏବଂ ମଲ୍‌ଟିମିଡିଆ ମନ୍ତ୍ରୀ କହିଥିଲେ ଯେ ଏହି ନିୟମକୁ ଲୋପ କରାଯିବ। ଜୁନ୍ ମାସର ଉତ୍ତରାର୍ଦ୍ଧରେ ନୂତନ ସରକାର ଏହା ଆଶା କରିଥିଲା ଯେ ଗ୍ରୀଷ୍ମଋତୁ ସୁଦ୍ଧା ଏହାକୁ ଲୋପ/ଉଚ୍ଛେଦ କରାଯିବ।

ଏହି ନିୟମ ଅନୁସାରେ ମିଥ୍ୟା ଖବର ପ୍ରକାଶ କଲେ କିମ୍ବା ଶେୟାର କଲେ ଛଅ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୫୦୦,୦୦୦ ରିଙ୍ଗିଟ୍ (୧,୨୮,୦୦୦ ଡଲାର) ଦେବାକୁ ପଡ଼ିବ। ଏହା ମଧ୍ୟ ଅନ୍‌ଲାଇନ୍ ସେବା ପ୍ରଦାନକାରୀମାନଙ୍କୁ ତୃତୀୟ -ପକ୍ଷର ବିଷୟବସ୍ତୁ, ଯାହା ମାଲେସିଆ ଉପରେ ଖବର ସଂଗ୍ରହ/ପ୍ରକାଶ କରୁଥିବା ବିଦେଶୀ ଖବର ସଂସ୍ଥାକୁ ପ୍ରଭାବିତ କରିଥାଏ, ସେମାନଙ୍କୁ ଅଧିକ ଦାୟୀ କରିଥିଲା ଏବଂ ଯେ କୌଣସି ବ୍ୟକ୍ତି ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସାରଣ କରୁଥିବା ବ୍ୟକ୍ତି ବିରୋଧରେ ଅଭିଯୋଗ କରିପାରିବେ। ଫେସ୍‌ବୁକ୍ ଏବଂ ଗୁଗଲ ଭଳି ସାମାଜିକ ଗଣମାଧ୍ୟମ କମ୍ପାନୀର ପ୍ରତିନିଧିମାନେ ନିୟମ ଉପରେ

ସେମାନଙ୍କର ମତ ପ୍ରାପ୍ତ କରିବା ପାଇଁ ମାର୍ଚ୍ଚର ମଧ୍ୟଭାଗରେ କ୍ୱାଲାଲମ୍ପୁରର ନିୟମ ପ୍ରଣୟନକାରୀଙ୍କୁ ଭେଟିଥିଲେ।

ପୂର୍ବ ସରକାରର ବିରୋଧୀ 'ମିଥ୍ୟା ଖବର' ପାଇଁ ପ୍ରସ୍ତୁତ ସଂଜ୍ଞାକୁ ବିରୋଧ କରି ଯୁକ୍ତି କରିଥିଲେ- 'ଯେ କୌଣସି ଖବର, ତଥ୍ୟ ଏବଂ ରିପୋର୍ଟ ଯାହା ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ଭାବେ ମିଥ୍ୟା, ଏହା ଲେଖା ହେଉ, ଚିତ୍ର ହେଉ କିମ୍ବା ଶ୍ରାବ୍ୟ (ଅଡିଓ ରେକର୍ଡିଂ) ହେଉ କିମ୍ବା ଅନ୍ୟ ଯେ କୌଣସି ପ୍ରକାର ମାଧ୍ୟମରେ, ଯାହା ଶବ୍ଦ କିମ୍ବା ବିଚାରକୁ ପରାମର୍ଶ ଦେବାର ସାମର୍ଥ୍ୟ ରଖେ, ତାହା ହେଉଛି ତ୍ରୁଟିପୂର୍ଣ୍ଣ ଖବର ଯାହା ଅତ୍ୟଧିକ ଅସ୍ପଷ୍ଟ ଥିଲା ଏବଂ ଏହି ନିୟମ ଅଗଷ୍ଟ ନିର୍ବାଚନ ପୂର୍ବରୁ ମୁକ୍ତ ଅଭିବ୍ୟକ୍ତିର ଗଳାରୁଦ୍ଧ କରିବା ପାଇଁ ଏକ ପ୍ରୟାସ ଥିଲା।

୨୦୧୮ ମସିହା ଏପ୍ରିଲ୍‌ର ଉତ୍ତର ଭାଗରେ, ପ୍ରଥମ ବ୍ୟକ୍ତି ଭାବେ ଡେନମାର୍କର ଜଣେ ବ୍ୟକ୍ତି, ସାମାଜିକ ଗଣମାଧ୍ୟମରେ ପୁଲିସ୍‌ର ତ୍ରୁଟିପୂର୍ଣ୍ଣ /ଅଯଥାର୍ଥ ସମାଲୋଚନା କରି ଗିରଫ ହୋଇଥିଲେ। ସେ ଏକ ୟୁଟ୍ୟୁବ୍ ଭିଡିଓରେ ମାଲେସୀୟ ଅଧିକାରୀମାନଙ୍କୁ ୨୧ ଏପ୍ରିଲ୍‌ରେ ଘଟିଥିବା ଏକ ଗୁଳି ବିନିମୟ ଘଟଣା ଉପରେ ପ୍ରତିକ୍ରିୟା ପାଇଁ ୫୦ ମିନିଟ୍ ନେଇଥିବା ଅଭିଯୋଗ କରିଥିଲେ, ଯାହାକି ମାତ୍ର ୮ ମିନିଟ୍ ଥିଲା ବୋଲି ପୁଲିସ୍ କହିଥିଲା।

**ନେଦରଲ୍ୟାଣ୍ଡ**

ନିଆଯାଇଥିବା ପଦକ୍ଷେପ: ଜନସଚେତନତା କାର୍ଯ୍ୟକ୍ରମ

ଫେବୃଆରୀ ୨୦୧୯ରେ, ଡଚ୍ ସରକାର ଲୋକମାନଙ୍କୁ ଅନ୍‌ଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନାର ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେବା ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ, ଯାହା ୟୁରୋପୀୟ ସଂଘର ସଂସଦୀୟ ନିର୍ବାଚନର କିଛି ମାସ ପୂର୍ବରୁ କରାଗଲା, ତାହା ପ୍ରମୁଖ ଭାବେ ସାମାଜିକ ଗଣମାଧ୍ୟମରେ ଭର୍ତ୍ତି ହୋଇଯାଇଥିଲା।

**ପାକିସ୍ତାନ**

ନିଆଯାଇଥିବା ପଦକ୍ଷେପ: ସରକାରୀ ଟ୍ୱିଟର ଆକାଉଣ୍ଟ୍

୨୦୧୮ମସିହା ଅକ୍ଟୋବର ପ୍ରାରମ୍ଭିକ ପର୍ଯ୍ୟାୟରେ ପାକିସ୍ତାନ ସରକାର ଯେଉଁ ପ୍ଲାଟଫର୍ମରେ ତ୍ରୁଟିପୂର୍ଣ୍ଣ ସୂଚନା ନିୟମିତ ଭାବେ ପ୍ରଦର୍ଶିତ ହେଉଥିଲା, ତାହା ପଛରେ ପଡ଼ିଯାଇଥିଲେ, ଯେମିତି କି ଟ୍ୱିଟର। ଡନ୍ ପ୍ରକାଶ କରିଥିଲା ଯେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏକ ଆକାଉଣ୍ଟ ଆରମ୍ଭ କରିଥିଲା, ଯାହାର ନାମ ଫେକ୍ ନ୍ୟୁଜ୍ ବଷ୍ଟର ଯାହା ଅନଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ନକାରାତ୍ମକ ପ୍ରଚାରକୁ ମାଟିରେ ମିଶେଇ ଦେବା/ ତାହାର ପର୍ଦ୍ଦାଫାଶ କରିବା ପାଇଁ ଏକ ପ୍ରଚେଷ୍ଟା ଥିଲା।

ସୂଚନା ମନ୍ତ୍ରୀ ଫୱାଦ୍ ଚୌଧୁରୀ ଖବର ସଂସ୍ଥାଗୁଡ଼ିକୁ କହିଥିଲେ, ଯେଉଁମାନେ ତ୍ରୁଟିପୂର୍ଣ୍ଣ ଖବର ପ୍ରକାଶ କରିବେ, ସରକାର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**ସାଉଦି ଆରବ**

ନିଆଯାଇଥିବା ପଦକ୍ଷେପ: ସରକାରୀ ଧମକ

ୱାଶିଂଟନ୍ ପୋଷ୍ଟର ସ୍ତମ୍ଭକାର ଜମାଲ୍ ଖାସୋଗୀଙ୍କୁ ହତ୍ୟା କରାଯାଇଥିବା ସମ୍ପର୍କରେ ୨୦୧୮ ଅକ୍ଟୋବରରେ ପ୍ରକାଶ ପାଇବା ପରେ ସାଉଦି ଅଧିକାରୀମାନେ ଅନ୍‌ଲାଇନ୍‌ରେ ମିଥ୍ୟା ଖବର ପ୍ରକାଶିତ କରୁଥିବା ଲୋକମାନଙ୍କୁ ପାଞ୍ଚବର୍ଷର ଜେଲ୍ ଦଣ୍ଡ ଏବଂ ଅତ୍ୟଧିକ ଆର୍ଥିକ ଜୋରିମାନାର ଧମକ ଦେଇଥିଲେ। ଗିଜ୍‌ମୋଡୋ ଖବର ପ୍ରକାଶ କରିଥିଲା ଯେ ଅଧିକାରୀମାନେ ସାଇବର ଅପରାଧ ନିୟମର ଅନୁଚ୍ଛେଦ ୬ରୁ ଏହା ଉଦ୍ଧୃତ କରିଥିଲେ କି ସାର୍ବଜନୀକ ନିର୍ଦ୍ଦେଶ, ଧାର୍ମିକ ମୂଲ୍ୟବୋଧ, ସାର୍ବଜନିକ ନୈତିକତା ଏବଂ ଏକାନ୍ତତାକୁ ଭଙ୍ଗ କରିବା କାର୍ଯ୍ୟ ମଧ୍ୟ ଅପରାଧ।

**ଯୁକ୍ତରାଷ୍ଟ୍ର ଆମେରିକା**

ନିଆଯାଇଥିବା ପଦକ୍ଷେପ: ପ୍ରସ୍ତାବିତ ସଂଘୀୟ କାନୁନ୍, ପ୍ଲାଟଫର୍ମ, ଘୋଷଣା, ରାଷ୍ଟ୍ର ଗଣମାଧ୍ୟମ ସାକ୍ଷରତା ନିୟମ ବିପଦର ଆକଳନ, ରାଷ୍ଟ୍ର ଗଣମାଧ୍ୟମ ସାକ୍ଷରତା ପଦକ୍ଷେପ ଏବଂ ରାଷ୍ଟ୍ରର ମୋକଦ୍ଦମା ୨୦୧୬ ମସିହାରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରୁଷିଆର ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ଦଖଲର ଫଳ ସ୍ୱରୂପ ସଂଘୀୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଛୋଟ ଛୋଟ ପଦକ୍ଷେପ ନିଆଯାଇଥିଲା। ପ୍ରଥମେ କଂଗ୍ରେସ ୨୦୧୭ ମସିହା ଅକ୍ଟୋବର ମାସରେ ଏକ ବିଲ୍ ସମ୍ପର୍କରେ ଘୋଷଣା କରିଥିଲା, ଯାହା ଫେସ୍‌ବୁକ୍ ଏବଂ ଗୁଗଲ୍ ଭଳି ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକ ସେମାନଙ୍କ ବିଜ୍ଞାପନର କପି ରଖିବେ, ତାହାକୁ ସାର୍ବଜନୀନ କରିବେ ଏବଂ କିଏ କେତେ ପରିମାଣରେ ଅର୍ଥ ଦେଇଛନ୍ତି, ତାହାର ହିସାବ ରଖିବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲା। ଅନିବାର୍ଯ୍ୟ ରୂପରେ ଆଇନ୍ ବ୍ୟବସ୍ଥା ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ଉପରେ ପୂର୍ବରୁ ବିଦ୍ୟମାନ/ ପ୍ରଚଳିତ ବିଜ୍ଞାପନ ନିୟମକୁ ଲାଗୁ କରିବା ପାଇଁ ଚେଷ୍ଟା କରିଥିଲା।

ତା'ପରେ ନଭେମ୍ବର ୨୦୧୭ରେ ଫେସ୍‌ବୁକ୍, ଟ୍ୱିଟର ଏବଂ ଗୁଗ୍‌ଲ ଏକ ସିନେଟ୍ ଜୁଡିସିଆରୀ/ବିଚାର ବିଭାଗୀୟ କମିଟି ନିକଟରେ ନିର୍ବାଚନ ସମୟରେ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସାରଣ ସମ୍ପର୍କରେ ସେମାନଙ୍କର ଭୂମିକା ବିଷୟରେ ବୟାନ ଦେଇଥିଲେ। ଏହି ବୈଠକ ସମୟରେ ସେମାନେ ସମାନ ସହମତି ଜଣେଇ ଥିଲେ ଯେ ରୁଷିଆ ସେମାନଙ୍କର ପ୍ଲାଟଫର୍ମକୁ ହେରଫେର କରିଥିଲା। କିନ୍ତୁ ଏହି ପ୍ଲାଟଫର୍ମଗୁଡିକ ଯାଞ୍ଚ କରିବା ସମୟରେ ଯେତେବେଳେ ଫେକ୍ ଆକାଉଣ୍ଟ ଏବଂ ବିଜ୍ଞାପନ କ୍ରେତାଙ୍କ ବିଷୟରେ ଜାଣିଲେ, ସେତେବେଳେ ଏହା ଉପରେ ନିୟନ୍ତ୍ରଣର ଉପସ୍ଥିତିର ଅନୁମାନ ଲଗେଇଥିଲା।

ଇତ୍ୟବସରରେ, କାଲିଫର୍ଣ୍ଣିଆ ରାଜ୍ୟ ସରକାର ସେପ୍ଟେମ୍ବର ୨୦୧୮ରେ ଏକ ନିୟମ ପାସ୍ କରିଥିଲେ, ଯାହା ବିଦ୍ୟାଳୟରେ ଗଣମାଧ୍ୟମ ସାକ୍ଷରତାକୁ ସାହାରା ଦେଲା। ଏହା ଶିକ୍ଷା ବିଭାଗଠାରୁ ଭରସାଯୋଗ୍ୟ ଗଣମାଧ୍ୟମର ମୂଲ୍ୟାୟନ କିପରି କରାଯିବ, ସେଥିପାଇଁ ନିର୍ଦ୍ଦେଶାତ୍ମକ ସାମଗ୍ରୀ ଏବଂ ସମ୍ବଳର ତାଲିକା ଆବଶ୍ୟକ କଲା। ଏହି ନିୟମ ଷ୍ଟାନଫୋର୍ଡ ୟୁନିଭର୍ସିଟିର ଜଣେ ଛାତ୍ରଙ୍କ ଦ୍ୱାରା ପ୍ରେରିତ ହୋଇ କରାଯାଇଥିଲା, ଯିଏ ଜାଣିବାକୁ ପାଇଥିଲେ ଯେ ଅଧିକାଂଶ ଛାତ୍ର ପ୍ରାୟୋଜିତ ବିଷୟବସ୍ତୁ ଏବଂ ସମ୍ବାଦ କାହାଣୀ ଭିତରେ ପାର୍ଥକ୍ୟ ଜାଣି ପାରୁନଥିଲେ ଏବଂ ଅତି କମ୍‌ରେ ୨୪ଟି ରାଜ୍ୟରେ ଗଣମାଧ୍ୟମ ସାକ୍ଷରତାକୁ ବୃଦ୍ଧି କରିବା ପାଇଁ ସାମ୍ପ୍ରତିକ ଏବଂ ପୂର୍ବ ପଦକ୍ଷେପ ନେଇଥିଲେ। ପ୍ରୟାସ କରିଥିଲେ। ସେହି ରାଜ୍ୟମାନଙ୍କ ମଧ୍ୟରୁ ୱାଶିଂଟନ୍ ଗୋଟିଏ ଯେଉଁଠାରେ ନିୟମ ପ୍ରସ୍ତୁତକାରୀମାନେ ଗଣମାଧ୍ୟମ ସାକ୍ଷରତା ବିଲ୍ ଉପରେ ତର୍କ କରିଛନ୍ତି ଯେ ସ୍କୁଲ୍ ପାଠ୍ୟୋପକରଣରେ ଗଣମାଧ୍ୟମ ସାକ୍ଷରତାକୁ ଭର୍ତ୍ତି କରାଗଲେ ତାହା ଯେଉଁ ସଙ୍ଗଠନଗୁଡ଼ିକ ଏହି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଏକ ଅନୁଦାନ କାର୍ଯ୍ୟକ୍ରମ ସ୍ଥାପିତ କରିବ ଏବଂ ୨୦୧୮ରେ ମାସାଚ୍ୟୁସେଟ୍ସ୍‌ର ନିୟମ ପ୍ରସ୍ତୁତକାରୀ ଗଣମାଧ୍ୟମ ଉପରେ ଗୁରୁତ୍ୱ ଦେଇ ନାଗରିକ ଶିକ୍ଷାକୁ ବାଧ୍ୟତାମୂଳକ କରି ଏକ ବିଲ୍ ପାସ୍ କରିଥିଲେ। ୨୦୧୮ ମସିହା ସେପ୍ଟେମ୍ବର ମଧ୍ୟଭାଗରେ ଦୁଇଜଣ ଡେମୋକ୍ରାଟ୍ ଏବଂ ଜଣେ ରିପବ୍ଲିକାନ୍ ଦଳର ପ୍ରତିନିଧି ଜାତୀୟ ଗୁଇନ୍ଦା ସଂସ୍ଥାର ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖିଥିଲେ ଯେ ସେଥିରେ ସେ ବୌଦ୍ଧିକ ସମ୍ପ୍ରଦାୟକୁ ପ୍ରଶ୍ନ କରିଥିଲେ କି ଗଭୀର ମିଥ୍ୟା ପ୍ରଯୁକ୍ତି ଦ୍ୱାରା ଜାତୀୟ ସୁରକ୍ଷା ପ୍ରତି ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ କ'ଣ ତାହାକୁ ବୁଝ ଏବଂ ୨୦୧୮ ଶେଷ ସୁଦ୍ଧା କଂଗ୍ରେସ ନିକଟରେ ଏକ ରିପୋର୍ଟ ଦାଖଲ କର। ନିୟମ ପ୍ରଣୟନକାରୀମାନେ ଉଲ୍ଲେଖ କରିଥିଲେ ଯେ ବିଦେଶୀ ବିଜ୍ଞାପନଦାତାମାନେ ଆମେରିକାର ସ୍ୱାର୍ଥ ବିରୋଧରେ ଗଭୀର ମିଥ୍ୟା ଭିଡିଓ ବ୍ୟବହାର କରିବାର ସମ୍ଭାବନା ରହିଛି, ଯାହା ହେଉଛି ସେଗୁଡ଼ିକ ଉପରେ ଅନୁସନ୍ଧାନ କରିବାର ମୁଖ୍ୟ କାରଣ।

ଜାନୁଆରୀ ୨୦୧୯ରେ, ଏକ କମ୍ପାନୀ ମିଥ୍ୟା ସାମାଜିକ ମାଧ୍ୟମ ପ୍ରୋଫାଇଲ୍ ସୃଷ୍ଟି କରି ନ୍ୟୁୟର୍କ ଷ୍ଟେଟ୍ ଆଟର୍ଣ୍ଣି ସହିତ ଏକ ମାମଲାର ସମାଧାନ କରି ମିଲିୟନ ଡଲାରର ଅର୍ଥ ସଂଗ୍ରହ କରିଥିଲା ବୋଲି ସିଏନ୍‌ଏନ୍ ତା'ର ରିପୋର୍ଟରେ ପ୍ରକାଶ କରିଥିଲା। ଏହି ସମାଧାନ ପ୍ରଥମ ମାମଲା ଥିଲା, ଯେଉଁଥିରେ ନକଲି ସାମାଜିକ ମାଧ୍ୟମର କାର୍ଯ୍ୟକଳାପ ବିକ୍ରି ବେଆଇନ୍ ବୋଲି ଆଇନ୍ ପ୍ରଣୟନକାରୀମାନେ ରାୟ ଦେଇଛନ୍ତି।

### ଇଂଲଣ୍ଡ (ୟୁନାଇଟେଡ୍ କିଙ୍ଗଡମ୍)

ନିଆଯାଇଥିବା ପଦକ୍ଷେପ: ସଂସଦୀୟ ରିପୋର୍ଟ ଏବଂ ଟାସ୍କଫୋର୍ସ

ସରକାର କିପରି ଭୁଲ୍ ତଥ୍ୟ/ ସୂଚନାର ସମାଧାନ କରିବେ, ସେ ବିଷୟରେ ୧୮ ମାସ ଚିନ୍ତା କରିବା ପରେ ଇଂଲଣ୍ଡର ଆଇନ୍ ପ୍ରସ୍ତୁତକାରୀମାନେ ଜୁଲାଇ ୨୯,୨୦୧୮ରେ ଏକ ରିର୍ପୋଟ ପ୍ରକାଶ କରିଥିଲେ।

ସଂସଦର ଡିଜିଟାଲ, ସଂସ୍କୃତି, ଗଣମାଧ୍ୟମ ଏବଂ କ୍ରୀଡ଼ା କମିଟିର ସୁପାରିସ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଯେ ଅନ୍‌ଲାଇନ୍ ଖବର ଉପରେ ପ୍ରଚଳିତ ଗଣମାଧ୍ୟମ ନିୟମକୁ ପ୍ରୟୋଗ କରି ନକଲି ଖବରର ପ୍ରତ୍ୟାଖ୍ୟାନ କରିବା ଏବଂ କିପରି ତ୍ରୁଟିପୂର୍ଣ୍ଣ ସୂଚନା ସମ୍ପ୍ରସାରିତ ହେଉଥିଲା, ତାହା ଉପରେ ଗବେଷଣା କରିବା ପାଇଁ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବା।

ବ୍ରିଟିଶ ସରକାର ମଧ୍ୟ ଜାତୀୟ ସୁରକ୍ଷା ଯୋଗାଯୋଗ ୟୁନିଟ୍ ଗଠନ କରିଛନ୍ତି, ଯାହାର କାର୍ଯ୍ୟ ହେଉଛି 'ରାଷ୍ଟ୍ରର ଅଭିନେତା ଏବଂ ଅନ୍ୟମାନଙ୍କ ସହିତ ଏକତ୍ର ହୋଇ ବିଭ୍ରାନ୍ତିକର ସୂଚନାକୁ ମୁକାବିଲା କରିବା। ରୁଷିଆ ୨୦୧୬ ଗ୍ରୀଷ୍ମ ଋତୁରେ ହୋଇଥିବା ବ୍ରେକ୍ସିଟ୍ ରେଫରେଣ୍ଡମ୍ ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସାରଣ କରିବା ପାଇଁ ନକଲି ସାମାଜିକ ମାଧ୍ୟମ ଆକାଉଣ୍ଟ୍ ବ୍ୟବହାର କରୁଛି ବୋଲି ଖବର ପ୍ରକାଶ ପାଇବା ପରେ, ତାହା ଉପରେ କରାଯାଉଥିବା ଅନୁସନ୍ଧାନ ସମୟ ମଝିରେ ଏହି ନିର୍ଣ୍ଣୟ ନିଆଯାଇଥିଲା।

**ଭାରତରେ ତ୍ରୁଟିପୂର୍ଣ୍ଣ ତଥ୍ୟକୁ ରୋକିବା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ:**

ଭାରତରେ ଏକ ରାଜ୍ୟ ସରକାର ଅନ୍‌ଲାଇନ୍‌ରେ ତ୍ରୁଟିପୂର୍ଣ୍ଣ ସୂଚନା- ବିଶେଷକରି ଫଟୋକୁ ଏପଟସେପଟ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡ ବିଧାନ କରିବା ଲକ୍ଷ୍ୟ ନେଇ ଏକ ଆଇନ୍ ସୃଷ୍ଟି କରିବା ଉପରେ ବିଚାର କରୁଛି। ଜୁନ୍-୨୦୧୮ର ମଧ୍ୟଭାଗରେ ଇକୋନୋମିକ୍ ଟାଇମ୍ସ ରିପୋର୍ଟ ପ୍ରକାଶ କରିଥିଲା ଯେ ପଶ୍ଚିମବଙ୍ଗର ଅଧିକାରୀମାନେ ଚାହୁଁଛନ୍ତି ଯେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରକାଶନକୁ ରାଜ୍ୟ କିଭଳି ଅତିରିକ୍ତ ଭାବେ ଦୋଷୀ ସାବ୍ୟସ୍ତ କରିପାରିବ, ତାହା ସ୍ପଷ୍ଟ କରନ୍ତୁ। ସମ୍ପ୍ରତି ଯଦି ନାଗରିକମାନେ ତ୍ରୁଟିପୂର୍ଣ୍ଣ ସୂଚନାକୁ ପୋଷ୍ଟ କରିଥାନ୍ତି, ଯାହା ଜନସାଧାରଣଙ୍କ ମଧ୍ୟରେ ବିପଦ କିମ୍ବା ସତର୍କ ଘଣ୍ଟି ବଜାଇଥାଏ, ନାଗରିକମାନଙ୍କୁ ଜେଲ୍ ଦଣ୍ଡ ହୋଇପାରେ। ପ୍ରଚଳିତ ନିୟମକୁ ଦୃଢ଼ କରିବା ସହିତ ପଶ୍ଚିମବଙ୍ଗ ସାମାଜିକ ଗଣମାଧ୍ୟମରେ ଗତ କିଛି ବର୍ଷ ମଧ୍ୟରେ ପ୍ରସାରିତ ହୋଇଥିବା ନକଲି ଖବର କାହାଣୀର ଏକ ଡାଟାବେସ୍ ପ୍ରସ୍ତୁତ କରୁଛି। ଏହା ମଧ୍ୟ ଅତୀତର ଅପରାଧୀମାନଙ୍କର ରେକର୍ଡ ରଖିଛି ବୋଲି ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟରେ କୁହାଯାଇଛି। ଭାରତରେ ତ୍ରୁଟିପୂର୍ଣ୍ଣ ସୂଚନା ସହିତ ସଂଶ୍ଳିଷ୍ଟ ଉତ୍ତେଜନା ମଧ୍ୟରେ ଏହି ପ୍ରୟାସ ଆସିଛି। ହ୍ୱାଟସ୍‌ଆପ୍ ଭଳି ମେସେଜିଂ ପ୍ଲାଟଫର୍ମରେ ଗୁଜବ ସାରା ଦେଶରେ ହିଂସା ସୃଷ୍ଟି କରିଥିବା ଅଭିଯୋଗ ହୋଇଛି ଏବଂ ଅତୀତରେ ଜାତୀୟ ସରକାର ନିଜେ ନକଲି- ବିରୋଧୀ ଖବର ନିର୍ଦ୍ଦେଶାବଳୀ ଦେବାକୁ ଚେଷ୍ଟା କରିଛନ୍ତି।

ଅକ୍ଟୋବର ମାସରେ ୱାୟାର୍ଡ ରିପୋର୍ଟ କରିଥିଲା ଯେ ହ୍ୱାଟ୍‌ସଆପ୍‌ରେ ସମ୍ପ୍ରସାରିତ ହେଉଥିବା ଗୁଜବ ପ୍ରଚାରକୁ ଦୂର କରିବା ପାଇଁ ଭାରତ ସରକାର ୧୦୦ରୁ ଅଧିକ ଥର ଇଣ୍ଟରନେଟ୍‌କୁ ବନ୍ଦ କରିଦେଇଛନ୍ତି। ଫ୍ରିଡମ୍ ହାଉସ୍‌ର ରିପୋର୍ଟ ଅନୁସାରେ, ଏହି ବନ୍ଦ ଯୋଗୁଁ ଭାରତ ଶହ ଶହ କୋଟି ଡଲାର୍ କ୍ଷତି ସହିଛି ଏବଂ ଏହା ଅନ୍ୟାନ୍ୟ ଦେଶ ତୁଳନାରେ ଅଧିକ ପୁନଃପୌନିକ/ ବାରମ୍ବାର ହେଉଛି। ଡିସେମ୍ବର ମାସରେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ୨୦୦୦ ମସିହାର ସୂଚନା ପ୍ରଯୁକ୍ତି ନିୟମରେ ଡ୍ରାଫ୍ଟ

ପରିବର୍ତ୍ତନ ସମ୍ପର୍କରେ ପ୍ରକାଶ କରିଥିଲା, ଯାହା ସରକାର ବାଧ୍ୟ କରିବା ଫଳରେ ସାମାଜିକ ମାଧ୍ୟମ ପ୍ଲାଟଫର୍ମ ମେସେଜ୍‌ର ସୃଷ୍ଟିକର୍ତ୍ତାଙ୍କୁ ଖୋଜିବା ଆରମ୍ଭ କରିବା ପାଇଁ ଆବଶ୍ୟକ ହୋଇଥିଲା। ଏହି ପ୍ରୟାସ ହ୍ୱାଟସ୍‌ଆପ୍ ଭଳି ପ୍ଲାଟଫର୍ମରେ ବେଆଇନ୍ ବିଷୟବସ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାର ସମ୍ପ୍ରସାରଣକୁ ରୋକିବା ଲକ୍ଷ୍ୟ ନେଇ କରାଯାଇଛି।

## ୪.୩: ଆସ ପ୍ରଗତି ମାପିବା

୧) ତ୍ରୁଟିପୂର୍ଣ୍ଣ /ଭୁଲ୍ ସୂଚନାକୁ ବିଭ୍ରାନ୍ତିକର ସୂଚନାଠାରୁ ପୃଥକ୍ କର।

-----------------------------------------------------------

-----------------------------------------------------------

-----------------------------

୨) ତ୍ରୁଟିପୂର୍ଣ୍ଣ ସୂଚନାର ମୁକାବିଲା କରିବା ପାଇଁ ଭାରତ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

-----------------------------------------------------------

-----------------------------------------------------------

-----------------------------

୩) ଭୁଲ୍ ସୂଚନାର ସମ୍ପ୍ରସାରଣକୁ ରୋକିବା ପାଇଁ ଡିଜିଟାଲ୍ ସାକ୍ଷରତା କିପରି ସାହାଯ୍ୟ କରିଥାଏ ?

-----------------------------------------------------------

-----------------------------------------------------------

-----------------------------

Odisha State Open University, Sambalpur
www.osou.ac.in
e-mail: info@osou.ac.in